

ଯା ଦେବୀ ସର୍ବଭୂତେଷୁ............


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ଶୁକ୍ରବାର, ୧୦ ଜୁନ୍ ୨୦୨୨ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ FRIDAY 10 JUNE 2022
Vol.No. 35 ■ No. 151 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2022





ପ୍ରକାଶକ : ସୁବର୍ଣ୍ଣଶ୍ରୀ ପ୍ରକାଶିନୀ ବାଲେଶ୍ୱର-୧

ସୃଷ୍ଟିଧର ପରିଡ଼ାଙ୍କର ଏମିତି ଚାଲିଥିବ

ସୈରିନ୍ଧ୍ରୀ ସାହୁଙ୍କର ରଫ୍ଖାତାର ଚିତ୍ର

ପ୍ରାପ୍ତିସ୍ଥାନ

ନଲେଜ୍ କର୍ଣ୍ଣର, ସହଦେବଖୁଣ୍ଟା ବସ୍ଷ୍ଟାଣ୍ଡ ସାମନା ବାଲେଶ୍ୱର-୧


# ଜୁଲାଇ ୧୮ରେ ରାଷ୍ଟ୍ରପତି ନିର୍ବାଚନ



ନୂଆଦିଲ୍ଲୀ, ୦୯/୦୬ : ଆସନ୍ତା ଜୁଲାଇ ୧୮ ତାରିଖରେ ହେବ ରାଷ୍ଟ୍ରପତି ନିର୍ବାଚନ। ଆଜି ମୁଖ୍ୟ ନିର୍ବାଚନ କମିଶନ ଘୋଷଣା କରିଛନ୍ତି। ଆସନ୍ତା ଜୁଲାଇ ୨୪ରେ ସରୁଛି ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ କାର୍ଯ୍ୟକାଳ। ଜୁଲାଇ ୨୫ରେ ନବନିର୍ବାଚିତ ରାଷ୍ଟ୍ରପତି ଶପଥ ନେବେ। ରାଷ୍ଟ୍ରପତି ନିର୍ବାଚନ ପାଇଁ ଜୁନ ୧୫ରେ ବିଜ୍ଞପ୍ତି ପ୍ରକାଶ ପାଇବ। ଜୁନ ୨୯ ପର୍ଯ୍ୟନ୍ତ ନାମାଙ୍କନ ପତ୍ର ଦାଖଲ କରିପାରିବେ ପ୍ରାର୍ଥୀ। ଜୁନ ୩୦ରେ ନାମାଙ୍କନ ଯାଞ୍ଚ ହେବ। ଜୁଲାଇ ୨ ପର୍ଯ୍ୟନ୍ତ ପ୍ରାର୍ଥୀ ପତ୍ର ପ୍ରତ୍ୟାହାର କରାଯାଇପାରିବ। ଜୁଲାଇ ୨୧ରେ ଭୋଟ ଗଣତି ହେବ। ଜୁଲାଇ ୨୪ ସୁଦ୍ଧା ସମସ୍ତ ପ୍ରକ୍ରିୟା ଶେଷ ହେବ ଓ ଜୁଲାଇ ୨୫ରେ ନୂଆ ରାଷ୍ଟ୍ରପତି ଶପଥ ଗ୍ରହଣ କରିବେ ବୋଲି ମୁଖ୍ୟ ନର୍ବାଚନ କମିଶନ କହିଛନ୍ତି। ଜଣେ ପ୍ରାର୍ଥୀଙ୍କୁ ପ୍ରାର୍ଥିପତ୍ର ସହ ୫୦ ଜଣ ପ୍ରସ୍ତାବକ ଦେବାକୁ ପଡ଼ିବ। ୫୦ ପ୍ରସ୍ତାବକ ଓ ୫୦ ସମର୍ଥକ ଦେଇ ନାମାଙ୍କନ କରିବାକୁ ପଡ଼ିବ। ସାଂସଦ ମାନେ ସଂସଦରେ, ବିଧାୟକମାନେ ବିଧାନସଭାରେ ଭୋଟଦେବେ। ୪୦୩୩ ବିଧାୟକ ଏହି ରାଷ୍ଟ୍ରପତି ନିର୍ବାଚନରେ ଭାଗ ନେବେ। ମୋଟ ୪୮୦୯ ଜଣ ଭୋଟର ବାଛିବେ ଦେଶର ଆଗାମୀ ରାଷ୍ଟ୍ରପତି। ଏହି ଭୋଟିଂ ଗୋପନୀୟ ରହିବ। ଭୋଟ ଦେବା ପାଇଁ ଆୟୋଗ ତାଙ୍କ ତରଫରୁ ପାନ୍ ପ୍ରଦାନ କରିବେ। ଅନ୍ୟ ପେନ୍‌ର ବ୍ୟବହାର କରିଥିଲେ, ଭୋଟ୍ ଗଣିବା ସମୟରେ ଉକ୍ତ ଭୋଟ୍ ଅବୈଧ ଘୋଷିତ ହେବ। ସମସ୍ତ ଦଳ ନିଜ ନିଜ ସଦସ୍ୟଙ୍କ ପାଇଁ କୌଣସି ହ୍ୱିପ କରିପାରିବେ ନାହିଁ ବୋଲି ଭାରତୀୟ ନିର୍ବାଚନ ଆୟୋଗଙ୍କ ପକ୍ଷରୁ ଆଜି ସାମ୍ବାଦିକ ସମ୍ମିଳନୀରେ ମୁଖ୍ୟ ନିର୍ବାଚନ କମିଶନ ରାଜୀବ କୁମାର ଘୋଷଣା କରିଛନ୍ତି। ଦେଶର ସାଂସଦ ଓ ବିଧାୟକମାନଙ୍କୁ ନେଇ ଗଠିତ ଇଲେକ୍ଟୋରାଲ କଲେଜ ରାଷ୍ଟ୍ରପତିଙ୍କୁ ନିର୍ବାଚିତ କରିଥାନ୍ତି। ଏହି ଇଲେକ୍ଟୋରାଲ କଲେଜରେ ୭୭୬ ଜଣ ସାଂସଦ ଏବଂ ସମସ୍ତ ରାଜ୍ୟ ବିଧାନସଭାର ସଦସ୍ୟ ଅନ୍ତର୍ଭୁକ୍ତ।

# ଓୱେସି ଓ ସ୍ୱାମୀ ନରସିଂହାନନ୍ଦଙ୍କ ବିରୋଧରେ ଏଫ୍ଆଇଆର୍



ନୂଆଦିଲ୍ଲୀ, ୦୯/୦୬ : ହେଟ୍ ସ୍ପିଚ୍ ଓ ସୋଶାଲ ମିଡିଆରେ ଘୃଣାଭାବ ବିସ୍ତାର କରୁଥିବା ବ୍ୟକ୍ତିଙ୍କ ବିରୋଧରେ ଦିଲ୍ଲୀ ପୁଲିସ ବଡ ଆକ୍ସନ ନେଇଛି। ଭିନ୍ନ ଭିନ୍ନ ଧର୍ମ ବିରୋଧରେ ଆପତ୍ତିଜନକ ଟିପ୍ପଣୀ କରାଯାଉଥିବା ଏବଂ ବିବାଦୀୟ ବୟାନ ତଥା ସୋଶାଲ ମିଡିଆରେ ଘୃଣାଭାଗ ବିସ୍ତାର କରିବା ଅଭିଯୋଗରେ ଏଆଇଏମ୍ଆଇଏମ୍ ଅସଦ୍ଦୁଦିନ ଓୱେସି ଓ ସ୍ୱାମୀ ୟତିନ ରସିଂହାନନ୍ଦଙ୍କ ବିରୋଧରେ ମାମଲା ରୁଜୁ ହୋଇଛି। ଦିଲ୍ଲୀ ସାଇବର ସେଲ୍ ପୁଲିସ ଏମାନଙ୍କ ବିରୋଧରେ ଏଫ୍ଆଇଆର୍ ରୁଜୁ କରିଛି। ଏହାପୂର୍ବରୁ ଦିଲ୍ଲୀ ପୁଲିସ IFSO ୟୁନିଟ୍ ନୂପୁର ଶର୍ମା ଓ ନବୀନ ଜିନ୍ଦଲଙ୍କ ସମେତ ୯ ଜଣଙ୍କ ବିରୋଧରେ ଏଫ୍ଆରଇ ରୁଜୁ କରିଥିଲା। ଦିଲ୍ଲୀ ପୁଲିସର ସୂଚନା ମୁତାବକ, ଏଆଇଏମ୍ଆଇଏମ୍ ପ୍ରମୁଖ ଅସଦ୍ଦୁଦିନ ଓୱେସି ଓ ସ୍ୱାମୀ ନରସିଂହାନନ୍ଦଙ୍କ ବିରୋଧରେ ସୋଶାଲ ମିଡିଆ ମାଧ୍ୟମରେ ସମାଜରେ ଘୃଣାଭାବ ବିସ୍ତାର କରିବା, ଭୁଲ୍ ବାର୍ତ୍ତା ପଠାଇବା ଓ ଧାର୍ମିକ ଭାବନାକୁ ଆଘାତ ଦେବା ଅଭିଯୋଗ ରହିଛି। ଓୱେସିଙ୍କ ବିରୋଧରେ ମାମଲା ରୁଜୁ ହେବା ପରେ ପାର୍ଲାମେଣ୍ଟ ଷ୍ଟ୍ରିଟ୍ ଥାନା ବାହାରେ ହଠାତ୍ ଏଆଇଏମ୍ଆଇଏମ୍‌ର ଅନେକ କାର୍ଯ୍ୟକର୍ତ୍ତା ଏକାଠି ହୋଇ ନାରାବାଜି କରିଛନ୍ତି। ପରେ ପୁଲିସ ସମସ୍ତଙ୍କୁ ଅଟକ ରଖିଛି। ନୂପୁର ଶର୍ମାଙ୍କ ମାମଲାରେ ଓୱେସି ଲଗାତାର ବୟାନବାଜୀ କରୁଥିଲେ। ଏକ ଟେଲିଭିଜନ ବିତର୍କରେ ଭାଗ ନେଇ ନୂପୁର ଶର୍ମା ପ୍ରଫେଟ୍ ମହମ୍ମଦଙ୍କ ବିରୋଧରେ ଆପତ୍ତିଜନକ ଟିପ୍ପଣୀ ଦେଇଥିଲେ। ଏହା ପରେ ଏହି ବିବାଦ ବଢ଼ିଥିଲା। ସେଥିପାଇଁ ବିଦେଶରେ ମଧ୍ୟ ଭାରତକୁ ସମାଲୋଚିତ ହେବାକୁ ପଡ଼ିଛି। ବିଶେଷ କରି ମୁସ୍‌ଲିମ୍ ରାଷ୍ଟ୍ର ଗୁଡ଼ିକ ଏହି ଘଟଣାରେ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। ବିଜେପି ନୂପୁର ଶର୍ମାଙ୍କୁ ଦଳରୁ ନିଲମ୍ବିତ କରିଛି। ତେବେ ଏତିକି କାର୍ଯ୍ୟାନୁଷ୍ଠାନରେ କେହି ସନ୍ତୁଷ୍ଟ ନାହାନ୍ତି। ତାଙ୍କୁ ଗିରଫ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ହୋଇଛି। ବିଜେପି ତରଫରୁ କୁହାଯାଇଛି ଯେ ନୂପୁର ଶର୍ମା ଦେଇଥିବା ମନ୍ତବ୍ୟ ଦଳର ମୂଳ ବିଚାରଧାରା ବିରୋଧୀ।

## ରାଜଧାନୀରେ ସ୍ତ୍ରୀର ତଂଟିକାଟି ହତ୍ୟା କଲା ସ୍ୱାମୀ, ଝିଅ ଗୁରୁତର

ଭୁବନେଶ୍ୱର, ୦୯/୦୬ (ନି.ପ୍ର): ପାରିବାରିକ କଳହରୁ ତଂଟି କାଟି ସ୍ତ୍ରୀକୁ ହତ୍ୟା କରିଛି ସ୍ୱାମୀ। ଏଥିସହ ନିଜ ୬ ବର୍ଷର ଝିଅର ବି ତଂଟି କାଟି ଦେଇଛି। ତେବେ ଝିଅଟି ମୃତ୍ୟୁ ମୁଖରୁ ବର୍ତି ଯାଇଛି। ରାଜଧାନୀର ଘାଟିକିଆ ଅଂଚଳରେ ଏଭଳି ଘଟଣା ଘଟିଛି। ମୃତ ମହିଳାଙ୍କ ନାଁ ସରସ୍ୱତୀ ଦାସ। ଘଟଣାପରେ ଅଭିଯୁକ୍ତ ସ୍ୱାମୀ ସଞ୍ଜିତ ଦାସ ଫେରାର ହୋଇଯାଇଛନ୍ତି। ସୂଚନା ଅନୁଯାୟୀ ଅଭିଯୁକ୍ତ ସଞ୍ଜିତ କିଛି ରୋଜଗାର କରୁ ନ ଥିବା ବେଳେ ସବୁବେଳେ ନିଶାଗ୍ରସ୍ତ ରହୁଥିଲେ। ତାଙ୍କ ପତ୍ନୀ ସରସ୍ୱତୀ ଦାସ ନର୍ସ ଭାବେ କାମ କରୁଥିଲେ। ସେମାନଙ୍କର ଦୁଇଟି ଝିଅ। ଜଣଙ୍କୁ ୬ ବର୍ଷ ହୋଇଥିବା ବେଳେ ଆଉ ଜଣଙ୍କୁ ମାତ୍ର ୪ ଦିନ ହୋଇଛି। କୌଣସି ଘଟଣାକୁ ନେଇ ଆଜି ପତିପତ୍ନୀଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ପରେ ନିଜ ହିତାହିତ ଜ୍ଞାନ ହରାଇ ବସିଥିବା ସଞ୍ଜିତ ଏକ ଧାରୁଆ ଅସ୍ତ୍ରରେ ତାଙ୍କ ପତ୍ନୀ ଓ ବଡ଼ ଝିଅର ବେକ କାଟି ଦେଇଥିଲେ। ଘଟଣାସ୍ଥଳରେ ସରସ୍ୱତୀଙ୍କ ମୃତ୍ୟୁ ହୋଇଥିବା ବେଳେ ଝିଅକୁ ଗୁରୁତର ଅବସ୍ଥାରେ ନିକଟସ୍ଥ ହସ୍ପିଟାଲରେ ଭର୍ତି କରାଯାଇଛି। ସେ ଏବେ ବିପଦମୁକ୍ତ ଥିବା ଜଣାଯାଇଛି। ଖବର ପାଇ ଭୁବନେଶ୍ୱର ଡିସିପି ଓ ପୋଲିସ୍ ଟିମ୍ ପହଂଚି ଘଟଣାର ତଦନ୍ତ କରିଛନ୍ତି।

# ଡରାଇଲାଣି ଡେଙ୍ଗୁ, ଓଡ଼ିଶାରେ ନେଲା ପ୍ରଥମ ଜୀବନ



ଭୁବନେଶ୍ୱର, ୦୯/୦୬ (ନି.ପ୍ର): ମଣିଷ ମାରିବା ଆରମ୍ଭ କରିଛି ଡେଙ୍ଗୁ । ଓଡିଶାରେ ପ୍ରଥମ କରି ଡେଙ୍ଗୁରେ ନୀଳାଦ୍ରିବିହାରର ଅବସରପ୍ରାପ୍ତ ପୋଲିସ୍ ଅଧିକାରୀ ସୁଦର୍ଶନ ସେଠୀଙ୍କ ମୃତ୍ୟୁ ହୋଇଛି । ରାଜଧାନୀରେ ଡେଙ୍ଗୁ ସଂକ୍ରମିତ ରୋଗୀଙ୍କ ସଂଖ୍ୟା ବଢିଥିବାବେଳେ ଏହା ଆତଙ୍କଜନକ ପରିସ୍ଥିତି ସୃଷ୍ଟି କରିଛି । ରାଜଧାନୀ ଭୁବନେଶ୍ୱରରେ ଚିନ୍ତା ବଢ଼ାଇଛି ଡେଙ୍ଗୁ । ବିଶେଷକରି ଡେଙ୍ଗୁରେ ନୀଳାଦ୍ରିବିହାରର ଅବସରପ୍ରାପ୍ତ ପୋଲିସ୍ ଅଧିକାରୀଙ୍କ ସୁଦର୍ଶନ ସେଠୀଙ୍କ ମୃତ୍ୟୁ ପରେ ଆତଙ୍କ ଖେଳିଯାଇଛି । ଗତ ୨ ତାରିଖରେ ଏକ ଘରୋଇ ହସ୍ପିଟାଲରେ ଭର୍ତି ହୋଇଥିଲେ । ରାଜଧାନୀରେ ବିଶେଷକରି ଡମଣା ଓ ଶ୍ରୀବିହାର ଅଂଚଳରେ ଡେଙ୍ଗୁ ଆକ୍ରାନ୍ତଙ୍କ ସଂଖ୍ୟା ବଢୁଛି । ପ୍ରତିଦିନ ଘରୋଇ ହସପିଟାଲରେ ଏଭଳି ୪ରୁ ୫ ଜଣ ଆକ୍ରାନ୍ତ ଚିହ୍ନଟ ହେଉଥିବା ଜଣାପଡ଼ିଛି । କିନ୍ତୁ ସରକାରୀ ତଥ୍ୟ ଅନୁସାରେ, ରାଜଧାନୀରେ ମାତ୍ର ଦୁଇଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ଏବେ ଡେଙ୍ଗୁରେ ଜଣଙ୍କର ମୃତ୍ୟୁ ହେବା ପରେ ବିଏମସିର ଚେତା ପଶିଛି । ବିଏମସିର ନବନିର୍ବାଚିତ ମେୟର ସୁଲୋଚନା ଦାସ କହିଛନ୍ତି ଯେ ବର୍ଷା ଋତୁ ଆସୁଥିବାରୁ ଲୋକଙ୍କୁ ସଚେତନ କରାଯିବ ଏବଂ ବିଭିନ୍ନ ସ୍ଥାନରେ ମଶା ତେଲ ସ୍ପ୍ରେ କରିବା ଉପରେ ଗୁରୁତ୍ୱ ଦିଆଯିବ । ସେପଟେ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ କହିଛନ୍ତି ଯେ ଏଡିସ୍ ମଶା ଯୋଗୁଁ ଡେଙ୍ଗୁ ବ୍ୟାପୁଛି । ତେଣୁ କୌଣସି ସ୍ଥାନରେ ପାଣି ନଜମାଇବାକୁ ପରାମର୍ଶ ଦେଇଛନ୍ତି । ରାଜଧାନୀରେ ଡେଙ୍ଗୁ ଗତବର୍ଷ ବି ଉଗ୍ରରୂପ ନେଇଥିଲା । ଏବେ ଡେଙ୍ଗୁ ପ୍ରାଥମିକ ପର୍ଯ୍ୟାୟରେ ଥିବା ବେଳେ ଆଗକୁ କିପରି ଅଧିକ ନବ୍ୟାପିବ, ସେଥିପ୍ରତି ବିଏମସି କି ପଦକ୍ଷେପ ନେଉଛି, ତାହା ଦେଖିବାକୁ ବାକି ରହିଲା ।

# ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ରଥଯାତ୍ରା ନେଇ ସମୀକ୍ଷା ବୈଠକ



ଭୁବନେଶ୍ୱର, ୦୯/୦୬ (ନି.ପ୍ର): ଚଳିତ ବର୍ଷ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ଉପଲକ୍ଷେ ବିଭାଗ ପକ୍ଷରୁ ନିର୍ଦ୍ଧାରିତ କାର୍ଯ୍ୟକ୍ରମଗୁଡ଼ିକର ସଫଳ ରୂପାୟନ ଉପରେ ଗୁରୁତ୍ୱ ଦେଇ ପୁଙ୍ଖାନୁପୁଙ୍ଖ ସମୀକ୍ଷା କରିଛନ୍ତି ସୂଚନା ଓ ଲୋକସଂପର୍କ ମନ୍ତ୍ରୀ ପ୍ରଦିପ କୁମାର ଅମାତ । ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରାକୁ ଶୃଙ୍ଖଳିତ ଓ ସରସସୁନ୍ଦର କରିବାରେ ସୂଚନା ଓ ଲୋକସଂପର୍କ ବିଭାଗର ଦାୟିତ୍ୱଗୁଡ଼ିକ ବାବଦରେ ସଚେତନ ହୋଇ ସଫଳ ସଂପାଦନରେ ଅଧିକାରୀ ତଥା କର୍ମଚାରୀମାନେ ପ୍ରତିବଦ୍ଧ ହେବାକୁ ମନ୍ତ୍ରୀ ଶ୍ରୀ ଅମାତ ପରାମର୍ଶ ଦେଇଥିଲେ । ରଥଯାତ୍ରାର ବିଶ୍ୱପ୍ରସିଦ୍ଧିକୁ ଦୃଷ୍ଟିରେ ରଖି ପ୍ରଚାର, ବିଜ୍ଞାପନ ଓ ପ୍ରଦର୍ଶନୀ ଇତ୍ୟାଦି ନେଇ ବିଶେଷ ଗୁରୁତ୍ୱ ଦେବାକୁ ମନ୍ତ୍ରୀ କହିଥିଲେ । ବିଭାଗୀୟ ପ୍ରମୁଖ ଶାସନ ସଚିବ ବିଷ୍ଣୁପଦ ସେଠୀ ସମୀକ୍ଷା ବୈଠକରେ ଯୋଗଦେଇ ସାମାଜିକ ଗଣମାଧ୍ୟମରେ ବିଭାଗୀୟ କାର୍ଯ୍ୟକ୍ରମଗୁଡ଼ିକର ବ୍ୟାପକ ପ୍ରସାର ପାଇଁ ପରାମର୍ଶ ଦେବା ସହିତ ଶ୍ରୀଜଗନ୍ନାଥଙ୍କ ମହିମା ସମ୍ବଳିତ ବିଭିନ୍ନ କିମ୍ବଦନ୍ତୀ, ଲୋକକଥା, ତଥ୍ୟର ପ୍ରଚାର ଉପରେ ବିଭାଗ ଗୁରୁତ୍ୱ ଦେବ ବୋଲି ଉଲ୍ଲେଖ କରିଥିଲେ । ବିଭାଗୀୟ ନିର୍ଦ୍ଦେଶକ ଇନ୍ଦ୍ରମଣି ତ୍ରିପାଠୀ ▶▶ପୃଷ୍ଠା ୭

## ବାରବାଟୀ ଟି-୨୦ : ଆଜି ପହଂଚିବେ ୨ ଦେଶର ଖେଳାଳି

ଭୁବନେଶ୍ୱର, ୦୯/୦୬ (ନି.ପ୍ର): ଆସନ୍ତା ୧୨ ତାରିଖରେ ବାରବାଟୀ ଷ୍ଟାଡିୟମରେ ଖେଳାଯିବାକୁ ଥିବା ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଟି-୨୦ ମ୍ୟାଚ୍ ପାଇଁ ଆସନ୍ତାକାଲି ୨ ଦେଶର ଖେଳାଳି ଭୁବନେଶ୍ୱରରେ ପହଂଚିବେ। ଏହାପୂର୍ବରୁ ଗୁରୁବାର ଅପରାହ୍ନରେ ଭୁବନେଶ୍ୱର ବିମାନ ବନ୍ଦରରୁ ଖେଳାଳି ରହିବାକୁ ଥିବା ମେଫେୟାର ହୋଟେଲ ପର୍ଯ୍ୟନ୍ତ କାରକେଡ୍ ଅଭ୍ୟାସ୍ କରାଯାଇଛି। କଡା ସୁରକ୍ଷା ମଧ୍ୟରେ ଖେଳାଳିମାନଙ୍କୁ ବିମାନବନ୍ଦରରୁ ଜୟଦେବ ବିହାର ଦେଇ ହୋଟେଲ ଅଣାଯିବ। ସେହିପରି ପୂର୍ବାହ୍ନରେ ଖେଳାଳି ଆସିବା ପୂର୍ବରୁ ଏୟାରପୋର୍ଟରେ ସୁରକ୍ଷା ବ୍ୟବସ୍ଥାର ଯାଂଚ କରିଛି କମିଶନରେଟ ପୋଲିସ । ଭୁବନେଶ୍ୱର ଡିସିପି ପ୍ରତୀକ୍ ସିଂ ଭୁବନେଶ୍ୱର ଏୟାରପୋର୍ଟରେ ସୁରକ୍ଷା ବ୍ୟବସ୍ଥାର ତଦାରଖ କରିଛନ୍ତି । କିଭଳି ଖେଳାଳିଙ୍କୁ କର୍ଡନ କରି ହୋଟେଲ ପର୍ଯ୍ୟନ୍ତ ନିଆଯିବ ସେ ନେଇ ରୁଟ ମ୍ୟାପ ପ୍ରସ୍ତୁତ କରିଛନ୍ତି । ବିଭିନ୍ନ ସ୍ଥାନରେ ସାଧାପୋଷାକରେ ପୋଲିସ ମୁତୟନ ହେବେ । ଏୟାରପୋର୍ଟ ଅଥରିଟିଙ୍କ ସହ ମଧ୍ୟ ଆଲୋଚନା କରିଛନ୍ତି ଡିସିପି । ପ୍ରଥମ ଥର ପାଇଁ ଭିଭିଆଇପି ଗେଟରେ ବାହାରିବେ ଉଭୟ ଦେଶର ଖେଳାଳି । ପୂର୍ବରୁ କାର୍ଗୋ ଗେଟ ଦେଇ ବାହରୁଥିଲେ ଖେଳାଳି। ଏଥିପାଇଁ ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ଗହଳିକୁ ଆଖି ଆଗରେ ରଖି ବ୍ୟାରିକେଡ ବ୍ୟବସ୍ଥା କରାଯିବ। ସୁରକ୍ଷା ବ୍ୟବସ୍ଥାରେ ସମୁଦାୟ ୨୧ ପ୍ଲାଟୁନ ଫୋର୍ସ ମୁତୟନ ହେବେ।

# ଭାରତୀୟ ତୈଳ କମ୍ପାନୀ ସହ ଡିଲ କଲାନି ଋଷ : ବଢିପାରେ ତେଲ ଦର



ନୂଆଦିଲ୍ଲୀ, ୦୯/୦୬ : ତେଲ ବିକିବାକୁ ଭାରତୀୟ ତୈଳ କମ୍ପାନୀ ସହ ଡିଲ କରିବାକୁ ମନା କରିଦେଲା ଋଷ । ସେଥିପାଇଁ ଭାରତର ଦୁଇଟି ସଂସ୍ଥା ସହ ଏହି ବୁଝାମଣାକୁ ସ୍ଥଗିତ ରଖିଛି । ଅନ୍ୟମାନଙ୍କୁ ତେଲ ଦେବା ଲାଗି ଋଷ ବୁଝାମଣା କରିସାରିଥିବାରୁ ଅତିରିକ୍ତ ତେଲର ଅଭାବ ଦେଖାଦେଇଛି । ରିହାତିରେ ଋଷ ତେଲ ବିକ୍ରି କରୁଥିବାରୁ ଭାରତ ସେଠାରୁ ବିପୁଳ ପରିମାଣରେ ତାହା କିଣୁଥିଲା ହେଲେ ଏବେ ଏଥିରେ ସମସ୍ୟା ସୃଷ୍ଟି ହୋଇଛି । ଭାରତୀୟ ତୈଳ କମ୍ପାନୀ ଗୁଡିକୁ ବର୍ତ୍ତମାନ ସ୍ଥିତିରେ ତେଲ ଦେବାକୁ ମନା କରିଦେଇଛି ଋଷର ରୋଜନେଫ୍ଟ କମ୍ପାନୀ । ୬ ମାସ ପର୍ଯ୍ୟନ୍ତ ତେଲ କିଣିବା ଲାଗି ଋଷର ଏହି କମ୍ପାନୀ ସହ ୩ ଭାରତୀୟ ତୈଳ କମ୍ପାନି ଇଣ୍ଡିଆନ୍ ଅଏଲ, ଭାରତ ପେଟ୍ରୋଲିଅମ୍ ଓ ହିନ୍ଦୁସ୍ତାନ ପେଟ୍ରୋଲିଅମ ଆଲୋଚନା ଜାରି ରଖିଛନ୍ତି । ସୂଚନା ମୁତାବକ, ତେଲ ଦେବାକୁ ଋଷ କମ୍ପାନୀ ମନା କରିବା ପରେ ଭାରତୀୟ ତୈଳ କମ୍ପାନୀ ଗୁଡିକ ଆଗାମୀ ଦିନ ମାନଙ୍କରେ ସ୍ପଟ୍ ମାର୍କେଟରୁ ତେଲ କିଣିବାକୁ ବାଧ ହେବେ । ଏହାର ସିଧା ପ୍ରଭାବ ଗ୍ରାହକଙ୍କ ଉପରେ ପଡିବାର ଯଥେଷ୍ଟ ସମ୍ଭାବନା ରହିଛି । ଆଗକୁ ତେଲ ଦର ପୁଣିଥରେ ବଢିବାର ଅଶଙ୍କା ଥିବା କୁହାଯାଉଛି ।

# ୬୪ ବସ୍ତା ଗଞ୍ଜେଇ ଜବତ, ୨ ଜଣଙ୍କୁ ବାନ୍ଧିଲା ପୁଲିସ

ଚିତ୍ରକୁଣ୍ଡା, ୦୯/୦୬ (ନି.ପ୍ର): ଫିଲ୍ମ ଷ୍ଟାଇଲରେ ୬୪ ବସ୍ତା ଗଞ୍ଜେଇ ଜବତ କରିଛି ମାଲକାନଗିରି ପୁଲିସ୍। ଏଥିସହ ୨ ଜଣ ଯୁବକଙ୍କୁ କାବୁ କରିବାକୁ ସକ୍ଷମ ହୋଇଛି। ଜବତ ୬୪ଟି ବସ୍ତାରେ ମୋଟ ୧୫୯୬ କେଜି ଗଞ୍ଜେଇ ରହିଥିଲା। ଏତେ ପରିମାଣର ଗଞ୍ଜେଇ ଓଡ଼ିଶାରୁ ଆନ୍ଧ୍ରକୁ ଚାଲାଣ ହେଉଥିବା ବେଳେ ପୁଲିସ୍ ଏଗୁଡ଼ିକୁ ଜବତ କରିବାକୁ ସକ୍ଷମ ହୋଇଛି। ପୁଲିସ କହିଛି ଯେ ମାଲକାନଗିରି ଜିଲ୍ଲା ଚିତ୍ରକୁଣ୍ଡା ଥାନା ଅନ୍ତର୍ଗତ ୧୩ନଂ ଗାଁ ଛକରୁ ୧୫୯୬ କେଜି ୩୦୦ ଗ୍ରାମ ଗଞ୍ଜେଇ ଜବତ କରାଯାଇଛି। ୭ ତାରିଖ ରାତିରେ ନିଶାଦ୍ରବ୍ୟ ଚୋରା ଚାଲାଣର ଖବର ଚିତ୍ରକୁଣ୍ଡା ପୁଲିସ୍ ପାଖରେ ପହଞ୍ଚିଥିଲା। ଏହାକୁ ରୋକିବା ପାଇଁ ଚିତ୍ରକୁଣ୍ଡା ପୁଲିସ୍‌ର ଗୋଟିଏ ଟିମ ରାତି ସମୟରୁ ଆରଏସସି ୧୩ ନଂ, ୧୧ନଂ ଓ ୧୦ ନଂ ଅଞ୍ଚଳରେ ଆରମ୍ଭ କରିଥିବା ଜୋରଦାର ପ୍ୟାଟ୍ରୋଲିଂ। ଏଥିସହ ରାସ୍ତାରେ ଯାଉଥିବା ଗାଡ଼ିଗୁଡ଼ିକୁ ଯାଞ୍ଚ କରାଯାଉଥିଲା। ଯାଞ୍ଚ ବେଳେ କିଛି ଯୁବକ ଆରଏସ୍‌ସି ୧୩ନଂ ଛକ ଠାରୁ ଦୁଇଶହ ମିଟର ଦୂରରେ ଥିବା ଗୋଟିଏ ଜଙ୍ଗଲ ରାସ୍ତାରେ ଛିଡ଼ା ହୋଇଥିବା ପୁଲିସ୍ ଦେଖିବାକୁ ପାଇଥିଲା। ଅନ୍ଧାର ରାତିରେ କିଛି ଯୁବକ ଜଙ୍ଗଲ ରାସ୍ତାରେ ଛିଡ଼ା ହୋଇଥିବାରୁ ପୁଲିସ୍‌ର ସନ୍ଦେହ ଉପୁଜିଥିଲା। ତେଣୁ ସେମାନଙ୍କୁ ଧରିବା ପାଇଁ ପୁଲିସ୍ ଟିମ୍ ଜଙ୍ଗଲ ରାସ୍ତା ଅଭିମୁଖେ ଯାଇଥିଲା। କିନ୍ତୁ ସେଠାରେ ଛିଡ଼ା ହୋଇଥିବା ଯୁବକମାନେ ପୁଲିସ୍‌କୁ ଦେଖିବା ମାତ୍ରେ ଜଙ୍ଗଲ ▶▶ପୃଷ୍ଠା ୭

# ପଶ୍ଚିମ ଓଡିଶାରେ ଆହୁରି ୨ ଦିନ ଯାଏଁ ତାତି



ଭୁବନେଶ୍ୱର, ୦୯/୦୬ (ନି.ପ୍ର): ଉତ୍ତପ୍ତ ଶୁଷ୍କ ବାୟୁ ପ୍ରଭାବରେ ପଶ୍ଚିମ ଓଡ଼ିଶାରେ ପ୍ରବଳ ତାତି ଅନୁଭୂତ ହେଉଥିବା ବେଳେ ଉଚ୍ଚ ଆଦ୍ରତା ପ୍ରଭାବରେ ଉପକୂଳରେ ଅସହ୍ୟ ଗୁଳୁଗୁଳି ସାଧାରଣ ଜନଜୀବନକୁ ଅସ୍ତବ୍ୟସ୍ତ କରି ପକାଇଲାଣି। ଆଗାମୀ ୨ ଦିନ ପର୍ଯ୍ୟନ୍ତ ଏଭଳି ସ୍ଥିତି ଜାରି ରହିବ ଏବଂ ପଶ୍ଚିମ ଓଡ଼ିଶାରେ ଆସନ୍ତା ୪୮ ଘଂଟା ପର୍ଯ୍ୟନ୍ତ ପ୍ରବଳ ଗ୍ରୀଷ୍ମ ଲହରୀ ପ୍ରବାହିତ ହେବ ବୋଲି ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଜାରି ସତର୍କ ସୂଚନାରେ କୁହାଯାଇଛି। ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ଆଗାମୀ ୨୪ ଘଂଟା ମଧ୍ୟରେ ପଶ୍ଚିମ ଓଡ଼ିଶାର ୬ଟି ଜିଲ୍ଲାରେ ପ୍ରବଳ ଗ୍ରୀଷ୍ମପ୍ରବାହ ଜାରି ରହିବାର ସମ୍ଭାବନା ରହିଛି। ପଶ୍ଚିମ ଓଡ଼ିଶାର ବଲାଙ୍ଗୀର, ବରଗଡ଼, ଝାରସୁଗୁଡ଼ା, ସୋନପୁର, କଳାହାଣ୍ଡି ଓ ନୂଆପଡ଼ା ପ୍ରଭୃତି ୬ଟି ଜିଲ୍ଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ପ୍ରବଳ ଗ୍ରୀଷ୍ମ ଲହରି ପ୍ରବାହିତ ହେବାର ସମ୍ଭାବନା ରହିଛି। ଏହାକୁ ଦୃଷ୍ଟିରେ ରଖି ଏହି ସମସ୍ତ ଜିଲ୍ଲାଗୁଡ଼ିକ ପାଇଁ ୟେଲୋୱାର୍ଣ୍ଣିଂ ଜାରି କରାଯାଇଛି। ଏହାସହ ଶିଶୁ, ବୃଦ୍ଧ ଏବଂ ଅସୁସ୍ଥ ଲୋକଙ୍କ ପ୍ରତି ବିଶେଷ ଦୃଷ୍ଟି ରଖିବା ସହ ଦିନ ୧୧ଟାରୁ ଅପରାହ୍ନ ୩ଟା ମଧ୍ୟରେ ପଦାକୁ ଖରାରେ ନବାହାରିବାକୁ ପରାମର୍ଶ ଦେଇଛି ପାଣିପାଗ ବିଭାଗ। ସେହିପରି ଆସନ୍ତାକାଲି, ୧୦ ଜୁନ ରେ ପଶ୍ଚିମ-ଓଡ଼ିଶାର ୭ ଜିଲ୍ଲା ସୋନପୁର, ବରଗଡ, ବଲାଙ୍ଗୀର, ନୂଆପଡା, ବୌଦ୍ଧ, ଝାରସୁଗୁଡା, ଏବଂ କଳାହାଣ୍ଡି ଜିଲ୍ଲାରେ ଗ୍ରୀଷ୍ମ ପ୍ରବାହ ସମ୍ଭାବନା ଥିବାରୁ ୟେଲୋ ୱାର୍ନିଙ୍ଗ ଜାରିକରାଯାଇଛି । ଅନ୍ୟପକ୍ଷରେ ଆସନ୍ତା ୨ ଦିନ ମଧ୍ୟରେ ଓଡ଼ିଶାର ଜିଲ୍ଲାଗୁଡ଼ିକର ଅନେକ ସ୍ଥାନରେ ସର୍ବାଧିକ ତାପମାତ୍ରାରେ କୌଣସି ବଡ଼ ଧରଣର ପରିବର୍ତ୍ତନ ହେବାର ସମ୍ଭାବନା ନାହିଁ। ତେବେ ଏହା ପରେ ଆଭ୍ୟନ୍ତରୀଣ ଓଡିଶାର ଜିଲ୍ଲାଗୁଡ଼ିକର କିଛି ସ୍ଥାନରେ ତାପମାତ୍ରା ପ୍ରାୟ ୨ ଡିଗ୍ରି ସେଲସିୟସ ପର୍ଯ୍ୟନ୍ତ ହ୍ରାସ ପାଇବାର ସମ୍ଭାବନା ରହିଥିବା କହିଛି ଭୁବନେଶ୍ୱର ସ୍ଥିତ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର।

# ଏମଏସପି ବୃଦ୍ଧିକୁ ନେଇ ବିଜେଡି ଓ ବିଜେପିର ପ୍ରତିକ୍ରିୟା

ଭୁବନେଶ୍ୱର, ୦୯/୦୬ (ନି.ପ୍ର): କେନ୍ଦ୍ର ସରକାର ଖରିଫ ଫସଲରେ ଏମଏସପି ବା ସର୍ବନିମ୍ନ ସହାୟକ ମୂଲ୍ୟ ବଢାଇ ଥିବାବେଳେ ଏହା ରାଜ୍ୟ ସରକାରଙ୍କୁ ଖୁସି କରିପାରି ନାହିଁ । ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ୨୯୩୦ ଟଙ୍କା ଧାର୍ଯ୍ୟ କରିବା ପାଇଁ ୨୦୧୭ରୁ କେନ୍ଦ୍ର ସରକାରଙ୍କ ପାଖରେ ଦାବି କରି ଆସୁଛନ୍ତି ରାଜ୍ୟ ସରକାର । ହେଲେ ଗତକାଲି ଧାନର ସର୍ବନିମ୍ନ ସହାୟକ ମୂଲ୍ୟରେ ମାତ୍ର ୧୦୦ ଟଙ୍କା ବୃଦ୍ଧି କରିବା ନୈରାଶ୍ୟଜନକ ବୋଲି ବିଜେଡି କହିଛି । ସେପଟେ କଂଗ୍ରେସ ମଧ ଧାନର ଏମଏସପି ମୂଲ୍ୟରେ ଅସନ୍ତୋଷ ପ୍ରକାଶ କରିଛି । ରାଜ୍ୟ ସରକାରଙ୍କ ଦୁଇଜଣ ପ୍ରଭାବଶାଳୀ ମନ୍ତ୍ରୀଙ୍କୁ ଖୁସି କରିପାରିନି କେନ୍ଦ୍ରର ଏମଏସପି ବୃଦ୍ଧି । ଦୁହେଁ ସମ ସ୍ୱରରେ କେନ୍ଦ୍ର ସରକାରଙ୍କ ସହାୟକ ମୂଲ୍ୟ ବୃଦ୍ଧିକୁ ନେଇ ଅସନ୍ତୋଷ ଝାଡିଛନ୍ତି । ୨୦୧୭ ମସିହାରୁ ଏମଏସପି ଶାସକ ଦଳ ପାଇଁ ଏକ ବଡ ଅସ୍ତ୍ର ପାଲଟିଛି । ଏପରିକି ୨୦୧୯ ସାଧାରଣ ନିର୍ବାଚନ ହେଉ କିମ୍ବା ୨୦୨୨ରେ ପଂଚାୟତ ଓ ପୌର ନିର୍ବାଚନ । ଏହି ପ୍ରସଙ୍ଗକୁ ଧରି ଓଡିଶାର ରାଜରାସ୍ତାରୁ ଆରମ୍ଭ କରି ଦିଲ୍ଲୀ ସଂସଦରେ ମଧ କେନ୍ଦ୍ରକୁ ଶାଣିତ ଆକ୍ରମଣ କରିଛି ବିଜେଡି । ଓଡିଶାକୁ ଏମଏସପି ହକ ମିଳୁ କି ନମିଳୁ ଏହି ମୁଦ୍ଦାକୁ ଲୋକଙ୍କ ପାଖରେ ପହଂଚାଇ ଭୋଟ ରାଜନୀତିକୁ ପ୍ରଭାବିତ କରିଛି ବିଜେଡି । ୨୦୧୭ ମସିହାରେ ବିଧାନସଭାରେ ସର୍ବସମ୍ମତି କ୍ରମେ ସଂକଳ୍ପ ପାରିତ ହୋଇଥିଲା ଯେ, ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ୨୯୩୦ ଟଙ୍କା ଧାର୍ଯ୍ୟ କରିବା । ଏଥିସହ ସ୍ୱାମୀନାଥନ କମିଟି ସୁପାରିଶକୁ ଲାଗୁ କରିବା ପାଇଁ କେନ୍ଦ୍ର ଉପରେ ଚାପ ପକାଇବା । ସେତେବେଳେ ପ୍ରଧାନମନ୍ତ୍ରୀ ସମୟ ଦେଇନଥିବାବେଳେ ଅନ୍ୟ କେନ୍ଦ୍ରମନ୍ତ୍ରୀଙ୍କୁ ଭେଟି ବିଜେଡି ଦାବି କରିଥିଲା । ପ୍ରତିବର୍ଷ କେନ୍ଦ୍ର କ୍ୟାବିନେଟରେ ଏମଏସପି ବୃଦ୍ଧି କରାଯାଉଥିଲେ ମଧ ଦାବି ପୂରଣ ହୋଇପାରୁନି । ଗତକାଲି କେନ୍ଦ୍ର କ୍ୟାବିନେଟ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ୧୦୦ ଟଙ୍କା ବୃଦ୍ଧି କରି ୨୦୪୦ ଟଙ୍କାରେ ପହଂଚିଛି । ତେଣୁ ପୁଣିଥରେ କେନ୍ଦ୍ର ବିରୋଧୀ ସ୍ୱରକୁ ଟାଣ କରିଛି ବିଜେଡି ।

# ମନରେଗା ଯୋଜନାରେ ଜିଲ୍ଲାରେ ଚାଲିଛି ହରିଲୁଟ

ବୌଦ୍ଧ,୦୯/୦୬ (ନି.ପ୍ର): ବୌଦ୍ଧ ଜିଲାରେ ଦ୍ୱିନଦ୍ୱିପହରେ ମନରେଗା ଯୋଜନାରେ ଲକ୍ଷଲକ୍ଷ ଟଙ୍କା ହରିଲୁଟ ହେଉଥିବା ବେଳେ ପ୍ରଶାସନ ସବୁ ଜାଣି ନିରବ ରହିବା ଜିଲାବାସୀଙ୍କୁ ଆଶ୍ଚର୍ଯ୍ୟ କରିଛି । ଏପରିକି ଗ୍ରାମବାସୀମାନେ ପ୍ରମାଣ ଦାଖଲ କରିବା ସହ ୩ ଦିନ ହେଲା ଅହୋରାତ୍ର ଗଣଧାରଣା ରେ ବସିଥିଲେ ବି ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରୁନାହାନ୍ତି ଜିଲାପାଳ । କଂଟାମାଳ ବ୍ଲକର ସଦର ପଂଚାୟତ ଅନ୍ତର୍ଗତ ସରଗିପାଲି ଗ୍ରାମରେ ରାସ୍ତା ନିର୍ମାଣ ନକରି ମନରେଗା ଯୋଜନାରେ ମଂଜୁର ସମସ୍ତ ଅର୍ଥ ହରିଲୁଟ ହୋଇଥିବା ଅଭିଯୋଗ ହୋଇଛି । ବ୍ଲକ ସଦର ମହକୁମାରୁ ମାତ୍ର ୨ କିମି ଦୂରରେ ରହିଥିବା ସରଗିପାଲି ଗ୍ରାମରୁ ବନ୍ଧପାଲି ଗ୍ରାମ ପର୍ଯ୍ୟନ୍ତ ମେଟାଲ ରୋଡ ନିର୍ମାଣ ପାଇଁ ୫ ଲକ୍ଷ ଟଙ୍କା ମଂଜୁର ହୋଇଥିଲା । ଉକ୍ତ ରାସ୍ତାରେ ଗୋଟିଏ ବି ଗାଡି ମାଟି କିମ୍ବା ମେଟାଲ ନପକାଇ ସମସ୍ତ ଅର୍ଥକୁ ବିଭାଗୀୟ ଅଧିକାରୀମାନେ ବିଲ କରି ଆତ୍ମସାତ କରିଥିବା ନେଇ ସରଗିପାଲି ଗ୍ରାମବାସୀମାନେ ଜିଲାପାଳଙ୍କ ସମେତ ଅନ୍ୟାନ୍ୟ ଅଧିକାରୀମାନଙ୍କୁ ପୂର୍ବରୁ ଅନେକଥର ଲିଖିତ ଅଭିଯୋଗ କରିଛନ୍ତି । ଅଭିଯୋଗ ପାଇବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ନେଇ ଜିଲାପାଳ ଓ ଅନ୍ୟ ଅଧିକାରୀମାନେ ନିର୍ଭର ପ୍ରତିଶୃତି ଦେଇଥିଲେ ମଧ ଆଜି ପର୍ଯ୍ୟନ୍ତ ସମସ୍ତେ ନିରବ ରହିଛନ୍ତି । ଏହା ବିରୋଧରେ ଗ୍ରାମବାସୀମାନେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ୩ ଦିନ ହେଲା ଦିନରାତି ଗଣଧାରଣାରେ ବସିଛନ୍ତି । ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକରିବା ପର୍ଯ୍ୟନ୍ତ ଗଣଧାରଣା ଚାଲୁରହିବ ବୋଲି ଗ୍ରାମବାସୀମାନେ କହିଛନ୍ତି । ଅନ୍ୟପଟେ କଣ୍ଟାମାଳ ବିଡ଼ିଓ କଳାକୃଷ୍ଣ ପ୍ରଧାନ , ପଞ୍ଚାୟତ କନିଷ୍ଠଯନ୍ତ୍ରୀ କାହ୍ନୁଚରଣ ସ୍ୱାଇଁ କମ୍ପ୍ୟୁଟର ପ୍ରୋଗ୍ରାମର ସୁଷନ୍ତ ବେହେରା ଓ ଅନ୍ୟମାନେ ସରଗିପାଲି ଗ୍ରାମରେ ପହଂଚି ରାସ୍ତା ନିର୍ମାଣ ନେଇ ଆଲୋଚନା କରିଥିଲେ । ତେବେ ଅସନ୍ତୁଷ୍ଟ ଗ୍ରାମବାସୀ ବିଡ଼ିଓଙ୍କ ସମେତ ସମସ୍ତ ଅଧିକାରୀଙ୍କୁ ଘେରିଯାଇ ୧ଘଣ୍ଟା ପର୍ଯ୍ୟନ୍ତ ଅଟକ ରଖିଥିଲେ । କଣ୍ଟାମାଳ ପୁଲିସ ସହାୟତାରେ ଅଧିକାରୀ ମାନେ ମୁକୁଳିଥିଲେ ।

# ଜିଲ୍ଲାରେ ବୁଲିଲା ଶିଶୁ ଶ୍ରମିକ ନିରାକରଣ ସଚେତନତା ରଥ

କେନ୍ଦ୍ରାପଡ଼ା,୦୯/୦୬ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ଶ୍ରମ କାର୍ଯ୍ୟାଳୟ ଦ୍ୱାରା ଏକ ସଚେତନତା ରଥର ଶୁଭାରମ୍ଭ ହୋଇଛି । ଏହି ରଥଟିକୁ ଅତିରିକ୍ତ ଜିଲ୍ଲାପାଳ ଦୁର୍ଗା ପ୍ରସାଦ ମହାରଣା ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଶ୍ରମ କମିଶନର ମହେଶ୍ୱର ନାୟକ ପ୍ରମୁଖ ଉପସ୍ଥିତ ରହି ରଥ ପରିକ୍ରମା ଓ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସଂପର୍କରେ ବକ୍ତବ୍ୟ ରଖିଥିଲେ । ସଚେତନତା ରଥଟି ଜିଲ୍ଲାର ୯ଟି ବ୍ଲକର ପ୍ରତ୍ୟେକ ପଂଚାୟତ ଓ ଗ୍ରାମ ପରିକ୍ରମା କରି ଶିଶୁ ଶ୍ରମିକଙ୍କୁ କାମରେ ନ ଲଗାଇବା ଓ ୧୫ ରୁ ୧୮ ବର୍ଷ ବୟସ୍କ କିଶୋରଙ୍କୁ ବିପଦ ଶଙ୍କୁଳ କାମରେ (ବୃତି ଓ ପ୍ରକ୍ରିୟା) ନିୟୋଜନ କରିବାକୁ ବାରଣ କରାଯାଇଛି । ୧୪ ବର୍ଷରୁ କମ ବୟସ୍କ ଶିଶୁକୁ କୌଣସି କାର୍ଯ୍ୟରେ ଶ୍ରମିକ ଭାବେ ନିୟୋଜନ କରିବା ଓ ୧୫ରୁ ୧୮ ବର୍ଷ ବୟସ୍କ କିଶୋରଙ୍କୁ ବିପଦପୂର୍ଣ୍ଣ କାର୍ଯ୍ୟରେ ନିୟୋଜନ କରିବା ଏକ ଧର୍ତବ୍ୟ ଅପରାଧ ଅଟେ । କୌଣସି ହୋଟେଲ, ନିର୍ମାଣ କାର୍ଯ୍ୟ, କଳ କାରଖାନା ରେ ଶିଶୁ ମାନଙ୍କୁ କାର୍ଯ୍ୟରେ ଲଗାଉଥିବା ବ୍ୟକ୍ତି କିମ୍ବା ଅନୁଷ୍ଠାନ କୁ ୫୦ ହଜାର ଟଙ୍କା ଲେଖାଏଁ ଜରିମାନା ସହ ୨-୩ ବର୍ଷ ଜେଲଦଣ୍ଡରେ ଦଣ୍ଡିତ ହେବାକୁ ପଡିବ ବୋଲି ସଚେତନତା ରଥରେ ପ୍ରଚାର କାରଯାଉ ଥିବା ଜଣାପଡିଛି । ଏହି ରଥଟି ୭ଦିନ ଯାକ ଜିଲ୍ଲାର ସମସ୍ତ ଅଂଚଳରେ ଲୋକଙ୍କୁ ସଚେତନ କରିବ ବୋଲି ଜଣାପଡିଛି ।

# ସାଲେବିଡ଼ି ଗ୍ରାମପଞ୍ଚାୟତରେ ମହିଳାଙ୍କୁ ୪ ମାସର ବିଧବା ଭତ୍ତା ପ୍ରଦାନ

ନୂଆପଡ଼ା,୦୯/୦୬ (ନି.ପ୍ର): ନୂଆପଡା ଜିଲ୍ଲା ସିନପାଲୀ ବ୍ଲକ ସାଲେବିଡ଼ି ଗ୍ରାମ ପଞ୍ଚାୟତ ରେ ଆଜି ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ବିଧବା ମହିଳା ହିତାଧିକାରୀଙ୍କୁ ଭତା ପ୍ରଦାନ କରିଛନ୍ତି । ସାଲେବିଡ଼ି ଗ୍ରାମର ଜେମାମଣି ସା ନାମକ ବିଧବା ମହିଳା ନିଜ ସ୍ୱାମୀର ମୃତ୍ୟୁ ପରେ ଭତ୍ତା ପାଇବା ଯୋଗ୍ୟ ବିବେଚିତ ହୋଇଥିଲେ । ଆଜି ଗ୍ରାମପଂଚାୟତ କାର୍ଯ୍ୟାଳୟ ଠାରେ ଆଜି ୪ ମାସ ର ବିଧବା ଭତା ବାବଦ କୁ ୩୨୦୦/- ଟଙ୍କା ବ୍ଲକ ଉପାଧକ୍ଷା ମିନା ଘିବେଲା ଏବଂ ସରପଞ୍ଚ ବୀର ଖମାରି ଉପସ୍ଥିତିରେ ପ୍ରଦାନ କରିଛନ୍ତି । ସରକାରଙ୍କ ଜନକଲ୍ୟାଣକାରୀ ଯୋଜନା ରେ ସାମିଲ କରି ତୁରନ୍ତ ସହାୟତା ପ୍ରଦାନ ପାଇଁ ଆହ୍ୱାନ କରିଛନ୍ତି ।

# ଜୈବ ସାର ବ୍ୟବହାରର ପ୍ରଶିକ୍ଷଣ ତାଲିମ୍ କାର୍ଯ୍ୟକ୍ରମ

ଜୟପୁର ,୦୯/୦୬ (ନି.ପ୍ର): ଆଜି ରାଷ୍ଟ୍ରୀୟ ବନସ୍ପତି ଗବେଷଣା ସଂସ୍ଥାନ ଲକ୍ଷ୍ନୌ ତରଫରୁ ସେମିଳିଗୁଡା ବ୍ଲକର ପୁଟସିଲ ଓ ଲକ୍ଷ୍ମୀପୁର ବ୍ଲକର କାନପଷଡ଼ି ଗାଁ ଠାରେ ଜୈବ ସାରର ବ୍ୟବହାର ଓ ଲାଭ ସମ୍ପର୍କରେ ତାଲିମ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ରାଷ୍ଟ୍ରୀୟ ବନସ୍ପତି ଗବେଷଣା ସଂସ୍ଥାନର ପ୍ରଧାନ ବୈଜ୍ଞାନିକ ଡ. ପୁନିତ୍ ସିଂ ଚୌହାନ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ ଧାନ ଗଛର ଚେର , ହଳଦୀ,ଅଦା ଏବଂ ମକା ଫସଲରେ ଜୈବ ସାର ପ୍ରୟୋଗ ଦ୍ୱାରା ରୋଗ ପୋକ କମ୍ ହେବା ସହ ରାସାୟନିକ ସାର ଶତକଡା ୩୦ ଭାଗ ପର୍ଯ୍ୟନ୍ତ କମ୍ କରାଯାଇ ପାରିବ ବୋଲି କହିଥିଲେ । ଏଥି ସହିତ ରାଷ୍ଟ୍ରୀୟ ବନସ୍ପତି ଗବେଷଣା ସଂସ୍ଥାନର ବୈଷୟିକ ଅଧିକାରୀ ଡ. ଶଶାଙ୍କ ମିଶ୍ର ବୈଷୟିକ ତାଲିମ୍ ପ୍ରଦାନ କରିଥିଲେ । ଉମା ଶଙ୍କର ସବୁଜ ଦୁନିଆର ଅଧକ୍ଷ କ୍ରିଷ୍ଣା ନାୟକ ଯୋଗ ଦେଇ ମାଟି ସହିତ ସ୍ୱାସ୍ଥ୍ୟର ନିବିଡ ସମ୍ପର୍କ ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥଲେ । ବିଜ୍ଞାନ ପ୍ରଚାରକ ଲକ୍ଷ୍ମୀ ନାରାୟଣ ବକ୍ସି ସଭା କାର୍ଯ୍ୟ ପରିଚାଳନା କରିଥିଲେ । ଏହି ଦୁଇ କାର୍ଯ୍ୟକ୍ରମରେ ପ୍ରାୟ ୨୦୦ ଜଣ ଚାଷୀଙ୍କୁ ଏକ କେଜି ଲେଖାଏଁ ଜୈବ ସାର ପ୍ରଦାନ କରାଯାଇଥିଲା । ଏହି ଦୁଇ କାର୍ଯ୍ୟକ୍ରମରେ ଓରମାସ୍ ସହଯୋଗ କରିଥିଲେ ।

# ମୁଖ୍ୟମନ୍ତ୍ରୀଙ୍କ ଇଂଲଣ୍ଡ ଗସ୍ତ ଖର୍ଚ୍ଚ କମ ଥିଲା ସୁଫଳ ବେଶୀ

ବଲାଙ୍ଗିର, ୮ ଜୁନ ( ହି. ସ.): ଦୀର୍ଘ ଏକ ଦଶନ୍ଧି ପରେ ରାଜ୍ୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ମାସ ଶେଷ ସପ୍ତାହରେ ପୁଣି ବିଦେଶ ଗସ୍ତ କରୁଥିବା ଜଣାପଡିଛି । ମୁଖ୍ୟମନ୍ତ୍ରୀ ୨୦୧୨ ମସିହା ମଇ ୨୧ରୁ ୩୧ ପର୍ଯ୍ୟନ୍ତ ଇଂଲଣ୍ଡ ଗସ୍ତ କରିଥିଲେ । ଦଶ ବର୍ଷ ତଳର ଏହି ବିଦେଶ ଗସ୍ତରୁ ମୁଖ୍ୟମନ୍ତ୍ରୀ କମ ଖର୍ଚ୍ଚରେ ରାଜ୍ୟକୁ ସୁଫଳ ଆଣିଥିବା କଥା ବଲାଙ୍ଗିରର ବିଶିଷ୍ଟ ସୂଚନା ଅଧିକାର କର୍ମୀ ହେମନ୍ତ କୁମାର ପଣ୍ଡା ମିଳିଥିବା ତଥ୍ୟକୁ ଆଧାର କରି କହିଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ସହିତ ତାଙ୍କ ତତ୍କାଳୀନ ପ୍ରମୁଖ ସଚିବ ଏ. ପି. ପାଢୀ, ସ୍କୁଲ ଓ ଗଣ ଶିକ୍ଷା ସଚିବ ରାଜେଶ ବର୍ମା, ମହିଳା ଓ ଶିଶୁ ବିକାଶ ସଚିବ ଶ୍ରୀମତୀ ଆରତି ଆହୁଜା ଏବଂ ମୁଖ୍ୟମନ୍ତ୍ରୀଙ୍କ ସଚିବ ଭିକେ ପାଣ୍ଡିଆନ ବିଦେଶ ଗସ୍ତ କରିଥିଲେ । ଏହି ଗସ୍ତକୁ ରାଜ୍ୟପାଳ ସ୍ୱୀକୃତି ପ୍ରଦାନ କରିଥିଲେ । ଗସ୍ତ କାର୍ଯ୍ୟକ୍ରମରେ ସାମିଲ ପ୍ରତିନିଧିମାନଙ୍କୁ ଦୈନିକ ୧୦୦ ଆମେରିକୀୟ ଡଲାର ଭତ୍ତା ଦିଆଯିବା ପାଇଁ ସ୍ୱୀକୃତ ହୋଇଥିବା ସାଧାରଣ ପ୍ରଶାସନ ବିଭାଗର ତା୮/୫/୨୦୧୨ ଅଫିସ ଅର୍ଡରରୁ ଜଣାପଡିଛି । ଓଡିଶା ସରକାର ଓ ଡିଏଫଆଇଡିର ସହଭାଗିତାକୁ ଦୃଢ କରିବା ପାଇଁ ଓ ନୂତନ ସମ୍ଭାବନାକୁ ନେଇ ଆଲୋଚନା, ଗରିବୀ ଓ କୁପୋଷଣକୁ ହ୍ରାସ କରିବା ପାଇଁ ଆଇଡିଏସ ସସେକ୍ସ ସହ ଆଲୋଚନା ସହ ଲଣ୍ଡନରେ ଓଡିଶା ହସ୍ତତନ୍ତ ପ୍ରଦର୍ଶନୀ ଉଦଘାଟନ ଇତ୍ୟାଦି କାର୍ଯ୍ୟକ୍ରମ ରହିଥିଲା । ମୁଖ୍ୟମନ୍ତ୍ରୀ ଏବଂ ପ୍ରତିନିଧିମାନଙ୍କ ରହିବା, ଯିବା ଆସିବା ପାଇଁ ଭାରତୀୟ ଦୂତାବାସକୁ ଅନୁରୋଧ କରାଯାଇଥିଲା । ମୁଖ୍ୟମନ୍ତ୍ରୀ ଓ ତାଙ୍କ କାର୍ଯ୍ୟାଳୟର ସଚିବ ମାନଙ୍କ ଖର୍ଚ୍ଚ ସଂସଦୀୟ ବ୍ୟାପାର ବିଭାଗ କରିବା ପାଇଁ କୁହାଯାଇଥିବା ବେଳେ ବାକି ମାନଙ୍କ ଖର୍ଚ୍ଚ ସେମାନଙ୍କ ସମ୍ପୃକ୍ତ ବିଭାଗ କରିବା ପାଇଁ କୁହାଯାଇଥିଲା । ଓଡିଶାରୁ ଲଣ୍ଡନକୁ ମୁଖ୍ୟମନ୍ତ୍ରୀଙ୍କ ଯିବା ଆସିବା ଖର୍ଚ୍ଚ ୨ ଲକ୍ଷ ୫୪ ହଜାର ୫୨୪ ଟଙ୍କା ଥିବା ବେଳେ ତାଙ୍କ ପ୍ରମୁଖ ସଚିବ ଓ ସଚିବ ଲଣ୍ଡନ ଗସ୍ତ ବାବଦକୁ ୨ ଲକ୍ଷ ୯୭ ହଜାର ୨୭୭ ଟଙ୍କା ଦାବୀ କରିଥିବା ରାଜ୍ୟର ସଂସଦୀୟ ବ୍ୟାପାର ବିଭାଗ ତଥ୍ୟରେ କୁହାଯାଇଛି । ଲଣ୍ଡନ ସ୍ଥିତ ଭାରତୀୟ ଦୂତାବାସ ପକ୍ଷରୁ ସୂଚନା କର୍ମୀ ଶ୍ରୀ ପଣ୍ଡାଙ୍କୁ ଦିଆଯାଇଥିବା ତଥ୍ୟରେ ମୁଖ୍ୟମନ୍ତ୍ରୀ ଲଣ୍ଡନ ସ୍ଥିତ ହୋଟେଲ କ୍ଲାରିଜସରେ ୨୩ ମଇ ୨୦୧୨ରୁ ୩୧ ମଇ ୨୦୧୨ ପର୍ଯ୍ୟନ୍ତ ରହିଥିବା କୁହାଯାଇଛି । ଏହାର ଖର୍ଚ୍ଚ ୩ ଲକ୍ଷ ୮୫ ହଜାର ୩୦୦ ଟଙ୍କା ବୋଲି ତଥ୍ୟରେ କୁହାଯାଇଛି । ଲଣ୍ଡନ ରହଣି ମଧ୍ୟରେ ମୁଖ୍ୟମନ୍ତ୍ରୀ ଡିଏଫଆଇଡି.ର ସେକ୍ରେଟାରୀ ଅଫ ଷ୍ଟେଟ ଆଣ୍ଡ୍ରିଉ ମିଚେଲଙ୍କୁ ସାକ୍ଷାତ କରି ଗରିବୀ ଦୂରୀକରଣ ଓ ଶିକ୍ଷା ସ୍ୱାସ୍ଥ୍ୟ କ୍ଷେତ୍ରରେ ସରକାରୀ ଘରୋଇ ସହଯୋଗିତା ସମ୍ବନ୍ଧରେ ଆଲୋଚନା କରିଥିଲେ । ଆଡିଏସ ସସେକ୍ସର ନିର୍ଦ୍ଦେଶକ ଡ. ଲରେନ୍ସ ହାଡାଡଙ୍କ ସହ ଦୂତାବାସରେ ସାକ୍ଷାତ କରିଥିଲେ । ଆଡିଏସ ସସେକ୍ସ ସହିତ ମମତା ଯୋଜନା ସମ୍ପର୍କରେ ଆଲୋଚନା ହୋଇଥିବା ବେଳେ ଡିଏଫଆଇଡି ସହିତ ବିଦ୍ୟାଳୟରେ ଉପସ୍ଥାନ ବୃଦ୍ଧି କରିବା ପାଇଁ ଛାତ୍ରଛାତ୍ରୀ ମାନଙ୍କୁ ଆର୍ଥିକ ସହାୟତା ଦେବା ସମ୍ବନ୍ଧରେ ଆଲୋଚନା ହୋଇଥିଲା । ରାୟଗଡାରେ ପ୍ରଥମେ ଏହାର ପାଇଲଟ ପ୍ରୋଜେକ୍ଟ ଆରମ୍ଭ କରାଯାଇଥିଲା । ମୋଟ ଉପରେ ଏହି ଯୋଜନା ଗୁଡିକ ବର୍ତ୍ତମାନ ସମୟରେ ସଫଳତାର ସହ ଚାଲିଛି ବୋଲି ଶ୍ରୀ ପଣ୍ଡା କହିଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ବିଗତ ବିଦେଶ ଗସ୍ତକୁ ରାଜ୍ୟର ସ୍ୱାର୍ଥ ଦୃଷ୍ଟିରୁ ଏକ ସଫଳ ଗସ୍ତ ବୋଲି କୁହାଯାଇପାରେ ବୋଲି ପଣ୍ଡା କହିଛନ୍ତି ।

# ପୂର୍ବତନ ସାଂସଦ ଶିବାଜୀ ପଟ୍ଟନାୟକଙ୍କ ସ୍ମରଣ ସଭା

କେନ୍ଦ୍ରାପଡ଼ା,୦୯/୦୬ (ନି.ପ୍ର): ଓଡିଶା କମ୍ୟୁନିଷ୍ଟ ଆନ୍ଦୋଳନ ର ବର୍ଷିୟାନ ନେତା ସିପିଆଇ(ଏମ୍)ର ପୂର୍ବତନ ରାଜ୍ୟ ସଂପାଦକ, କେନ୍ଦ୍ର କମିଟି ସଭ୍ୟ ତଥା ଭୁବନେଶ୍ୱରର ପୂର୍ବତନ ସାଂସଦ ଶିବାଜୀ ପଟ୍ଟନାୟକଙ୍କ ତିରୋଧାନରେ ଏକ ସ୍ମରଣ ସଭାକୁ କେନ୍ଦ୍ରାପଡା ପୌର ଅଧ୍ୟକ୍ଷା ସରିତା ସାହୁ ଏହାକୁ ପ୍ରଦିପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ । ସିପିଆଇ(ଏମ୍)ର ଜିଲ୍ଲା ସଂପାଦକ ଗୟାଧର ଧଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭା ପ୍ରାରମ୍ଭରେ ସ୍ୱର୍ଗତଃ ପଟ୍ଟନାୟକଙ୍କ ଫଟୋ ଚିତ୍ରରେ ମାଲ୍ୟାର୍ପଣ କରିବା ସହ ତାଙ୍କ ସ୍ମୃତିରେ ଏକ ମିନିଟ ନୀରବ ପ୍ରାର୍ଥନା କରାଯାଇ ଥିଲା । ଏହି କାର୍ଯ୍ୟକ୍ରମରେ ରାଜ୍ୟ ସଂପାଦକ ଦୁଷ୍ମନ୍ତ ଦାସ, ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରା, ପୂର୍ବତନ ଅଧ୍ୟକ୍ଷ ନନ୍ଦ କିଶୋର ପରିଡା, ଅଜୟ କୁମାର ସାମଲ, ପୂର୍ବତନ ବିଧାୟକ ଚିନ୍ମୟ ପ୍ରସାଦ ବେହୁରାଙ୍କ ସମେତ ଧିରେନ କୁମାର ସାହୁ, ସାହିତ୍ୟକ ଡ଼ଃ ବାସୁଦେବ ଦାସ, ରାଜେଶ ଦାସ, ରମଣୀ ରଞ୍ଜନ ରାଉତରାୟ, ଜମେଶ୍ୱର ସାମନ୍ତରାୟ, ବସନ୍ତ କୁମାର ମଲିକ, ଜଗତ ଜୀବନ ଦାସ, ଆଦିକନ୍ଦ ରାଉଳ, ମୁକ୍ତାର ଖାନ ପ୍ରମୁଖଙ୍କ ସମେତ ସମାଜସେବୀ, ବୁଦ୍ଧିଜୀବି, ଆଇନଜୀବି ପ୍ରମୁଖ ଯୋଗ ଦେଇ ସ୍ୱର୍ଗତଃ ପଟ୍ଟନାୟକଙ୍କ ବହୁମୁଖୀ ପ୍ରତିଭା, ତାଙ୍କ ଜୀବନାଦର୍ଶ ସଂପର୍କରେ ଆଲୋକପାତ କରିଥିଲେ ।

# ମଦ୍ୟପାନ କରି ବାଇକ ଚଲାଇ ୨ ଗିରଫ

ଜୟପୁର,୦୯/୦୬ (ନି.ପ୍ର): ଜୟପୁର ଟାଉନ ପୋଲିସ ମଦ୍ୟପାନ କରି ବାଇକ ଚଲାଉ ଥିବାରୁ ୨ ଜଣକୁ ଗିରଫ କରିଛି । ଗିରଫ ୨ ଅଭିଯୁକ୍ତ ହେଲେ ଜୟପୁର ସମ୍ଭାରତୋଟାର ପ୍ରଶାନ୍ତ କୁମାର ବେହେରା ଓ ଡଙ୍ଗାଗୁଡାର ଭି ବେଣୁ । ପୋଲିସ ସୁଚନା ଅନୁଯାଇ ଆରଟିଓ ଓ ଜୟପୁର ଟଉନ ପୋଲିସର ମିଳିତ ଯାଂଚ କରାଯାଇଥିଲା । ଜୟପୁର ଗାନ୍ଧୀ ଛକ ନିକଟରେ ଯାଂଚ ଚାଲିଥିବା ବେଳେ ୨ ବାଇକ ଚାଳକ କୁ ପୋଲିସ ଯାଂଚ କରିଥିଲା । ମେଶିଲ ଦ୍ୱାରା ଯାଂଚ କରିବାରୁ ୨ ଜଣ ମାଦ୍ୟ ପାନ କରିଥିବା ପୋଲିସ ଜାଣି ୨ଜଣକୁ ଗିରଫ କରପି କୋର୍ଟ ଚାଲାଣ କରିବା ସହ ୨ଟି ବାଇକ କୁ ଜବତ କରିଥିବା ଟାଉନ ଥାନା ଅଧିକାରି ସଞ୍ଜୟ କୁମାର ମଣ୍ଡଳ ସୁଚନା ଦେଇଛନ୍ତି ।

# ଇପିଏଫ ପେନସନର୍ସ ସଂଘ ପକ୍ଷରୁ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଚିଠି

ଘସିପୁରା ,୦୯/୦୬ (ନି.ପ୍ର): ଅଲ୍ ଓଡ଼ିଶା ଇପିଏଫ୍ ପେନସନର୍ସ ଆସୋସିଏସନ୍ , ଆନନ୍ଦପୁର ଶାଖା ସମ୍ପାଦକ ଙ୍କ ଆହ୍ୱାନକ୍ରମେ କେନ୍ଦୁଝର ଜିଲ୍ଲା କମିଟି ପକ୍ଷରୁ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଆନନ୍ଦପୁର ଉପଖଣ୍ଡ ମହକୁମା ପକ୍ଷରୁଚିଠି ଲେଖାଯାଇଛି । ସର୍ବନିମ୍ନ ୯ହଜାର ଟଙ୍କା ପେନ୍‌ସନ ସହ ମହଙ୍ଗା ଭତ୍ତା ପ୍ରଦାନ , ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ବର୍ଦ୍ଧିତ ପେନସନ ସହିତ ବରିଷ୍ଠ ନାଗରିକମାନଙ୍କୁ ସରକାରୀ ଯୋଜନାରେ ଅନ୍ତର୍ଭୁକ୍ତ କରି ନିଃଶୁଳ୍କ ଚିକିତ୍ସା ସେବା ଯୋଗାଇ ଦେବା ନେଇ ପୋଷ୍ଟକାର୍ଡ ଜରିଆରେ ଚିଠି ପ୍ରେରଣ କରାଯାଇଛି । ଜିଲ୍ଲା କମିଟି ପକ୍ଷରୁ ୧୦୦ରୁ ଅଧିକ ପୋଷ୍ଟ କାର୍ଡ ପଠାଯାଇଛି । ଜୁନ୍ ମାସ ମଧ୍ୟରେ ୧୦୦୦ରୁ ଅଧିକ ପୋଷ୍ଟକାର୍ଡ ଜିଲ୍ଲା କମିଟି ପକ୍ଷରୁ ପ୍ରେରଣ କରାଯିବ ବୋଲି ଜଣାପଡିଛି । ଏହି ଅବସରରେ ସମରସିଂ, ଦୁଃଶାସନ ବଳ, ଦାଶରଥି ଘଡେଇ, ଗୌରୀ କାନ୍ତ ସନ୍ଧିବିଗ୍ରହ ଥବିର ପ୍ରଧାନ , ନିରଞ୍ଜନ ରାଉତ ପ୍ରମୁଖଙ୍କ ଉପସ୍ଥିତ ଥିଲେ ।

# ବାରୁଆଁରେ ବିଜେପିର ଅନୁସୂଚିତ ଜନଜାତି ସମାବେଶ

ଘସିପୁରା,୦୯/୦୬ (ନି.ପ୍ର): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଙ୍କ ଦ୍ୱିତୀୟ ପାଳିର ତୃତୀୟ ବର୍ଷ ଶାସନ ର ସେବା, ସୁଶାସନ ଓ ଗରିବ କଲ୍ୟାଣ ଜନ ସମ୍ପର୍କ ଯାତ୍ରା ମେ ୩୧ ତାରିଖ ଠାରୁ ଜୁନ ୧୫ ଦିନ କାଯ୍ୟକ୍ରମ ଅବସରରେ ଆଜି ଆନନ୍ଦପୁର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ କଣ୍ଟିପାଳ ପଞ୍ଚାୟତର ବାରୁଆଁ ଗ୍ରାମ ଠାରେ ବିଜେପି ତରଫରୁ ଅନୁସୂଚିତ ଜନଜାତି ସମାବେଶ ଅନୁଷ୍ଠିତ ହୋଇଯାଇଛି । ଏହି ସମାବେଶରେ ବିଜେପି ନଦୀ ସୁରକ୍ଷା ସମିତି (ନମାମି ଗଙ୍ଗେ) ର ରାଜ୍ୟ ସଂଯୋଜକ ମହେଶ୍ୱର ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଦେଶର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଜୀ ୮ ବର୍ଷ ଶାସନ କାଳରେ ଆଦିବାସୀ ମାନଙ୍କ ର ଅର୍ଥନୈତିକ ଭିତ୍ତିଭୂମିର ବିକାଶ ସହିତ ଶିକ୍ଷା, ସ୍ୱାସ୍ଥ୍ୟ, ସାମାଜିକ କ୍ଷେତ୍ରରେ ବ୍ୟାପକ ବିକାଶ କରାଯାଇଥିବା ତାଙ୍କ ଭାଷଣରେ କହିଥିଲେ । ବିଜେପି ରାଜ୍ୟ କାର୍ଯ୍ୟାକାରିଣୀ ସଦସ୍ୟ ତଥା ଆନନ୍ଦପୁର ବିଧାୟକ ପ୍ରାର୍ଥୀ ଆଲୋକ କୁମାର ସେଠୀ ତାଙ୍କ ଭାଷଣରେ ଅନୁସୂଚୀତ ଜାତି ର ଲୋକମାନଙ୍କ ର ଅଭୂତପୂର୍ବ ବିକାଶ ହେଇଥିବା କହିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ, ବିଜେପି ଜିଲ୍ଲା ଉପସଭାପତି ନିରାକାର ଦଳେଇ, ଶାଳବଣି ମଣ୍ଡଳ ସଭାପତି ଟୁକୁନା ମହାନ୍ତ, ପ୍ରଶାନ୍ତ କୁମାର ମହାପାତ୍ର, ସୁକାନ୍ତ ଯେନା, ପ୍ରହଲ୍ଲାଦ ନାୟକ, କାଳନ୍ଦି ଚରଣ ସାହୁ, ମଣି ପ୍ରଧାନ, ସନ୍ୟାସୀ ପାତ୍ର, ବିଶ୍ୱନାଥ ନାୟକ, ପ୍ରାଣବନ୍ଧୁ ସାହୁ ପ୍ରମୁଖ ନେତୃବୃନ୍ଦ ଙ୍କ ସମେତ ଶତାଧିକ ଆଦିବାସୀ ପୁରୁଷ ଓ ମହିଳା ଉପସ୍ଥିତ ଥିଲେ ।

# ଜୟପୁରରେ କେନ୍ଦ୍ରୀୟ ବିଦ୍ୟାଳୟ ଖୋଲିବା ଦାବିରେ ବିକ୍ଷୋଭ

ଜୟପୁର,୦୯/୦୬ (ନି.ପ୍ର): ଦକ୍ଷିଣ ଓଡିଶାର ଦ୍ୱିତୀୟ ବୃହତମ ସହର ହେଉଛି ଜୟପୁର । ୨୦୧୭ ମସିହା ଠାରୁ ଜୟପୁର ରେ କେନ୍ଦ୍ରୀୟ ବିଦ୍ୟାଳୟ ସ୍ଥାପନ ନେଇ ଦାବୀ ହୋଇ ଆସୁଛି । ଏହି ଦାବି ନେଇ ଜୟପୁର ମୁଖ୍ୟ ଟ୍ରାଫିକ ଛକ ନିକଟରେ ସର୍ବଦଳୀୟ ତରଫରୁ ବିକ୍ଷୋଭ କରାଯାଇଛି । ଏହି ବିକ୍ଷୋଭରେ ପୌର ଅଧକ୍ଷନରେନ୍ଦ୍ର ମହାନ୍ତି, ବିଜେଡି ନଗର ସଭାପତି ହର ମିଶ୍ର,ସିପିଆଇ ଜିଲ୍ଲା ସମ୍ପାଦକ ଯୁଧିଷ୍ଠିର ରାଉଳ, ରାଜେନ୍ଦ୍ର କୁମାର ଗୌଡ଼, ସହଦେବ ପଟ୍ଟନାୟକ, ତାପସ ପଣ୍ଡା, ପ୍ରମୋଦ ମହାନ୍ତି, ସତ୍ୟବ୍ରତ ନନ୍ଦ, ପ୍ରଣବ ପ୍ରକାଶ ନାୟକ, ତ୍ରିପତି ପାଣିଗ୍ରାହୀ, ଚନ୍ଦ୍ର ଶେଖର ମହାକୁଡ଼, କାର୍ତ୍ତିକ ରାଉତ, ଗୌରୀ ପଟ୍ଟନାୟକ, ପ୍ରମୁଖ ଉପସ୍ଥିତ ରହିଥିଲେ । କେନ୍ଦ୍ରୀୟ ବିଦ୍ୟଳୟ ଖୋଲିବା ପାଇଁ ମଧ ରାଜ୍ୟ ସରକାର ତଥା ଜିଲ୍ଲା ପ୍ରଶାସନ ପକ୍ଷରୁ ଜମି ଆସ୍ଥାୟୀ କୋଠା ବ୍ୟବସ୍ଥା କରାଯାଇଛି । ଆଶା ଥିଲା ଚଳିତ ବର୍ଷ ଜୟପୁରରେ କେନ୍ଦ୍ରୀୟ ବିଦ୍ୟାଳୟ ଖୋଲବ । କେନ୍ଦ୍ର ସରକାରଙ୍କ ଏବଂ ରାଜ୍ୟ ସରକାର ଙ୍କ ମଧ୍ୟରେ ତାଳ ମେଳ ଅଭାବ ରୁ କେନ୍ଦ୍ରୀୟ ବିଦ୍ୟାଳୟର ଆଶା ଏବେ ନିରାଶାରେ ପାଲଟିଯାଇଛି । ଏପଟେ ଆଜି ସର୍ବଦଳୀୟ ପକ୍ଷରୁ ପ୍ରତିବାଦ କରି ରାଜରାସ୍ତାକୁ ଓଲ୍ହାଇଛନ୍ତି । କୋରାପୁଟ ଜିଲ୍ଲାର ମୁଖ୍ୟ ସହର ହେଉଛି ଜୟପୁର ସହର । ଏହାର ଲୋକ ସଂଖ୍ୟା ପ୍ରାୟ ଏକ ଲକ୍ଷ ୧୦ ହଜାର ରୁ ଉର୍ଦ୍ଧ ହେବ । କିନ୍ତୁ ଏତେ ବଡ ସହର ଦୃଷ୍ଟି କୋଣରୁ ଏଠାରେ ଏକ କେନ୍ଦ୍ରୀୟ ବିଦ୍ୟାଳୟଟିଏ ରହିବା କଥା । ଏପଟେ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ପ୍ରକାରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଗ୍ଲୋବାଲ ହସପିଟାଲ ପଛପଟେ ଟାଉନ ମଧ୍ୟରେ ୮ ଏକର ଜମି ଦେବାକୁ ସବୁ କାମ ସରିଛି । ଖାଲି ସେତିକି ନୁହେଁ ଚଳିତ ବର୍ଷ ଅସ୍ଥାୟୀ ଭାବେ ବିଦ୍ୟାଳୟ ଚାଲିବା ପାଇଁ ଆଦିବାସୀ ସମନ୍ୱିତ ବିଭାଗର ଅନ୍ୱେଶା କୋଠା ଘର ବି ହସ୍ତାନ୍ତର କରିଛି ପ୍ରଶାସନ । ଏଥିପାଇଁ ଜୟପୁରବାସୀଙ୍କ ମନରେ କ୍ଷୋଭ ସୃଷ୍ଟି ହୋଇଛି । ସେଥିପାଇଁ ଆଜି ସବୁ ଦଳର ପ୍ରତିନିଧି ମାନେ ରାଜରାସ୍ତାକୁ ଓଲ୍ହାଇଛନ୍ତି । ଯଦି କେନ୍ଦ୍ରିୟ ବିଦ୍ୟାଳୟ ଚଳିତ ବର୍ଷ ସ୍ଥାପନ ନ କରାଯାଏ ତେବେ ଆଗାମୀ ଦିନରେ କୋରାପୁଟ ଜିଲ୍ଲାକୁ ବନ୍ଦ କରିବାକୁ ଚେତାବନୀ ଦେଇଛନ୍ତି ଜୟପୁର ସର୍ବଦଳୀୟ ନେତା ଓ ସହରବାସୀ ।

# ଫୁଲବାଣୀରେ ଓବିସି ବର୍ଗର ବିଭିନ୍ନ ଦାବିରେ ଜାଗ୍ରତ କନ୍ଧମାଳ ପକ୍ଷରୁ ଶୋଭାଯାତ୍ରା

କନ୍ଧମାଳ ,୦୯/୦୬ (ନି.ପ୍ର): ଜାଗ୍ରତ କନ୍ଧମାଳ ଓଡ଼ିଶା ତରଫରୁ ପଛୁଆ ବର୍ଗ (ଓବିସି) ସମ୍ପ୍ରଦାୟ ଙ୍କ ପ୍ରତି କେନ୍ଦ୍ର ରାଜ୍ୟ ସରକାର ଙ୍କ ର ଅବିଚାର କୁ ନେଇ ୬ ଦଫା ଦାବି ଉପସ୍ଥାପନ କରିବା ପାଇଁ ଫୁଲବାଣୀ ମାଦୀକୁନ୍ଦା ଛକ ଠାରୁ ଶାନ୍ତି ପ୍ରତିବାଦ ଶୋଭାଯାତ୍ରା ବାହାରି ଜିଲ୍ଲା ପାଳଙ୍କ କାର୍ଯାଳୟ ସମ୍ମୁଖରେ ପହଞ୍ଚିଥିଲା । ଶୋଭାଯାତ୍ରା ରେ ସାମିଲ ହୋଇଥିବା ଓବିସି ବର୍ଗର ଲୋକେ ପାଇଁ ବିଭିନ୍ନ ସୁବିଧା ସୁଯୋଗରୁ ବଞ୍ଚିତ ରହୁଥିବା ସମ୍ପର୍କରେ ବିଭିନ୍ନ ନାରାବାଜୀ ଦେଇଥିଲେ । ଜାଗ୍ରତ କନ୍ଧମାଳର ପ୍ରତିଷ୍ଠାତା ସତ୍ୟନାରାୟଣ ବେହେରା, ସଭାପତି ପ୍ରଶାନ୍ତ ମହାନ୍ତି, ସହ ସଂପାଦକ ରମେଶ ଚନ୍ଦ୍ର ପ୍ରଧାନ, ଉପଦେଷ୍ଟା ସୁନିଲ ବିଶ୍ୱାଳ , ଖଣ୍ଡାୟତ ସମାଜ ସଭାପତି ଭିବୁତୀ ଭୂଷଣ ଦଳ ପତି , ଉପଦେଷ୍ଟା ସୋମ ନାଥ ବାଘ୍, ଖିରଦ କୁମାର ସାହାଣୀ , ପଛୁଆ ବର୍ଗ ର ସଭାପତି ଅରୁଣ ନାୟକ , ପୂଜାରୀ ଖଣ୍ଡାୟତ ର ସଭାପତି ସତ୍ୟବାନ୍ ପୂଜାରୀ , ସୁଣ୍ଡି ସମାଜ ର ଜିଲ୍ଲା ସଭାପତି ଦେବେସ୍ୱର ବେହେରା , ଶଙ୍କରାଖୋଲ ସୁଦ ସମାଜ ର ସଭାପତି ଗୋବିନ୍ଦ ଅମାତ୍ୟ , ବଲସ୍କୁମ୍ପା ସୁଦ ସମାଜ ର ସଭାପତି ଉଦ୍ଧବ ବିଶୋଇ , ଶ୍ରମିକ ନେତା ଘନ ଶବର ,ନାରୀ ନେତ୍ରୀ ମଞ୍ଜୁଶ୍ରୀ ପ୍ରଧାନ , ମେନକା ଆର୍ଯ୍ୟଲି ପ୍ରମୁଖ ଯୋଗ ଦେଇଥିଲେ । ଶୋଭାଯାତ୍ରା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିବା ପରେ ଏକ ୬ ଦଫା ଦାବି ସମ୍ବଳିତ ଦାବିପତ୍ର କନ୍ଧମାଳ ଜିଲ୍ଲା ପାଳ ଡ ବୃନ୍ଦା ଡି ଙ୍କ ଜରିଆରେ ମହାମହୀମ ରାଷ୍ଟ୍ରପତି , ଭାରତ ର ପ୍ରଧାନ ମନ୍ତ୍ରୀ ଓ ଓଡ଼ିଶା ର ମୁଖ୍ୟ ମନ୍ତ୍ରୀ ଙ୍କୁ ପ୍ରଦାନ କରାଯାଇଥିଲା । ଏହି ଅବସରରେ ସାମ୍ବାଦିକ ସୂର୍ଯ୍ୟନାରାୟଣ ବେହେରା , ବିପ୍ରବର ସ୍ୱାଇଁ , ପ୍ରମୁଖ ସହଯୋଗ କରିଥିଲେ । ନିଜର ଅଧିକାର ପାଇଁ ଜିଲ୍ଲା ର ବିଭିନ୍ନ ଅଂଚଳରୁ ପ୍ରତ୍ୟେକ ବ୍ଲକ ର ଓବିସି ବର୍ଗର ଲୋକ ମାନେ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ପରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଏକ ପଥପ୍ରାନ୍ତ ସଭା ରେ ସମସ୍ତେ ନିଜ ନିଜର ଅଭି ଭାଷଣ ରଖିଥିଲେ । ଶେଷରେ ଜାଗ୍ରତ କନ୍ଧମାଳ ର ସହ ସଂପାଦକ ଧନ୍ୟବାଦ୍ ଅର୍ପଣ କରିଥିଲେ ।

# ନାଗପୁର ବୁଢ଼ୀ ଜାଗୁଲାଇ ମନ୍ଦିରର ରତ୍ନମୁଦ ଓ ଦଧିନଉତି ସ୍ଥାପନ

କେନ୍ଦ୍ରାପଡ଼ା,୦୯/୦୬ (ନି.ପ୍ର): କେନ୍ଦ୍ରାପଡା ବ୍ଲକ ଅଧିନ ଓସ୍ତପୁର ପଂଚାୟତର ନାଗପୁର ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ମା’ ବୁଢୀ ଜାଗୁଲାଇଙ୍କ ନୂତନ ମନ୍ଦିରର ରତ୍ନମୁଦ ଓ ଦଧିନଉତି ସ୍ଥାପିତ ହୋଇ ଯାଇଛି । ଗ୍ରାମବାସୀଙ୍କ ସହଯୋଗରେ ପ୍ରାୟ ୫୦ ଫୁଟ୍ ଉଚ୍ଚତା ବିଶିଷ୍ଟ ଏହି ମନ୍ଦିରରେ ରତ୍ନମୁଦ, ଅଷ୍ଟଧାତୁ ସମର୍ପଣ, ଦଧିନଉତି, କଳସ ସ୍ଥାପନ ସହିତ ଭରଣ ଭରଣ ଧାନ, ସୁନାରୂପା, ଟଙ୍କା ପଇସା ଆଦି ଲାଗିଅଛି । ଏହି କାର୍ଯ୍ୟକ୍ରମକୁ ଗ୍ରାମର ସମସ୍ତ ଗ୍ରାମବାସୀ ମାନେ ସହଯୋଗ କରିଥିଲେ ।

# ମୋଦି ସରକାରଙ୍କର ୮ମବର୍ଷ ପୂର୍ତ୍ତି ଅବସରରେ ଉନ୍ନତି ମୂଳକ କାର୍ଯ୍ୟକ୍ରମକୁ ନେଇ ଆଲୋଚନା

ନୂଆପଡ଼ା, ୮ ଜୁନ (ହି.ସ.)- ନୂଆପଡ଼ା ଜିଲ୍ଲା ଖଡ଼ିଆଳ ସ୍ଥିତ ଶ୍ରୀ-ଜି ମଣ୍ଡପ ଠାରେ ଆଜି ଏସ.ସି ମୋର୍ଚ୍ଚା ତରଫରୁ କେନ୍ଦ୍ର ସରକାରଙ୍କ ସେବା-ସୁଶାସନ-ଗରିବକଲ୍ୟାଣ କାର୍ଯ୍ୟକ୍ରମ ପକ୍ଷ ପାଳନ କ୍ରମରେ ଆୟୋଜନ ହୋଇଥିଲା । ଉକ୍ତ ସଭାରେ କଳାହାଣ୍ଡି ଲୋକସଭା ସାଂସଦ ବସନ୍ତ କୁମାର ପଣ୍ଡା ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥି ରୂପେ ପୂର୍ବତନ ବିଧାୟକ ହିତେଶ କୁମାର ବଗର୍ତ୍ତି ,ଜିଲ୍ଲା ସାଧାରଣ ସମ୍ପାଦକ ଦେବ ସିଂହଦେଓ ମୁଖ୍ୟ ବକ୍ତା ରୂପେ ସଭାକୁ ସମ୍ବୋଧନ କରିଥିବା ବେଳେ ପୂର୍ବତନ ଜିଲ୍ଲା ସଭାପତି, କେନ୍ଦ୍ର ପରିଷଦ ସଦସ୍ୟ ଶିବ ପ୍ରସାଦ ମୁଣ୍ଡ, ଜିଲ୍ଲା ପୂର୍ବତନ ସଭାପତି ଶ୍ରୀ ଅତିନ୍ଦ୍ରଜିତ ସିଂ, ଜିଲ୍ଲାର ପୂର୍ବତନ ବରିଷ୍ଠ ଉପସଭାପତି ଶ୍ରୀ ପୃଥ୍ୱୀରାଜ ମାହାନ୍ତି ମୋଦି ସରକାରଙ୍କର ଆଠ ବର୍ଷର ସମର୍ପିତ ସେବା- ସୁଶାସନ ତଥା ସମସ୍ତଙ୍କର ସାଥେ-ସମସ୍ତଙ୍କର ବିକାଶରେ ଲୋକାର୍ପିତ ହୋଇଥିବା ଜନପ୍ରିୟ ଯୋଜନା, ପ୍ରାଧାନ୍ୟତା ପୂର୍ବକ ଗରିବ କଲ୍ୟାଣକାରୀ -ଅନ୍ତର୍ଦ୍ୱୟ ସଫଳ ସହଯୋଗୀ ପଦକ୍ଷେପ ଗୁଡାକ ବିଷୟରେ ଆଲୋଚନା ପୂର୍ବକ ମାର୍ଗଦର୍ଶନ କରିଥିଲେ । ସମସ୍ତ ଗରିବ ପରିବାରଙ୍କୁ ମାଗଣା-ଚାଉଳ, ପିଏମ ଆବାସ ,ଶୌଚାଳୟ, ଉଜ୍ୱଲା ଗ୍ୟାସବିଜୁଳି-ପିଇବାପାଣି-ସ୍ୱାସ୍ଥ୍ୟ ସେବା -କରୋନା ଭଳି ମହାମାରୀରୁ ରକ୍ଷାପାଇ ଟୀକାକରଣ, ସ୍ୱତନ୍ତ୍ର ସୁରକ୍ଷା ଯୋଜନା, ଜନ ଔଷଧି,ବିଶାଳ ସ୍ୱାସ୍ଥ୍ୟକେନ୍ଦ୍ର ଓ ହେଲଥ ସେଟର ପ୍ରତିଷ୍ଠା ,ସ୍ୱାସ୍ଥ୍ୟ ବୀମା-ଶିଶୁ ଓ ମହିଳାଙ୍କ ପ୍ରତି ବିଶେଷ ଧାନ, ହାତକୁ ଏମଜିଏନ ଆର ଜି ଏସ କାମ, ପ୍ରତେକ ଜମିକୁ ପାଣି-ପିଏମ କୃଷି ସିଚୟି ଯୋଜନା,ମାଟି ପରୀକ୍ଷଣ- ରିହାତି ସାର-ଔଷଧ ଓ କୃଷିଯନ୍ତ୍ରପାତି ରିହାତି ଯୋଗାଣ-କିଷାନ କ୍ରେଡିଟ କାର୍ଡ,ଧାନର ଏମ ଏସ ପି ଦର ରେ ୪୩%ବୃଦ୍ଧି , ରାଷ୍ଟ୍ରୀୟ ଶିକ୍ଷା ନୀତି , ଶିଳ୍ପାୟନ ନୀତି, ମୁଦ୍ରା ଯୋଜନାରେ ଋଣ, ଏସ ଏଚ ଜି ଓ ଷ୍ଟାଣ୍ଡପ ଇଣ୍ଡିଆ ମାଧ୍ୟମରେ ମହିଳା ସଶକ୍ତି କରଣ ଆଦି ବହୁ ଜନ ପ୍ରିୟ ଯୋଜନା ମାଧ୍ୟମରେ ଦେଶର ପ୍ରାୟ ସବୁ ପରିବାର ଉପକୃତ ହେଇଛନ୍ତି ତାହା ହିଁ ମୋଦି ସରକାରର ଉପଲବ୍ଧି । ପରନ୍ତୁ ଆମରି ରାଜ୍ୟ ସରକାରଙ୍କର ବିଭାତ୍ମକ ଭେଦ ପାଇଁ ଆୟୁଷମାନ ଭାରତ ମାଗଣା ସ୍ୱାସ୍ଥ୍ୟସେବା ଯୋଜନାରୁ ଓଡ଼ିଶାବାସୀ ବଂଚିତ ହୋଇଥିବା ବେଳେ ପି ଏମ କୃଷକ ସମ୍ମାନ ନିଧି ଅନେକ ଚାଷୀ ବଂଚିତ -ପିଏମ ଆବାସ ଯୋଜନା କ୍ଷେତ୍ରରେ ଦୁର୍ନୀତି ସହ ସରକାରୀ କଳର ରାଜନୈତିକରଣ ବାସ୍ତବରେ ନିନ୍ଦନୀୟ ବିଷୟ ଅଟେ ବୋଲି ଚର୍ଚ୍ଚା ହୋଇଥିଲା । ଆମ ସମ୍ବିଧାନର ପ୍ରଣେତା ଡ଼ ଆମ୍ବେଦ୍କାର ପ୍ରତି କଂଗ୍ରେସ ସରକାର ଅଣଦେଖା ଓ ପ୍ରତାରିତ ବ୍ୟବହାର ବାସ୍ତବରେ ଅକ୍ଷମନୀୟ । ଦେଶ ପ୍ରତି ତାଙ୍କର ଅତୁଳନୀୟ ଅବଦାନ ଓ ଆଦର୍ଶକୁ ହୃଦବୋଧ କରି ବିଳମ୍ବରେ ହେଲେ ମଧ ମରଣତ୍ତୋର ଭାରତ ରତ୍ନ ଉପାଧିରେ ସମ୍ମାନିତ କରି ଭାଜପା ସରକାର ନିଜକୁ ଧନ୍ୟ ମନେ କରୁଥିବା ବେଳେ ଏସ ସି ସମ୍ପ୍ରଦାୟର ଉଥାନ-ସଶକ୍ତି କରଣ ପାଇଁ ଅନେକ ଯୋଜନା ଲୋକାର୍ପିତ କରିସାରିଛି । ମୋଦି ସରକାର ଡ଼ ଆମ୍ବେଦ୍କରଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ପୂର୍ବକ ପାଞ୍ଚ ତୀର୍ଥ-ପ୍ରତିଷ୍ଠା କରିଛି । ଦେଶର ରାଷ୍ଟ୍ରପତି-ଲୋକସଭା ବାଚସ୍ପତି -ସର୍ବୋଚ୍ଚନ୍ୟାୟାଳୟର ଜଷ୍ଟିସ ଆଦି ଦେଶର ସମ୍ମାନ ଜନକ ଉଚିତ ପଦ-ମର୍ଯ୍ୟାଦା-ଉତ୍ତରଦାୟିତ୍ୱ ଦେଇ ଏସ ସି ସମ୍ପ୍ରଦାୟ ପ୍ରତି ପ୍ରେରଣା ସୃଷ୍ଟି କରିବାରେ ସହାୟକ ହୋଇ ପାରିଛି । ଦେଶ ଓ ଅଂଚଳର ବିକାଶର ସହ ସମତାଳ ଦେଇ କେମିତି ଏସ ସି ସମ୍ପ୍ରଦାୟ ବି ଆଗେଇବ ସେଥିପ୍ରତି ମୋଦି ସରକାରଙ୍କର ପ୍ରତିବଦ୍ଧତାକୁ ସମସ୍ତେ ପ୍ରଶାସଂଶା କରିଥିଲେ । ଉକ୍ତ ସଭାରେ ଏସ ସି ମୋର୍ଚ୍ଚାର ପ୍ରଭାରୀ ଶ୍ରୀ ଜ୍ଞାନ ମେଘ କାର୍ଯ୍ୟକ୍ରମ ସଂଚାଳନ ସହ ଧନ୍ୟବାଦ ଅର୍ପଣ କରିଥିବା ବେଳେ ଏସ ସି ମୋର୍ଚ୍ଚା ଜିଲ୍ଲା ସଭାପତି ଶ୍ରୀ କେଦାର ଜଗତ ସଭାପତିତ୍ୱ କରିଥିଲେ । ବିଧାନସଭା ସ୍ତରୀୟ ପଞ୍ଚଶହରୁଧିକ କାର୍ଯ୍ୟକର୍ତ୍ତାଙ୍କର ଯୋଗଦାନ ପୂର୍ବକ ଉତ୍ସାହିତ ହୋଇଥିଲେ ଏବଂ ଆଲୋଚ୍ୟ ମୋଦି ସରକାରଙ୍କର ଆଠ ବର୍ଷ ସଫଳ-କାର୍ଯ୍ୟକ୍ରମକୁ ଲୋକାଭିମୁଖୀ-ସୂଚନା-ସଚେତନ କରିବା ପାଇଁ ସଂକଳ୍ପ ନେଇଥିଲେ ।

# ଅବସାଦକୁ ଶୀଘ୍ର ଭୁଲନ୍ତି ମହିଳା



ପୁରୁଷମାନଙ୍କ ତୁଳନାରେ ମହିଳାମାନେ ନିଜ ଉପରେ ବିତିଥିବା ଯନ୍ତ୍ରଣା ତଥା କଷ୍ଟଦାୟୀ ଅନୁଭବକୁ ଜଲଦି ଭୁଲି ଯାଇଥାନ୍ତି । କାନପାଡ଼ାସ୍ଥିତ 'ଟରଣ୍ଟୋ ମିସିସୁଆଗା ୟୁନିଭର୍ସିଟି'ରେ ହୋଇଥିବା ଏକ ଅଧ୍ୟୟନରେ ଏହି ତଥ୍ୟ ସାମ୍ନାକୁ ଆସିଛି । ଏହି ଗବେଷଣାରୁ ବେହଜ୍ଞାନିକମାନେ ଜାଣିବାକୁ ପାଇଛନ୍ତି ଯେ, ଜୀବନରେ ବିତିଥିବା ଦୁଃଖଦ ଅନୁଭୂତିକୁ ପୁରୁଷମାନେ ସ୍ପଷ୍ଟ ଭାବେ ମନେ ରଖିଥାନ୍ତି । କିନ୍ତୁ ମହିଳାମାନେ ଏହି ପରିସ୍ଥିତିକୁ ଅଣଦେଖା କରି ଭୁଲିଯାଇଥାନ୍ତି । ତେଣୁ ପୁରୁଷମାନେ ଅଧିକ ଦୁଶ୍ଚିନ୍ତାଜନିତ ରୋଗ ତଥା ହୃଦଘାତର ଶିକାର ହୋଇଥାନ୍ତି । କିନ୍ତୁ ମହିଳାମାନେ ଦୁଃଖଦ ପରିସ୍ଥିତିକୁ ନେଇ ଅଧିକ ସମ୍ବେଦନଶୀଳ ନଥିବାରୁ ଅପେକ୍ଷାକୃତ କମ ଦୁଶ୍ଚିନ୍ତା ଭୋଗିଥାନ୍ତି । ଅଧ୍ୟନରୁ ଏହା ମଧ୍ୟ ଜାଣିବାକୁ ମିଳିଛି ଯେ, ପୁରୁଷମାନେ ତାଙ୍କ ଉପରେ ବିତିଥିବା ଦୁଃଖକୁ ବାରମ୍ବାର ମନେପକାଇ ଅଧିକ ଦୁଃଖ ପାଇଥାନ୍ତି । ସୂଚନା ଥାଉ କି, ଗବେଷକମାନେ ମୂଷାମାନଙ୍କୁ ନେଇ ଏହି ଅଧ୍ୟନର ପ୍ରଥମ ପର୍ଯ୍ୟାୟ ସମ୍ପୂର୍ଣ୍ଣ ଶେଷ କରିଛନ୍ତି ।

# ସୂର୍ଯ୍ୟ କିରଣରେ ମୋଟାପଣ କମେ



ନିକଟରେ ହୋଇଥିବା ଏକ ଗବେଷଣାରେ ଜଣାପଡ଼ିଛି ଯେ, ସୂର୍ଯ୍ୟକିରଣରେ ଶରୀରରେ ଯେଉଁ ଭିଟାମିନ ଡି ସୃଷ୍ଟିହୁଏ ତାହା ବାରିଆଟ୍ରିକ ସର୍ଜରୀକୁ ସଫଳ କରିବାରେ ବିଶେଷ ଭୂମିକା ଗ୍ରହଣ କରେ। ଏହା ମୋଟାପା କମାଇବାରେ ସହାୟକ ହୋଇଥାଏ। ଶୁଣିବାକୁ ଆଶ୍ଚର୍ଯ୍ୟ ଲାଗୁଥିଲେ ମଧ୍ୟ ସତ। ଖରାରେ ବୁଲିଲେ ଭିଟାମିନ-ଡି ମିଳେ ଏବଂ ଚର୍ବି ହ୍ରାସ ପାଏ ବୋଲି ଅନେକେ କହିଥାନ୍ତି। ମଧ୍ୟମ ଖରାରେ ରହିବାର ସମୟତକ ବଡ଼ି ମାସ୍ ଇଣ୍ଡେକ୍ସ (ବିଏମଆଇ) ଉପରେ ପଡ଼େ ଯାହା ଶରୀରର ଚର୍ବିକୁ ପ୍ରଭାବିତ କରେ। ପ୍ରାକୃତିକ ଆଲୋକ ମଣିଷ ଶରୀର ସଜନ କମାଇବା ପ୍ରକ୍ରିୟାକୁ ପ୍ରଭାବିତ କରିଥାଏ ବୋଲି ଏହି ଗବେଷଣାରୁ ଜଣାଯାଇଛି।

ମୋଟା ବ୍ୟକ୍ତିଙ୍କ ଠାରେ ଭିଟାମିନ ଡି କମ୍ ଥାଏ। ଗବେଷଣାରୁ ପ୍ରକାଶ ଯେ, ଭିଟାମିନ୍ ଡି ଅଭାବରେ ଶରୀରରେ ଲେପଟିନ୍ ନାମକ ହର୍ମୋନ କ୍ଷରଣ ଏବଂ ରକ୍ତ ସଞ୍ଚାଳନରେ ବାଧା ସୃଷ୍ଟିହୁଏ। ଏହି ହର୍ମୋନ୍ ମସ୍ତିଷ୍କକୁ ପେଟ ଭରିଯିବାର ସୂଚନା ଦେଇ ନପାରିବା ଯୋଗୁଁ ଲୋକେ ଅଧିକ ଖାଇଦିଅନ୍ତି ଏବଂ ମୋଟାପାର ଶିକାର ହୋଇଥାନ୍ତି। ଆବର୍ଡିନ୍ ବିଶ୍ୱବିଦ୍ୟାଳୟର ବୈଜ୍ଞାନିକମାନେ ସ୍କଟଲାଣ୍ଡର ମୋଟା ଲୋକମାନଙ୍କ ଉପରେ ଗବେଷଣା କରି ଜାଣିଥିଲେ ଯେ, ସେମାନଙ୍କ ଠାରେ ଭିଟାମିନ ଡି ମାତ୍ରା କମ୍ ରହିଛି। ଯେଉଁମାନେ ବି ଓଜନ ହ୍ରାସ କରିବା ଲାଗି ବାରିଆଟ୍ରିକ ସର୍ଜରୀ ଜାନୁଆରୀରୁ ମାର୍ଚ୍ଚ (ଯେଉଁ ସମୟରେ ଶରୀରରେ ଭିଟାମିନ୍ ଡି କମ୍ ଥାଏ) ମଧ୍ୟରେ କରାଇଥାନ୍ତି, ସେମାନଙ୍କୁ ଖରାଦିନେ ଏହି ସର୍ଜରୀ କରାଉଥିବା ବ୍ୟକ୍ତିଙ୍କ ଅପେକ୍ଷା ଅଧିକ ସମସ୍ୟା ସାମ୍ନା କରିବାକୁ ହୁଏ। ଓବେସିଟି ସାଇନ୍ସ ଅଣ୍ଡ ପ୍ରାକ୍ଟିସର ଅନଲାଇନ ଜର୍ଣ୍ଣାଲରେ ଏହା ପ୍ରକାଶିତ ହୋଇଛି।

# ସର୍ବାଙ୍ଗାସନ ବଢ଼ାଏ ପ୍ରଜନନ କ୍ଷମତା

*ଏହି ଆସନ ଥାଇରଏଡକୁ ନିୟନ୍ତ୍ରଣ କରିବା ସହ ପ୍ରଜନନ କ୍ଷମତାକୁ ମଧ୍ୟ ବଢ଼ାଇଥାଏ । ଏହା ମସ୍ତିଷ୍କକୁ ଚିନ୍ତାରୁ ମୁକ୍ତି ଦେବାରେ ସହଯୋଗ କରିଥାଏ ।*

କେମିତି କରିବେ



୧. ଭୂଇଁରେ ପିଠି ମାଡି ଲମ୍ବ ହୋଇ ମ୍ୟାଟ ଉପରେ ଶୋଇପଡ଼ନ୍ତୁ ।

୨. ଏବେ ଗଭୀର ଭାବେ ଦୀର୍ଘ ପ୍ରଶ୍ୱାସ ନେବା ସହ ଦୁଇ ଗୋଡକୁ ସମକୋଣ କରି ଉପରକୁ ଉଠାନ୍ତୁ ।

୩. ଏବେ ଦୁଇ ହାତକୁ ଦୁଇ ପାର୍ଶ୍ୱର ଅଣ୍ଟା ତଳେ ରଖନ୍ତୁ ।

୪. ତା' ପରେ ନିଃଶ୍ୱାସ ଛାଡ଼ିବା ସହ ଧୀରେଧୀରେ ପୂରା ଶରୀରକୁ ପିଠି ସହ ହାତ ସାହାରାରେ ଉପରକୁ ଉଠାନ୍ତୁ ।

୫. ଗୋଡ଼କୁ ଉପରକୁ ଉଠାଇବା ସହ ସିଧା ରଖନ୍ତୁ । ଏହି ସ୍ଥିତିରେ ୨୦/୩୦ ସେକେଣ୍ଡ ପର୍ଯ୍ୟନ୍ତ ଭଗୀର ପ୍ରଶ୍ୱାସ ନିଅନ୍ତୁ ।

୬. ଏବେ ଧୀରେ ଧୀରେ ଗୋଡକୁ ତଳକୁ ଆଣନ୍ତୁ । ତା'ପରେ ଆରମ ସ୍ଥିତିରେ ସାବଧାନ ମୁଦ୍ରାରେ ଶୋଇ ରୁହନ୍ତୁ ।

# ସ୍ମରଣ ଶକ୍ତି ହ୍ରାସ କରେ ଚିନ୍ତା

ଚିନ୍ତାମୁକ୍ତ ନହେଲେ ଆପଣଙ୍କ ସ୍ମରଣଶକ୍ତି ଦୁର୍ବଳ ହୋଇଯିବ ବୋଲି ଏକ ଅଧ୍ୟୟନରୁ ଜଣାପଡ଼ିଛି। ନିକଟରେ ଷ୍ଟାନଫୋର୍ଡ଼ ବିଶ୍ୱବିଦ୍ୟାଳୟରେ କରାଯାଇଥିବା ଏକ ଅଧ୍ୟୟନରେ ଜଣାପଡ଼ିଛି ଯେ ଚିନ୍ତାଗ୍ରସ୍ତ କରାଉଥିବା ହରମୋନ ସ୍ତର ଅଧିକ ବୃଦ୍ଧି ପାଇବା ଯୋଗୁଁ ମସ୍ତିଷ୍କର ରଚନାତ୍ମକ ଶକ୍ତି ଓ ସ୍ମରଣ ଶକ୍ତି ହ୍ରାସ ପାଇଥାଏ। ଏହି ଅଧ୍ୟୟନରେ ଅଧ୍ୟୟନକର୍ତ୍ତାଳ ରବର୍ଟ ସାପୋଲ୍ସି ଏକ ମୂଷା ଉପରେ ଏହି ପରୀକ୍ଷା କରିଥିଲେ। ମୂଷାଠାରେ ଦେଖାଯାଇଥିବା ଅବସାଦ ପାଇଁ ଦାୟୀ କର୍ଟିକୋଷ୍ଟେରନ ନାମକ ହରମୋନ ମାନବ ମଧ୍ୟରେ ଥିବା କର୍ଟସୋଲ ସହ ସମାନ। ଏହି ହରମୋନ ବୃଦ୍ଧି ପାଇଲେ ପ୍ରିଫ୍ରଣ୍ଟଲ କାଟେକ୍ସ କୋଷିକା ବୃଦ୍ଧିପାଏ ଯେଉଁଥିପାଇଁ ସ୍ମରଣଶକ୍ତି ହ୍ରାସ ପାଏ ବୋଲି ଅଧ୍ୟୟନରେ କୁହାଯାଇଛି।

# ଗଳା ସଂକ୍ରମଣର ଘରୋଇ ଉପଚାର

ଶୀତଦିନ ସରିସରି ଆସୁଛି । ତଥାପି ଗଳା ସଂକ୍ରମଣ ସମସ୍ୟା ଦେଖିବାକୁ ମିଳୁଛି । ଏହା ବ୍ୟାକ୍ଟେରିଆ ବା ଜୀବାଣୁ ଦ୍ୱାରା ବ୍ୟାପୁଥିବା ଏକ ରୋଗ । କିନ୍ତୁ ଏଥିପାଇଁ ଚିନ୍ତିତ ହୁଅନ୍ତୁ ନାହିଁ । କେତେକ ଘରୋଇ ଉପଚାର ଦ୍ୱାରା ଗଳା ସଂକ୍ରମଣର ଉପଶମ କରିପାରିବେ ।



- ପ୍ରତି ୨ଘଣ୍ଟାରେ ଥରେ ନଖଉଷୁମ ପାଣିରେ ଲୁଣ ମିଶାଇ କୁଳି କରିବା ଦ୍ୱାରା ଖୁବ୍ କମ ଦିନ ମଧ୍ୟରେ ଗଳା ସଂକ୍ରମଣରୁ ମୁକ୍ତି ମିଳିପାରିବ ।
- ୧କପ୍ ପାଣିରେ ୪ରୁ ୫ଟି ଗୋଲମରିଚ ଏବଂ ୫ଟି ତୁଳସୀ ପତ୍ର ପକାଇ ସେହି ପାଣିକୁ ଫୁଟାଇ ଧୀରେଧୀରେ ପିଇବା ଦ୍ୱାରା ଗଳା ସଂକ୍ରମଣରୁ ମୁକ୍ତି ମିଳିଥାଏ ।
- ୨-୩ଟି ଲବଙ୍ଗକୁ ୨ଟି ରସୁଣ ସହ ମିଶାଇ ବାଟି ଉକ୍ତ ମିଶ୍ରଣକୁ ମହୁସହ ଫେଣ୍ଟି ଦିନକୁ ୨ଥର ପିଅନ୍ତୁ ।
- ଉଷୁମ ଦୁଗ୍ଧରେ ହଳଦୀ ମିଶାଇ ରାତିରେ ଶୋଇବା ପୂର୍ବରୁ ପିଅନ୍ତୁ । ଏହା ବ୍ୟତୀତ ଦୁଗ୍ଧ ଚା' କିମ୍ବା କଫି ବଦଳରେ ଯଥା ସମ୍ଭବ ଅଦା ମିଶ୍ରିତ ନାଲି ଚା' ପିଅନ୍ତୁ ।
- ଥଣ୍ଡା ଦ୍ରବ୍ୟଠାରୁ ଯଥା ସମ୍ଭବ ଦୂରେଇ ରୁହନ୍ତୁ । ତରଳ ଦୁଗ୍ଧ ଜାତୀୟ ପଦାର୍ଥ ଖାଇବା ଉଚିତ୍ ।

# ଚିଆ ବୀଜ ବଢ଼ାଏ ଯୌନାକାଂକ୍ଷା

ଚିଆ ବୀଜ ଓମଏଗା-୩ର ମୁଖ୍ୟ ସ୍ରୋତ । ଏଥିରେ ଆବଶ୍ୟକ ପରିମାଣର ଫ୍ୟାଟି ଏସିଡ୍ ମଧ୍ୟ ରହିଛି, ଯାହା ଶରୀରରେ ଉତ୍ପାଦିତ ହୋଇପାରେନା । ତେଣୁ ସୁସ୍ଥ ଶରୀର ପାଇଁ ଏହାକୁ ଖାଦ୍ୟ ଭାବରେ ଗ୍ରହଣ କରାଯାଇଥାଏ । ଫ୍ୟାଟି ଏସିଡର ଅଭାବ ଫଳରେ ମସ୍ତିଷ୍କର ସ୍ୱାସ୍ଥ୍ୟବସ୍ଥା ଖରାପ ହେବା ସହ ଅବସାଦର ସମ୍ଭାବନା ବଢ଼ିଥାଏ । ଯାହା ଯୌନାକାଂକ୍ଷା କମିବାର ପ୍ରମୁଖ କାରଣ । ତେଣୁ ଯେଉଁମାନଙ୍କର ଏହି ସମସ୍ୟା ଦେଖା ଦେଉଥାଏ । ସେମାନେ ଚିଆ ବୀଜକୁ ନିୟମିତ ସାଲାଡରେ ମିଶାଇ ଖାଇବା ଦ୍ୱାରା ଶରୀର ଆବଶ୍ୟକ କରୁଥିବା ଫ୍ୟାଟି ଏସିଡ୍ ଓ ଲୁକାୟିତ ଯୌନଇଚ୍ଛା ଜାଗ୍ରତ ହୋଇଥାଏ । ୩ବଡ଼ ଚାମଚ ପାଣିରେ ଏକ ଚାମଚ ଚିଆ ବୀଜ ମିଶାନ୍ତୁ । ଏହାକୁ ୧୫ମିନିଟ ଯାଏ ରଖି ଦିଅନ୍ତୁ । ପରେ ଏହାକୁ ସାଲାଡରେ ମିଶାଇ ଖାଆନ୍ତୁ । ଚିଆ ବୀଜରେ ଆବଶ୍ୟକ ଅନୁପାତର ପ୍ରୋଟିନ ଓ ଫାଇବର ରହିଥାଏ ।



# ମୁଣ୍ଡ ବିନ୍ଧାରୁ ମୁକ୍ତି ଦେବ ଅଦା

ନିଦ ଆମ ଶରୀର ପାଇଁ ଜରୁରି । କିନ୍ତୁ ଅନେକ ସମୟରେ ଦେଖିବାକୁ ମିଳେ ଯେ ଅଧିକ ସମୟ ଶୋଇବା ପରେ କେତେଜଣଙ୍କର ମୁଣ୍ଡ ବିନ୍ଧା ହୋଇଥାଏ । ତେବେ ଏପରି ସମସ୍ୟାରୁ କିପରି ମୁକ୍ତି ପାଇବେ ।



*ଅଦା ଖାଅନ୍ତୁ*

ଅଧିକ ଶୋଇବା ଦ୍ୱାରା ହେଉଥିବା ମୁଣ୍ଡବିନ୍ଧାରୁ ରକ୍ଷା ପାଇବା ପାଇଁ ଅଦା ଖାଇପାରିବେ । ଏଥିପାଇଁ ଅଦା ରସ ବା ଅଦା ପକାଇ ଚା' ପିଇପାରିବେ । ଅଦା ମସ୍ତିଷ୍କରେ ଥିବା ରକ୍ତକୋଷିକାରେ ଉପୁଜୁଥିବା ଯନ୍ତ୍ରଣାକୁ କମ କରିଥାଏ ।

*କ୍ୟାଫିନ୍ କମ ନିଅନ୍ତୁ*

ଯଦି ଆପଣଙ୍କର ଏପରି ମୁଣ୍ଡବିନ୍ଧା ହେଉଥାଏ, ତେବେ ନେଉଥିବା କ୍ୟାଫିନର ମାତ୍ରାକୁ କମ କରିଦିଅନ୍ତୁ । କାରଣ ଅଧିକ କ୍ୟାଫିନଯୁକ୍ତ ପାନୀୟ ନେବା ଠିକ ଭାବରେ ନିଦ ହୋଇନଥାଏ ।



*ଅଧିକ ପାଣି ପିଅନ୍ତୁ*

ଯଦି ଆପଣଙ୍କ ଶରୀରରେ ପାଣିର ଅଭାବ ଥାଏ, ତେବେ ଅଧିକ ସମୟ ଶୋଇବା ପରେ ମୁଣ୍ଡବିନ୍ଧା ହୋଇଥାଏ । କଫି, ଆଲକହଲ ଓ ଡ଼ଟା ପାନୀୟ ପିଇବା ଦ୍ୱାରା ଶରୀରରେ ପାଣିର ଅଭାବ ଦେଖା ଦେଇଥାଏ । ସେଥିପାଇଁ ମୁଣ୍ଡବିନ୍ଧାରୁ ମୁକ୍ତି ପାଇଁ ଅଧିକ ମାତ୍ରାରେ ପାଣି ପିଇବା ଆବଶ୍ୟକ ।



*ଯୋଗ ଦିଏ ଫାଇଦା*

ଅଧିକ ନିଦରୁ ହେଉଥିବା ମୁଣ୍ଡବିନ୍ଧାରୁ ମୁକ୍ତି ପାଇଁ ଯୋଗ କରିପାରିବେ । ଏହା ଶରୀର ପାଇଁ ଲାଭକାରୀ ହେବା ସହିତ ମୁଣ୍ଡକୁ ଶାନ୍ତ ଓ ସ୍ଥିର ରଖିଥାଏ । ଫଳରେ ଭଲ ନିଦର ଫାଇଦା ପାଇପାରିବେ ।

# ସମୟ ପୂର୍ବରୁ ଋତୁସ୍ରାବ ଚାହୁଁଥିଲେ....

**ଅନେକ ସମୟରେ ଏମିତି ହୁଏ କୌଣସି ଗୁରୁତ୍ୱପୂର୍ଣ୍ଣ କାମକୁ ନେଇ ମହିଳାମାନେ ନିର୍ଦ୍ଧାରିତ ତାରିଖ ପୂର୍ବରୁ ପିରିୟଡ ହେଉ ବୋଲି ଚାହିଁଥାନ୍ତି । ସେଥିପାଇଁ କେହି କେହି ଔଷଧର ସହାୟତା ନେଇଥାନ୍ତି । ମାତ୍ର ସାଧାରଣ ଭାବେ ଘରୋଇ ଉପାୟରେ ବି ଏହା ସମ୍ଭବ । ଯଦି ଆପଣଙ୍କର ଏମିତି କିଛି ସମସ୍ୟା ରହିଥାଏ, ତେବେ ବ୍ୟସ୍ତ ହୁଅନ୍ତୁ ନାହିଁ । ଯଦି ଏପରି ଔଷଧ ନେବାକୁ ଚାହାନ୍ତିନି, ତେବେ କେତେକ ଖାଦ୍ୟ ଜରିଆରେ ଆପଣ ପରିୟଡକୁ ନିୟନ୍ତ୍ରଣରେ ରଖିପାରିବେ ।**



### ଅଧିକ ଅମୃତଭଣ୍ଡା ଖାଆନ୍ତୁ

ଯଦି ଆପଣ ସମୟ ପୂର୍ବରୁ ପରିୟଡ ହେଉ ବୋଲି ଚାହୁଁଥାନ୍ତି, ତେବେ ବହୁ ମାତ୍ରାରେ ଅମୃତଭଣ୍ଡା ଖାଆନ୍ତୁ । ଅଧିକ ଅମୃତଭଣ୍ଡା ଖାଇବା ଦ୍ୱାରା ଶରୀରରେ କ୍ୟାରୋଟିନର ମାତ୍ରା ବଢ଼ିଥାଏ, ଯାହା ଫଳରେ ଏଷ୍ଟ୍ରୋଜେନ ହରମୋନ ବଢ଼ିବା ସହ ଋତୁସ୍ରାବ ସମୟ ପୂର୍ବରୁ ହୋଇଥାଏ । ଅମୃତଭଣ୍ଡା ଖାଇବା ଦ୍ୱାରା ଶରୀରରେ ଗରମ ବଢ଼ିଥାଏ, ଫଳରେ ରକ୍ତ ସଞ୍ଚାଳନ ତୀବ୍ର ହୋଇଥାଏ ।



### ମହୁ ସହ ରାଶି ଖାଅନ୍ତୁ

ଘରୋଇ ଉପାୟରେ ସମୟ ପୂର୍ବରୁ ପରିୟଡସ୍ ଚାହୁଁଥିଲେ, ରାଶି ଖାଇପାରିବେ । ରାଶି ଶରୀରକୁ ଗରମ କରି ସମୟ ପୂର୍ବରୁ ପିରିୟଡସ୍ ହେବାରେ ସାହାଯ୍ୟ କରିଥାଏ । ଏଥିପାଇଁ ଏକ ଚାମଚ ମହୁ ସହ ଏକ ଚାମଚ ରାଶି ମିଶ୍ରଣକୁ ଦିନକୁ ଦୁଇ ବା ତିନି ଥର ଖାଆନ୍ତୁ । ପିରିୟଡସ ହେବାକୁ ଥିବା ତାରୀଖର ଏକ ସପ୍ତାହ ପୂର୍ବରୁ ଏହାକୁ ଖାଇବା ଆବଶ୍ୟକ ।



### ଗରମ ପାଣିରେ ହଳଦୀ ମିଶାଇ ପିଅନ୍ତୁ

ହଳଦୀରେ ଫାଇଟୋଏଷ୍ଟ୍ରୋଜେନ୍ ରହିଥାଏ, ଯାହା ଗର୍ଭାଶୟରୁ ବାହାରୁଥିବା ରକ୍ତକୁ ଉତ୍ତେଜିତ କରିଥାଏ । ତେଣୁ ଯଦି ଆପଣ ସମୟ ପୂର୍ବରୁ ପରିୟଡ ଚାହୁଁଥାନ୍ତି, ତେବେ ଏକ ସପ୍ତାହ ପୂର୍ବରୁ ନିୟମିତ ସକାଳେ ଗରମ ପାଣିରେ ଚିମୁଟାଏ ହଳଦୀ ପକାଇ ପିଅନ୍ତୁ । ଏପରି କରିବା ଦ୍ୱାରା ପ୍ରାକୃତିକ ଉପାୟରେ ପିରିୟଡସ ହୋଇଥାଏ ।



### ଡାଳିମ୍ବ ଜୁସ୍

ଡାଳିମ୍ବ ଜୁସ ଶରୀରରେ ରକ୍ତ ପ୍ରବାହକୁ ତୀବ୍ର କରିବା ସହ ଉତ୍ତେଜନା ବଢ଼ାଇଥାଏ । ଯାହା ଫଳରେ ପରିୟଡ ହେବା ସହଜ ହୋଇଥାଏ । ଅବଶ୍ୟ ଏଥିପାଇଁ ପରିୟଡ ତାରିଖର ୧୦ଦିନ ପୂର୍ବରୁ ନିୟମିତ ଡାଳିମ୍ବ ଜୁସ ପିଇବାକୁ ପଡ଼ିଥାଏ ।



# ଅନ୍ଧତ୍ୱ ଦୂରକରିବ 'ସୁପର ବାନାନା'



ଆଫ୍ରିକାରେ ଶିଶୁ ଅନ୍ଧତ୍ୱ ଉଦବେଗ ଜନକ ସଂଖ୍ୟାରେ ବଢ଼ିବାରେ ଲାଗିଛି । ଉପସାହାରାନ୍ ଆଫ୍ରିକାରେ ପାଞ୍ଚ ବର୍ଷରୁ କମ୍ ବୟସ୍କ ତିରିଶ ପ୍ରତିଶତ ଶିଶୁ ଅନ୍ଧତ୍ୱ ଭୋଗିବା ଭଳି ଆଶଙ୍କା ଉପୁଜିଲାଣି । ଏହାର ମୁକାବିଲା ତଥା ସ୍ଥାୟୀ ପ୍ରତିକାର ପାଇଁ 'ବିଲ ଆଣ୍ଡ ମେଲିଣ୍ଡା ଗେଟସ ଫାଉଣ୍ଡେସନ୍' ପ୍ରଦତ୍ତ ପାଣ୍ଠିରେ ଗବେଷଣା ଚାଲିଛି । ଅନ୍ଧତ୍ୱର ସଫଳ ମୁକାବିଲା ବିଜ୍ଞାନୀମାନେ ବିକଶିତ କରିଛନ୍ତି ଚମତ୍କାରୀ କଦଳୀ ବା ଇଂରାଜୀରେ ସୁପର ବାନାନା । ଜିନ୍ ବଦଳ ପଦ୍ଧତିରେ ବିକଶିତ ଏହି କଦଳୀ ଗର୍ଭବତୀମାନେ ଖାଇଲେ ଶିଶୁଙ୍କଠାରେ ଅନ୍ଧତ୍ୱ ରହିବ ନାହିଁ ଅନ୍ୟମାନଙ୍କ ଠାରେ ମଧ୍ୟ ଏହା ଅନ୍ଧତ୍ୱ ଦୂରକରିବ ।

# ଆତ୍ମବିଶ୍ୱାସ ବଢ଼ାଇବା ପାଇଁ

କୌଣସି କାମ କରିବା ପୂର୍ବରୁ ଆତ୍ମବିଶ୍ୱାସ ରହିବାର ନିହାତି ଜରୁରୀ। ନହେଲେ କାମଟି ସୂଚାରୁ ରୂପେ ସମ୍ପାଦିତ ହୋଇ ନଥାଏ। ଏମିତି କେତେକ ବ୍ୟକ୍ତି ବିଶେଷ ଅଛନ୍ତି ଯେଉଁମାନଙ୍କର ଆତ୍ମବିଶ୍ୱାସ ଉପରେ ଶତ ପ୍ରତିଶତ ଭରସା ନଥାଏ। ତେଣୁ ସେମାନେ କୌଣସି କାମ କରିବା ସମୟରେ ଅଯଥା କଥାକୁ ଆଶ୍ରୟ କରି ଆଗେଇ ଥାଆନ୍ତି। ଫଳରେ ସେ କରୁଥିବା କାମ ପ୍ରଭାବିତ ହୋଇଥାଏ। ନିଜର ଆତ୍ମବିଶ୍ୱାସ ବଢ଼ାଇବାର ଏକ ସହଜ ଉପାୟ ହାତ ପାଆନ୍ତାରେ ରହିଛି। ଯଦି ଜଣେ ବ୍ୟକ୍ତିର କଥାବାର୍ତ୍ତା ଶୈଳୀ ଅଧିକାଂଶ ସମୟ ସକାରାତ୍ମକ ରହେ ତେବେ ତାହାର ପ୍ରଭାବ ଆତ୍ମବିଶ୍ୱାସ ଉପରେ ପଡ଼ିଥାଏ। ଏଭଳି ତଥ୍ୟ ସଦ୍ୟତମ ଗବେଷଣାରୁ ଜଣାପଡ଼ିଛି। ୟୁନିଭର୍ସିଟି ଅଫ ଚିକାଗୋର ମନୋବିଜ୍ଞାନୀମାନେ ଏନେଇ ଗବେଷଣା କରିଥିଲେ। ଏହି ସମୟରେ ଗବେଷଣା ପରିସରଭୁକ୍ତ ବ୍ୟକ୍ତିମାନଙ୍କର ମାନସିକତା (କାମ କରିବା ସମୟରେ) କିପରି ରହୁଛି ତାହା ଲକ୍ଷ୍ୟ କରା ଯାଉଥିଲା। ବିଶେଷ ଭାବରେ ଯେଉଁମାନେ ଅନ୍ୟମାନଙ୍କ ସହ ଖୁସି ମିଜାସରେ କଥାବାର୍ତ୍ତା କରୁଥିଲେ ସେମାନଙ୍କର କାମ କରିବା ପ୍ରତି ଆତ୍ମବିଶ୍ୱାସ ଅନ୍ୟମାନଙ୍କ ତୁଳନାରେ ଦୃଢ଼ ଥିବାର ଦେଖିବାକୁ ମିଳିଥିଲା। ହେଲେ ଏସବୁ ନିଜର ମାନସିକତା ଉପରେ ହିଁ ନିର୍ଭର କରିଥାଏ ବୋଲି ବିଶେଷଜ୍ଞମାନେ ପ୍ରକାଶ କରିଛନ୍ତି।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ପୁଣି ଘାତକ ସାଜୁଛି !

ଚୀନ୍, ଆମେରିକା ଓ ଦକ୍ଷିଣ ଆଫ୍ରିକା ଭଳି କେତେକ ଦେଶରେ ପୁଣି ଉଙ୍କି ମାରୁଥିବା କରୋନା ସଂକ୍ରମଣ ଜନିତ ଭୟଙ୍କର ରୂପ ନେବାରେ ଲାଗିଛି । ଏହାର ପ୍ରଭାବ ଭାରତ ସମେତ କେତେକ ଦେଶରେ ଦେଖାଦେବା ବିଭିନ୍ନ ମହଲରେ ଚିନ୍ତାର କାରଣ ହେଲାଣି । ନିର୍ଦ୍ଦିଷ୍ଟ ମହଲର ବିଚାର, ପର୍ଯ୍ୟାୟ କ୍ରମରେ ଟିକାକରଣ, ସାମାଜିକ ଦୂରତା ରକ୍ଷା ଓ ମାସ୍କ ପରିଧାନ ପାଇଁ ଏହି ଭୂତାଣୁ ଜନିତ ସଂକ୍ରମଣର ପ୍ରକୋପ ସେତେ ବେଶୀ ହୋଇନପାରେ । ମଙ୍କି ପକ୍ସ ଭଳି ଶିଶୁମାନଙ୍କୁ ସଂକ୍ରମିତ କରୁଥିବା ଭାରିଆଣ୍ଟ୍ ଯେମିତି ବଢିବାରେ ଲାଗିଛି, ତହିଁରେ କେବେ ହଠାତ୍ ବିସ୍ଫୋରଣ ନଘଟିବ, ତାହା କେହି ବି କହିପାରିବେ ନାହିଁ । କରୋନାର ବିଭିନ୍ନ ଲହର ତମାମ୍ ବିଶ୍ୱ ଦେଖୁଛି । ଦୁଇ-ତିନି ଲହର ପରେ ଆମ ଦେଶର ଅତିକମ୍‌ରେ ପାଞ୍ଚଟି ରାଜ୍ୟରେ ଭୂତାଣୁ ସଂକ୍ରମଣ କାୟା ବିସ୍ତାର କଲାଣି । କର୍ଣ୍ଣାଟକ, କେରଳ, ତାମିଲନାଡୁ,ମହାରାଷ୍ଟ୍ର ଓ ଆନ୍ଧ୍ର ପ୍ରଦେଶରେ ଦୈନିକ ସଂକ୍ରମଣ ହାର ବୃଦ୍ଧି ପାଇବାରେ ଲାଗିଛି । ଦିନକୁ ହଜାରେ ମାମଲା ବଢ଼ିବା ଘଟଣା ସୂଚାଉଛି ସଂକ୍ରମଣର ମାତ୍ରା କେତେ ଗମ୍ଭୀର ହେଲାଣି । ଏହି ହାରରେ ଯଦି ସଂକ୍ରମଣ ପୁଣି ବୃଦ୍ଧିପାଏ, ତେବେ ତାହାର ପ୍ରକୋପ କେଉଁ ରୂପ ନେବ, କଳନା କରିବା ସ୍ଥିତିରେ ନାହାନ୍ତି । ଏତିକି ଆଶ୍ୱାସନାର ବିଷୟ, ସାର୍ବଜନୀନ ଟିକାକରଣ ସହିତ ସାମାଜିକ ସୁରକ୍ଷା ଭଳି ସତର୍କତା ହେତୁ ଏହାର ପ୍ରକୋପି ସେତେ ବେଶୀ ହୋଇପାରେ ବୋଲି କୁହାଯାଉଛି । ଯେଉଁ କେତେକ ରାଜ୍ୟ କଥା କୁହାଯାଉଛି, ସେହି ରାଜ୍ୟଗୁଡ଼ିକରେ । ମାସ୍କ ପରିଧାନ ଓ ଭିଡ଼ ଭିତରକୁ ଯିବା ଉପରେ କଟକଣା ପ୍ରାୟତଃ ଆରମ୍ଭ ହୋଇଗଲାଣି । କେଉଁ ରାଜ୍ୟରେ ମାସ୍କ ପରିଧାନକୁ ବାଧ୍ୟତାମୂଳକ କରାଯାଇଛିତ' ଆଉ କେଉଁଠି ତାହା ବାଧ୍ୟତାମୂଳକ ହୋଇନାହିଁ । ମାତ୍ର ପୂର୍ବ ଅଭିଜ୍ଞତା ଦୃଷ୍ଟିରୁ ହସ୍ପିଟାଲରେ ଶଯ୍ୟା ସଂରକ୍ଷଣ, ଅକ୍ସିଜେନ୍ ବ୍ୟବସ୍ଥା କରାଯିବା ନେଇ ପର୍ଯ୍ୟାପ୍ତ ସତର୍କତାମୂଳକ ବ୍ୟବସ୍ଥା ଗ୍ରହଣ କରାଯିବା ଏକାନ୍ତ ଜରୁରି। ସମ୍ପୃକ୍ତ ରାଜ୍ୟରେ ସଂକ୍ରମଣ ବୃଦ୍ଧି ଦୃଷ୍ଟିରୁ କିଛିକାଳ ଧରି ସାମାଜିକ ଦୂରତା ରକ୍ଷାରେ ଦେଖାଦେଇଥିବା ଖୁଲାଫ କଦାପି ଗ୍ରହଣୀୟ ନୁହେଁ । କରୋନା ପୁଣି ଫେରିବ କି ନଫେରିବ, ତାହା ଯେତେ ବଡ଼ କଥା ନୁହେଁ, ସଂକ୍ରମଣ ମାମଲା ବୃଦ୍ଧି ଦୃଷ୍ଟିରୁ ଆମକୁ ସତର୍କ ରହିବାକୁ ହେବ । ଦେଶ ବିଦେଶରେ ତୃତୀୟ ଡୋଜ୍ ସାଙ୍ଗକୁ ପିକସନାରୀ (ବୁଷ୍ଟର ଡୋଜ୍) ଟିକା ନିଆ ସରିଲାଣି । ଆମ ଏଠାରେ ମଧ ଅନୁରୂପ ବ୍ୟବସ୍ଥା ବରିଷ୍ଠ ନାଗରିକଙ୍କ କ୍ଷେତ୍ରରେ କରାଯାଉଛି। ଘରୋଇ ଡାକ୍ତରଖାନାରେ ଉପଯୁକ୍ତ ଦେୟ ବିନିମୟରେ ଟିକାକରଣ ହେଉଛି । ସମସ୍ତେ ଆଶ୍ୱସ୍ତ ହୋଇସାରିଥିଲେ ଯେ ସ୍କୁଲ-କଲେଜଗୁଡିକୁ ପୁଣି ଖୋଲିଲା ଏବଂ ଦୁଇ-ଅଢେଇବର୍ଷ ହନ୍ତସନ୍ତ କରି ରଖୁଥିବା ସଂକ୍ରମଣ ପରେ ସ୍ୱାଭାବିକ୍ ସ୍ଥିତି ଫେରିଆସିଛି । ଏହା କେତେଦୂର ସମ୍ଭବ,ତାହା ଦେଖୁବାର କଥା। ପ୍ରତିଦିନ ହଜାରେ ମାମଲା ସାମ୍ନାକୁ ଆସୁଛି । ଏହାର ଅର୍ଥ ସଂକ୍ରମଣ ହାର ପହଞ୍ଚି ସାରିଲାଣି ୮୪.୭୭%ରେ । ଏହା ଶହେ ଭାଗକୁ ଛୁଇଁବାକୁ ତେତେ ସମୟ ଲାଗିବ । ଓଡ଼ିଶା ସରକାର କରୋନା ବିରୋଧୀ ଲଢେଇରେ ଏକ ଦୃଷ୍ଟାନ୍ତସ୍ଥାନୀୟ ଆଦର୍ଶ ହୋଇଛି । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟବ୍ୟାପୀ ସଚେତନତା ସୃଷ୍ଟି ଦିଗରେ ଯେଉଁ ପରିବେଶ କରିଛନ୍ତି, ତାହା କରୋନା ବିରୋଧୀ । ଅଭିଯାନକୁ ଉଚ୍ଚତର ପର୍ଯ୍ୟାୟକୁ ନେଇପାରିଛି ବୋଲି ସ୍ୱୟଂ ପ୍ରଧାନମନ୍ତ୍ରୀ ମୋଦି ପ୍ରଶଂସାରେ ଶତମୁଖ ହୋଇଛନ୍ତି । ଦେଶ ଆଗରେ ଦୃଷ୍ଟାନ୍ତ ହୋଇପାରିଥିବା ଓଡ଼ିଶାର ମୁଖ୍ୟମନ୍ତ୍ରୀ ସର୍ବଶେଷ ସ୍ଥିତି ଦୃଷ୍ଟିରୁ ନିଜ ରାଜ୍ୟରେ ମାସ୍କ ପରିଧାନ, ହସ୍ତ ପ୍ରକ୍ଷାଳନ ଓ ସାମାଜିକ ଦୂରତ୍ୱ ରକ୍ଷା ଭଳି ପଦକ୍ଷେପ କରୋନାକୁ ପରାସ୍ତ କରିବା ଦିଗରେ ସୁଦୃଢ ସାଧନ ବୋଲି ଜଣାଇସାରିଛନ୍ତି । ଆଜି ପାଞ୍ଚଟି ରାଜ୍ୟରେ ବ୍ୟାପିଛି, ଅନ୍ୟ ରାଜ୍ୟଗୁଡ଼ିକୁ ତାହା ନବ୍ୟାପିବ, କେହି କହିପାରିବେ ନାହିଁ । ସେଭଳି ସମ୍ଭାବ୍ୟ ପରିସ୍ଥିତିକୁ ଦୃଷ୍ଟିରେ ରଖ ସରକାର ତଥା ସ୍ୱେଚ୍ଛାସେବୀ ସଂଗଠନ ଉଚିତ ଓ ଉପଯୁକ୍ତ ପଦକ୍ଷେପ ନେବାକୁ ଚାହିଁବେ । ପ୍ରତିଟି ଜୀବନ ମୂଲ୍ୟବାନ ବୋଲି ବିଚାର କରିଆସିଥିବା ମୁଖ୍ୟମନ୍ତ୍ରୀଙ୍କ ମନ୍ତ୍ର ସବୁ ଦୃଷ୍ଟିରୁ ମହତ୍ତ୍ୱ ବହନ କରୁଛି । ରାଷ୍ଟ୍ରୀୟ ସ୍ତରରେ ପ୍ରଧାନମନ୍ତ୍ରୀ ମୋଦି କରୋନା ବିରୋଧୀ ଲଢେଇକୁ ପ୍ରାଥମିକତା ଆଧାରରେ ବିଚାର କରୁଥିବାରୁ ବିଶ୍ୱସ୍ତରୀୟ ସହଯୋଗକଙ୍କୁ ତ୍ୱରାନ୍ୱିତ କରିବାରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ସହାୟତା ନେଇ ଅଗ୍ରସର ହେବେ । ଉଚ୍ଚ ବୈଷୟିକ ଜ୍ଞାନ ଓ ପ୍ରଯୁକ୍ତିର ଉପଯୋଗ ତଥା ଉପଯୋଗିତା ଏ ଦିଗରେ ଯଥେଷ୍ଟ ସହାୟକ ହେବ ବୋଲି ବିଚାର କରାଯାଉଛି । ସୁତରାଂ, ସ୍ୱାସ୍ଥ୍ୟରକ୍ଷାର ସ୍ୱାର୍ଥରେ ଏହା କରାଯିବା ନେତୃତ୍ୱର ଦାୟିତ୍ୱ ଓ କର୍ତ୍ତବ୍ୟରେ ଯାଉଛି ।

## ଗୃହଯୁଦ୍ଧ ମାର୍ଗରେ ଶ୍ରୀଲଙ୍କା



ସୌମେନ୍ଦ୍ର ଜେନା

ଶ୍ରୀଲଙ୍କାର ଆର୍ଥିକ ଅସ୍ଥିରତା ଦେଶରେ ରାଜନୈତିକ ଅସ୍ଥିରତା ସୃଷ୍ଟି କରିବା ପରେ ଏବେ ଗୃହଯୁଦ୍ଧ ଆଡକୁ ମୁହାଁଇଲା ପରି ଜଣାପଡୁଛି । ପ୍ରଥମେ ଲୋକେ ଆନ୍ଦୋଳନ କରୁଥିଲେ, ସରକାର ସମସ୍ୟାର ସମାଧାନ କରିବାକୁ ଚେଷ୍ଟା କରିବାକୁ କହୁଥିଲେ । କିନ୍ତୁ ଲୋକଙ୍କ ଅସନ୍ତୋଷ ରାଜପାକ୍ଷଙ୍କ ବିରୋଧରେ ଯିବାରୁ ପ୍ରଧାନମନ୍ତ୍ରୀ ମହିନ୍ଦା ନିଜ ଆଡୁ ଇସ୍ତଫା ଦେବାକୁ ବାଧ ହେଲେ । ମହିନ୍ଦାଙ୍କ ଦଳର ଦୁଇଜଣ ମନ୍ତ୍ରୀ ମଧ ନିଜ ଆଡୁ ଇସ୍ତଫା ଦେଇ ସାରିଛନ୍ତି । ତଥାପି ଦେଶରେ ଆନ୍ଦୋଳନ ଥମିବାର ନାମ ନେଉନାହିଁ । ପ୍ରତିବାଦକାରୀଙ୍କ ସହ ଝଗଡାରେ ମହିନ୍ଦାଙ୍କ ଦଳର ଜଣେ ସାଂସଦ ଅମରକୀର୍ତ୍ତୀ ଅଥୁକୋରାଲାଙ୍କ ମୃତ୍ୟୁ ହୋଇଛି । ଦେଶରେ ଜରୁରୀ ପରିସ୍ଥିତି ଜାରି କରାଯାଇଛି । ଆନ୍ଦୋଳନକାରୀମାନେ ମହିନ୍ଦାଙ୍କ ସମେତ ଅନ୍ୟ କେତେକ ରାଜନେତାଙ୍କ ବାସଗୃହରେ ନିଆଁ ଲଗାଇ ଦେଇଛନ୍ତି । ଏହି ହିଂସାକାଣ୍ଡରେ ଅନେକଙ୍କ ଘରପୋଡି ପାଉଁଶ ହୋଇଥିବା ବେଳେ ମୋଟ ୮ଜଣଙ୍କର ମୃତ୍ୟୁ ହୋଇଥିବା ବିଷୟ ସରକାରୀ ଭାବେ ପ୍ରକାଶ କରାଯାଇଛି । କିନ୍ତୁ ସବୁଠୁ ବଡ କଥା ହେଲା ରାଜନୈତିକଦଳର ସମର୍ଥକଙ୍କ ମଧରେ ସଂଘର୍ଷ । ମହିନ୍ଦାଙ୍କ ଇସ୍ତଫା ପରେ ତାଙ୍କ ଦଳର ସମର୍ଥକ ଆନ୍ଦୋଳନକାରୀ ଲୋକଙ୍କ ଉପରେ ପ୍ରଚଣ୍ଡ ଆକ୍ରମଣ ଜାରି ରଖିଛନ୍ତି । ଶାସକ ବନାମ ବିରୋଧୀ ସମର୍ଥକଙ୍କ ମଧରେ ଗ୍ରାମାଞ୍ଚଳ ଯାଏ ସଂଘର୍ଷ ଆରମ୍ଭ ହୋଇଯାଇଛି । ଏ ପ୍ରକାର ଅରାଜକତା ଯୋଗୁ ଗୃହଯୁଦ୍ଧ ପରିସ୍ଥିତି ସୃଷ୍ଟି ହୋଇଥିବାରୁ ଆଗାମୀ ଦିନରେ ଭୟଗ୍ରସ୍ତ ସାଧାରଣ ଲୋକେ ଦେଶଛାଡି ଶରଣାର୍ଥୀ ଭାବେ ଭାରତକୁ ମୁହାଁଇବେ ଏଥିରେ ସନ୍ଦେହ ନାହିଁ । କେତେକ ପରିବାରବର୍ଗ ପୂର୍ବରୁ ଭାରତର ତାମିଲନାଡୁରେ ଶରଣାର୍ଥୀ ଭାବେ ଆଶ୍ରୟ ନେଇଛନ୍ତି । ଦେଶରେ ହିଂସାକାଣ୍ଡକୁ ଦେଖି ସୁରକ୍ଷାକର୍ମୀଙ୍କୁ ଦେଖିବାକ୍ଷଣି ଗୁଳିକରିବା ଆଦେଶ ଦିଆଯାଇଛି । ତେବେ ଲୋକେ କେବଳ ମହିନ୍ଦାଙ୍କ ଇସ୍ତଫାରେ ସନ୍ତୁଷ୍ଟ ନାହାନ୍ତି । ରାଷ୍ଟ୍ରପତି ଥିବା ଗୋତବାୟା ମଧ ଇସ୍ତଫା ପ୍ରଦାନ କରନ୍ତୁ ବୋଲି ଆନ୍ଦୋଳନକାରୀମାନେ ଦାବି କରୁଛନ୍ତି । ସଂସଦର ବାଚସ୍ପତି ମହିନ୍ଦା ଯାପା ଏବେୱୁର୍ଦ୍ଧନେ ରାଷ୍ଟ୍ରପତିଙ୍କୁ ସଂସଦ ଡକାଇ ସମସ୍ୟାର ସମାଧାନ ପାଇଁ ଚେଷ୍ଟା କରିବାକୁ ଅନୁରୋଧ କରିଛନ୍ତି

ଅତୀତରେ ଶ୍ରୀଲଙ୍କା ସରକାର ତାମିଲ ସଂଘର୍ଷକୁ ବନ୍ଦ କରିବାକୁ ଯେଉଁ ପ୍ରଚଣ୍ଡ ଦମନ ଲୀଳା ଦେଶରେ ଚଳାଇଥିଲେ ତାର ଫଳସ୍ୱରୂପ ଏଲ୍‌ଟିଟିଇର ମେରୁଦଣ୍ଡ ଦୁର୍ବଳ ହେଲା ସତ, କିନ୍ତୁ ସେ ସମୟର ଗୋତବାୟାଙ୍କ ପଦକ୍ଷେପ ଯୋଗୁ ଅନେକ ନିରୀହ ଲୋକଙ୍କ ମୃତ୍ୟୁ ଘଟିଲା, ଯାହାକୁ ନେଇ ଆନ୍ତର୍ଜାତିକ ସ୍ତରରେ ଶ୍ରୀଲଙ୍କା କଟକଣାର ସମ୍ମୁଖୀନ ହେଲା । ଆର୍ଥିକ କଟକଣା ଯୋଗୁ ଆଇଏମ୍‌ଏଫ୍ ପରି ଆନ୍ତର୍ଜାତିକ ଅନୁଷ୍ଠାନଗୁଡିକରୁ ଋଣ ପାଇବା ସହଜ ନହେବାରୁ ଶ୍ରୀଲଙ୍କା ଚୀନ ପାଖରୁ ଅଧିକ ସୁଧ ହାରରେ ଋଣ ନେବାକୁ ପଛାଇଲା ନାହିଁ । ଏପରିକି ପ୍ରତିରକ୍ଷା କ୍ଷେତ୍ରରେ ପାକିସ୍ଥାନ ପରି ଦେଶ ସହ ଅଧିକ ସଂପର୍କ ବୃଦ୍ଧି କରିବାକୁ ଗ୍ରହିଁଲା । ଭାରତ ସରକାରଙ୍କ ଦୃଷ୍ଟିକୋଣ ତାମିଲ ସମସ୍ୟାକୁ ନେଇ ମୂଳରୁ ରହିଆସିଥିବାରୁ ଶ୍ରୀଲଙ୍କା ସରକାର ଏହି ମାମଲାରେ ଭାରତକୁ ବିରୋଧ କରିବା ଲକ୍ଷ୍ୟରେ ପାକ୍ -ଚୀନର ନିକଟତର ହେଲେ । ଚୀନକୁ ହମ୍ବନତୋଟା ବନ୍ଦରକୁ ୯୯ ବର୍ଷ ପାଇଁ ଲିଜ୍ ଦେଲେ । ବିକାଶ ନାମରେ ଋଣଅର୍ଥରେ ଭୂତଖାନା ପ୍ରାୟ ବିମାନବନ୍ଦର ନିର୍ମାଣ କଲେ । ଦେଶର ଆୟ ବ୍ୟୟ ସନ୍ତୁଳନ ପ୍ରତି ଦୃଷ୍ଟି ନଦେଇ ନିର୍ବାଚନରେ ସଫଳତା ପାଇବାକୁ ଅନେକ ଲୋଭନୀୟ ମାଗଣା ଯୋଜନା ଆରମ୍ଭ କଲେ । ଏହାର ଫଳସ୍ୱରୂପ ଲୋକଙ୍କ ମଧରେ ଦିନାକେତେ ମହିନ୍ଦାଙ୍କ ଲୋକପ୍ରିୟତା ରହିଲା । ତାଙ୍କ ପରିବାରର ଅନେକ ସଦସ୍ୟ ସରକାରରେ ଭିନ୍ନ ଭିନ୍ନ ପଦବୀ ମଣ୍ଡନ କରି ରହିଲେ । କିନ୍ତୁ କୋରୋନାର ଲକ୍‌ଡାଉନ ଅବସ୍ଥା ଏମିତି ମାଡକଲା ଯେ ଶେଷରେ ସରକାର କାଳି ଓ କାଗଜ ଅଭାବରୁ ପିଲାମାନଙ୍କର ପରୀକ୍ଷାକୁ ବନ୍ଦ ରଖିବାକୁ ବାଧ ହେଲେ । ବିଦେଶୀ ଋଣର ସୁଧ ଦେବାକୁ ଅର୍ଥ ନଥିଲା ବେଳେ ଆବଶ୍ୟକ ବସ୍ତୁ ଆମଦାନୀ କରିବାକୁ ବୈଦେଶିକ ମୁଦ୍ରାର ଅଭାବ ଦେଖାହେଲା । ପେଟ୍ରୋଲ ଓ ଜାଳେଣି ଗ୍ୟାସ ଯୋଗାଣରେ ଅସୁବିଧା ଦେଖାଦେଲା । ଅତୀତରେ ଚୀନର ଋଣ ଅର୍ଥରେ ଶ୍ରୀଲଙ୍କା ସରକାର କ୍ଷୀରଗୁଣ୍ଡ ନିଉଜିଲାଣ୍ଡରୁ ମଗାଉଥିଲେ । ପାରୁ ପର୍ଯ୍ୟନ୍ତ ଭାରତକୁ ବିରୋଧ କରିବା ନୀତି ହିଁ ଆଜି ପାକ୍ ଓ ନେପାଳ ପରି ଶ୍ରୀଲଙ୍କାକୁ ଆର୍ଥିକ ସଙ୍କଟରେ ପକାଇଛି । ରାଜପାକ୍ଷ ପରିବାରର ତାମିଲ ବିରୋଧୀ, ଭାରତ ବିରୋଧୀ ରାଜନୈତିକ ବିଗ୍ରହଧାରା ହିଁ ଶ୍ରୀଲଙ୍କାର ସହାୟତାକୁ ସୀମିତ କରିଛି । ଆନ୍ତର୍ଜାତିକ ସ୍ତରରେ ଆବଶ୍ୟକ ସହଯୋଗ ଯେତିକି ମିଳିବା କଥା ତାହା ମଧ ମିଳୁନାହିଁ । ଏହାର କାରଣ ହେଲା ଶ୍ରୀଲଙ୍କା ଅନ୍ୟକୁ ଦେବାପାଇଁ ନିଜ ପାଖରେ କିଛି ରଖିନାହିଁ। ଦୀର୍ଘଦିନ ଧରି ସିଂହଳୀ ବନାମ ତାମିଲ ରାଜନୀତି ମାଧ୍ୟମରେ ରାଜନୈତିକ ଦଳମାନେ ସରକାରକୁ ଆସିଛନ୍ତି ସତ, କିନ୍ତୁ ଜନସମସ୍ୟାର ସମାଧାନ କରିବାରେ ଆଗ୍ରହର ଅଭାବ ଯୋଗୁ ଅଣଦେଖା କରିଆସିଛନ୍ତି, ଯେଉଁଥିପାଇଁ ଜନସାଧାରଣଙ୍କ ମନରେ ବର୍ତ୍ତମାନର ସରକାରଙ୍କ ପ୍ରତି ପ୍ରଚଣ୍ଡ ବିରୋଧାଭାସ ଦେଖାଦେଇଛି ।

ଗୋତବାୟାଙ୍କର ଶ୍ରୀଲଙ୍କା ସେନା ସହିତ ଭଲ ସଂପର୍କ ରହିଆସିଛି । ଅତୀତରେ ଗୋତବାୟା ସୁରକ୍ଷା ସଚିବ ଥିଲାବେଳେ ଶ୍ରୀଲଙ୍କା ସେନା ତାମିଲମାନଙ୍କୁ ଆଖିବୁଜା ଗୁଳି କରି ମାରୁଥିଲେ । ତାଙ୍କୁ ସେଥିପାଇଁ ଟର୍ମିନେଟର ଆଖ୍ୟା ଦିଆଯାଇଥାଏ । ଲୋକଙ୍କୁ ଦମନ କରିବା ପାଇଁ ଏବେ ଗୋତବାୟା ସେନାବାହିନୀର ସାହାଯ୍ୟ ନେଇପାରନ୍ତି । ଏହି କ୍ରମରେ ମହିନ୍ଦାଙ୍କୁ ତାଙ୍କ ବାସଗୃହ ମଧରୁ ସେନା ଉଦ୍ଧାର କରି ହେଲିକପଟର ଯୋଗେ ବାହାରକୁ ନେଇଥିଲା । ଦେଶରେ ଜରୁରୀ ପରିସ୍ଥିତି ଜାରିହୋଇଥିବା ଯୋଗୁ ଗୋତବାୟାଙ୍କ ହାତରେ କ୍ଷମତାର ପରିଚ୍ଳନା ଭାର ରହିଛି । ସେ ଏହାକୁ ଉପଯୋଗ କରିବେ ବୋଲି କୁହାଯାଉଛି । କିନ୍ତୁ ଏହାର ପ୍ରଭାବ ଆନ୍ତର୍ଜାତିକ ସ୍ତରରେ କିପରି ପଡିବ ଏବଂ ଆଇଏମ୍‌ଏଫ୍ କିପରି ଋଣପ୍ରଦାନ କରିବ ତାହା ଦେଖିବାର କଥା । ଦେଶ ମଧରେ ସିଂହଳୀ ଭାଷାଭାଷୀ ବୌଦ୍ଧ ସମାଜ ରାଜପାକ୍ଷ ପରିବାର ସମର୍ଥନରେ ପୂର୍ବରୁ ଥିଲାବେଳେ ଏବେ ସଂପୂର୍ଣ୍ଣ ବିରୋଧୀ ହୋଇପଡିଛନ୍ତି । ରାଜପାକ୍ଷ ପରିବାର ବିରୋଧରେ ଠିକା ପ୍ରଦାନରେ ଦୁର୍ନୀତି ପରି ଗମ୍ଭୀର ଅଭିଯୋଗ ଉଠିଛି । ପରିବାରର ବହୁସଦସ୍ୟ ସରକାର ମଧରେ ସ୍ଥାନ ପାଇବାକୁ ବିରୋଧୀଦଳ ସହଜରେ ମୂଳରୁ ଗ୍ରହଣ କରିନାହାନ୍ତି । ତେଣୁ ରାଜପାକ୍ଷଙ୍କ ମେଡାମୁଲାନାଠାରେ ଥିବା ପୈତୃକ ଗୃହ ଏବଂ ରାଜପାକ୍ଷଙ୍କ ପିତାଙ୍କ ସମାଧିସ୍ଥଳୀକୁ ମଇ ୯ତାରିଖ ଦିନ ଆନ୍ଦୋଳନକାରୀମାନେ ନଷ୍ଟ କରି ଦେଇଛନ୍ତି । ଏହି ପରିସ୍ଥିତିରେ ବିରୋଧୀଦଳ ଲୋକେ କିପରି ସ୍ଥିରତା ଆଣିବା ପାଇଁ ସରକାରୀ ଦଳକୁ ସହଯୋଗ କରିବେ ତାହା ବଡ କଥା । ଏଣେ ଆନ୍ଦୋଳନକାରୀମାନେ ବନ୍ଦରନାୟକେ ଆନ୍ତର୍ଜାତିକ ବିମାନବନ୍ଦରକୁ ଯାଇଥିବା ରାସ୍ତାରେ ଚେକପଏଣ୍ଟ ସବୁ ନିର୍ମାଣ କରିଛନ୍ତି, ଯେମିତିକି ରାଜପାକ୍ଷ ପରିବାର ଏବଂ ସେମାନଙ୍କ ସହଯୋଗୀ ବିଦେଶକୁ ଯାଇପାରିବେ ନାହିଁ । ଶ୍ରୀଲଙ୍କାର ଅମରପୁରା, ସିୟାମ ଏବଂ ରମନ୍ନା ସଂପ୍ରଦାୟର ବୌଦ୍ଧଗୁରୁ ମହାନାୟକ ଥେରୋସମାନେ ଏକ ପ୍ରେସ ବିଜ୍ଞପ୍ତିରେ ଶ୍ରୀଲଙ୍କା ସରକାରଙ୍କ ଦମନଲୀଳାକୁ ନିନ୍ଦା କରିଛନ୍ତି । ଏହି ପରିସ୍ଥିତି ମଧରେ ବିରୋଧୀଦଳ ସମାଗି ଜନ ବଲାୱେଗୟା ପକ୍ଷରୁ ଗୋତବାୟା ଏବଂ ତାଙ୍କ ମହିନ୍ଦାଙ୍କ ଦଳର ମିଳିତ ସରକାର ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଗତ ହୋଇଛି । ଅନ୍ୟ ଏକ ଅନାସ୍ଥା ପ୍ରସ୍ତାବ ତାମିଲ ନେସନାଲ ଅଲାଏନ୍ସ ଏବଂ ୟୁନାଇଟେଡ୍ ନେସନାଲ୍ ପାର୍ଟି ପକ୍ଷରୁ ଆଗତ ହୋଇଛି ।

୨୨୦ଲକ୍ଷ ଜନସଂଖ୍ୟା ବିଶିଷ୍ଟ ଶ୍ରୀଲଙ୍କାକୁ ଏକଦା ସ୍ୱର୍ଣ୍ଣମୟୀ ଲଙ୍କା ବୋଲି କୁହାଯାଉଥିଲେ ମଧ ଆଜି ସେଠାରେ ଦିନରେ ୧୩ଘଣ୍ଟା ବିଦ୍ୟୁତକାଟ ଜାରି ରହିଛି । ମୁଦ୍ରାର ମୂଲ୍ୟ ହ୍ରାସ ପାଇବାରେ ଲାଗିଛି । ଏକ ଡଲାର ୩୫୫ଟଙ୍କା ଶ୍ରୀଲଙ୍କା ମୁଦ୍ରାରେ ହେଲାଣି । ଦୀର୍ଘଦିନ ଧରି ସରକାର ପରେ ସରକାର ଶ୍ରୀଲଙ୍କାର ବଜେଟରେ ନିଅଣ୍ଟ ଏବଂ ଚଳନ୍ତି ଖାତାରେ ନିଅଣ୍ଟକୁ ଧରି ଚ୍ଳି ଆସିଥିଲେ । ତେଣୁ ୨୦୧୯ରେ ଏସିଆନ ଡେଭଲପମେଣ୍ଟ ବ୍ୟାଙ୍କ କହିଥିଲା ଯେ ଦେଶର ଦୁଇପ୍ରକାର ନିଅଣ୍ଟ ବ୍ୟବସ୍ଥା ଦେଶର ଆୟଠାରୁ ଅଧିକ ବ୍ୟୟ ହେଉଥିବା ଦର୍ଶାଉଛି, ବାଣିଜ୍ୟ ପାଇଁ ବସ୍ତୁ ଓ ସେବା ପର୍ଯ୍ୟାପ୍ତ ହେଉନାହିଁ, ଯାହା ସମସ୍ୟା ସୃଷ୍ଟି କରିବ । ତା ସତ୍ତ୍ୱେ ୨୦୧୯ନିର୍ବାଚନରେ ବିଜୟୀ ହେବାଲାଗି ମହିନ୍ଦା ଆୟକରରେ ଜବରଦସ୍ତ ଛାଡକରିବା ଘୋଷଣା କଲେ । ଯାହା କୋରୋନା ପୂର୍ବରୁ ଶ୍ରୀଲଙ୍କାର ଅର୍ଥନୀତିକୁ କାଙ୍ଗାଳ କରିଦେଲା । ବିଦେଶରେ କାର୍ଯ୍ୟରତ ଲୋକଙ୍କ ଅର୍ଥ ଏବଂ ପର୍ଯ୍ୟଟନରୁ ମିଳିଥିବା ଅର୍ଥ ଲକ୍‌ଡାଉନ୍ କାଳରେ କମିଯିବା, କ୍ରେଡିଟ ରେଟିଂ ଏଜେନ୍ସୀଗୁଡିକ ଶ୍ରୀଲଙ୍କାର ଗୁରତ୍ୱ ହ୍ରାସ କରିବାରୁ ଆନ୍ତର୍ଜାତିକ ପୁଞ୍ଜିବଜାରରୁ ଶ୍ରୀଲଙ୍କା ବାହାରିଯିବାକୁ ବାଧ ହେଲା । ବିବିଧ ପ୍ରକାର ଋଣ ପରିଚ୍ଳନା କାର୍ଯ୍ୟକ୍ରମ ଦୁର୍ବଳ ହେବା ଯୋଗୁ ଦୁଇବର୍ଷ ମଧରେ ବୈଦେଶିକ ମୁଦ୍ରା ଭଣ୍ଡାର ପ୍ରାୟ ୭୦ପ୍ରତିଶତ ହ୍ରାସ ପାଇଲା । ୨୦୨୧ରେ ଶ୍ରୀଲଙ୍କା ସରକାରଙ୍କ ରାସାୟନିକ ସାର ପ୍ରୟୋଗରେ ନିଷେଧାଜ୍ଞ ଜାରି ହେବା ଯୋଗୁ ଚ୍ଷୀମାନେ ଚ୍ଷ କାର୍ଯ୍ୟ କରିପାରିଲେ ନାହିଁ । ଯେଉଁ କାରଣରୁ ଧାନ ଚ୍ଷର ଭୟଙ୍କର କ୍ଷତି ହେଲା । ଗତ ଫେବୃଆରୀରେ ଦେଶରେ ମୋଟ ୨.୩୧ ବିଲିଅନ ଡଲାରର ବିଦେଶୀ ପୁଞ୍ଜି ଭଣ୍ଡାର ଥିଲାବେଳେ ୨୦୨୨ରେ ଋଣ ପରିଶୋଧ ରହିଛି ୪ ବିଲିଅନ ଡଲାର । ସେଥିରେ ଆଇଏସ୍‌ବି ବଣ୍ଡର ୧ ବିଲିଅନ ରହିଛି, ଯାହାର ଜୁଲାଇ ସୁଦ୍ଧା ସମୟ ଶେଷ ହେବାପରେ ପରିଶୋଧ ହେବା କଥା । ଶ୍ରୀଲଙ୍କାର ବୈଦେଶିକ ଋଣ ମଧରୁ ଇଣ୍ଟରନେସନାଲ ସୋଭେରେନ ବଣ୍ଡ, ଏସିଆନ ଡେଭଲପମେଣ୍ଟ ବ୍ୟାଙ୍କ, ଜାପାନ ଏବଂ ଚୀନର ଋଣ ପ୍ରମୁଖତଃ ରହିଛି । (ଅବଶିଷ୍ଟାଂଶ ପୃଷ୍ଠା-୭ରେ)

## ଏଥର ଆରାମଦାୟକ 'ସ୍ମାର୍ଟ କ୍ୟୁ'



ଅଭୟ କୁମାର ଦାସ

ଆରଟିଓ ଅଫିସରେ ଆଉ କଷ୍ଟକର ଲମ୍ବା ଧାଡ଼ି ଦେଖିବାକୁ ମିଳିବନି। ଆବେଦନକାରୀଙ୍କୁ ଆରାମଦାୟକ ସୁବିଧା ପାଇଁ ସ୍ମାର୍ଟ କ୍ୟୁର ବ୍ୟବସ୍ଥା ଆରମ୍ଭ କରିଛନ୍ତି ରାଜ୍ୟ ସରକାର। ୫-ଟି ପଦଚିହ୍ନ ଅନୁକରଣ ପୂର୍ବକ ପରିବହନ ବିଭାଗ ଆଉ ଏକ ପାଦ ଆଗକୁ ଯାଇଛି। ଭୁବନେଶ୍ୱର ଆରଟିଓ-୧ରେ ଇତିମଧରେ ଆରମ୍ଭ ହୋଇଛି ସ୍ମାର୍ଟ କ୍ୟୁ ମ୍ୟାନେଜମେଣ୍ଟ ବ୍ୟବସ୍ଥା। ରାଜ୍ୟରେ ପ୍ରଥମ ଥର ପାଇଁ ଏପରି ବ୍ୟବସ୍ଥା ଆରମ୍ଭ ହୋଇଛି। ଏହି ଅତ୍ୟାଧୁନିକ ସୁବିଧା ଥିବା ଭୁବନେଶ୍ୱର ଆରଟିଓ-୧ ନୂତନ କୋଠାକୁ ଇତିମଧରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଲୋକାର୍ପିତ କରିଛନ୍ତି। ଖୁବ ଶୀଘ୍ର ରାଜ୍ୟର ଆଉ ଛଅଟି ପ୍ରମୁଖ ଆରଟିଓରେ ଏହି ବ୍ୟବସ୍ଥା ଆରମ୍ଭ କରାଯିବ ବୋଲି ଜଣାପଡ଼ିଛି।

ଆଚାର୍ଯ୍ୟ ବିହାର ନିକଟରେ ଆଜି ମୁଖ୍ୟମନ୍ତ୍ରୀ ଉଦଘାଟନ କରିଥିବା ଆରଟିଓ-୧ କୋଠା ନିର୍ମାଣ ପାଇଁ ୩.୯୮ କୋଟି ଟଙ୍କା ଖର୍ଚ୍ଚ ହୋଇଛି। ତିନି ମହଲା କୋଠା (ଜି+୩)ର ପ୍ରତ୍ୟେକ ମହଲାରେ ୪୯୯୮.୩୦ ବର୍ଗ ଫୁଟ ନିର୍ମାଣ କ୍ଷେତ୍ର ରହିଛି। ପ୍ରଥମ ଥର ପାଇଁ ଆରଟିଓ-୧ରେ ସ୍ମାର୍ଟ କ୍ୟୁ ମ୍ୟାନେଜମେଣ୍ଟ ବ୍ୟବସ୍ଥା ଆରମ୍ଭ ହୋଇଛି। ନୂଆ ବ୍ୟବସ୍ଥାରେ ଲୋକଙ୍କୁ ଆଉ ଧାଡ଼ିରେ ଛିଡ଼ା ହେବାକୁ ପଡ଼ିବ ନାହିଁ। ଆରଟିଓକୁ ବିଭିନ୍ନ କାମରେ ଆସୁଥିବା ଲୋକଙ୍କୁ ଏକ ଟୋକନ ମିଳିବ। ଟୋକନ ନେଇ ସେମାନେ ସେଠାରେ ଥିବା ଚେୟାରରେ ବସିବେ ଆଉ ଟିଭି ସ୍କ୍ରିନରେ ତାଙ୍କ ନମ୍ବର ପ୍ରଦର୍ଶିତ ହେଲେ ଟୋକନ ଧରି କାଉଣ୍ଟରକୁ ଯିବେ। ଏହାଦ୍ୱାରା କାମ ପାଇଁ ଆଉ କେତେ ସମୟ ଲାଗିବ ତାହା ହିତାଧିକାରୀ ଜାଣିପାରିବେ। ଉଭୟ ଅଫଲାଇନ ଓ ଅନଲାଇନ ଆବେଦନକାରୀଙ୍କୁ ଏହି ଟୋକନ ମିଳିବ। ଏହି ବ୍ୟବସ୍ଥା ଜରିଆରେ ଡ୍ରାଇଭିଂ ଲାଇସେନ୍ସ, ଗାଡି ରେଜିଷ୍ଟ୍ରେସନ, ଟିକସ ପୈଠ ଆଦି କାମ କମ ସମୟରେ ସମ୍ପାଦନ ହୋଇପାରିବ। ସମୟ ସମୟରେ ନିଜ ସେବା ସମ୍ପର୍କିତ ନୋଟିଫିକେସନ ହିତାଧିକାରୀଙ୍କ ମୋବାଇଲ ଫୋନକୁ ପଠାଯାଇ ପାରିବ। ନିକଟ ଭବିଷ୍ୟତରେ ଭଦ୍ରକ, ଅନୁଗୁଳ, ବାଲେଶ୍ୱର, କଟକ, ଗଞ୍ଜାମ ଓ ପୁରୀ ଆରଟିଓରେ ସ୍ମାର୍ଟ କ୍ୟୁ ମ୍ୟାନେଜମେଣ୍ଟ ବ୍ୟବସ୍ଥା ଆରମ୍ଭ ହେବ ବୋଲି ପରିବହନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

ଏହା ପୂର୍ବରୁ ମଧ ପରିବହନ ବିଭାଗ ଆରଟିଓରେ ଏକାଧିକ ଅନଲାଇନ ସେବା ଆରମ୍ଭ କରିଛି। ଗତ ଫେବୃଆରୀ ୧୦ ତାରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୫-ଟି ଅଧୀନରେ ଏକାଧିକ ଅନଲାଇନ ସେବାର ଶୁଭାରମ୍ଭ କରିଥିଲେ। ଏଥିରେ ଗୁରୁତ୍ୱପୂର୍ଣ୍ଣ ଥିଲା ବିଭିନ୍ନ କାମ ପାଇଁ କାଗଜ ବିହୀନ ପ୍ରକ୍ରିୟା। ସେହିପରି ମାଲବାହୀ ଓ ଯାତ୍ରୀବାହୀ ଯାନ ପାଇଁ ସ୍ୱୟଂକୃତ ପରମିଟ, ବସ ପାଇଁ ସ୍ୱତନ୍ତ୍ର ପରମିଟ, ଅନ୍ତର୍ଜାତୀୟ ଡ୍ରାଇଭିଂ ପରମିଟ, ରାଜ୍ୟର ଯେକୌଣସି ଆରଟିଓରେ ଗାଡ଼ି ପଞ୍ଜୀକରଣର ନବୀକରଣ, ମାଲିକାନା ପରିବର୍ତ୍ତନ, ଲର୍ଣ୍ଣିଂ ଲାଇସେନ୍ସ ପାଇଁ ଆବେଦନ ଆଦି ଅନଲାଇନରେ ସମ୍ପାଦନ ହୋଇପାରୁଛି। ଏନଆଇସି ଜରିଆରେ ଅନଲାଇନରେ ଡିଜିଟାଲ ଦସ୍ତଖତ ଥିବା କାଗଜପତ୍ର, ଅପଲୋଡ଼ ବ୍ୟବସ୍ଥା ଆରମ୍ଭ କରିବାରେ ଓଡ଼ିଶା ହେଉଛି ଦେଶର ପ୍ରଥମ ରାଜ୍ୟ। ସେହିପରି ଜନସାଧାରଣଙ୍କ ନିକଟରେ ଅନଲାଇନ ସେବା ପହଞ୍ଚାଇବା ଉଦ୍ଦେଶ୍ୟରେ ପରିବହନ ବିଭାଗ ଗତବର୍ଷ ସହରାଞ୍ଚଳ ସୁବିଧା କେନ୍ଦ୍ରମାନ ପ୍ରତିଷ୍ଠା କରିଥିଲା। ଜନସାଧାରଣଙ୍କୁ ସମୟୋଚିତ ଏବଂ ତ୍ୱରୀତ ସେବା ଯୋଗାଇବା ପ୍ରତି ରାଜ୍ୟ ସରକାରଙ୍କର ଥିବା ପ୍ରତିବଦ୍ଧତାକୁ ଏହା ପ୍ରତିପାଦନ କରୁଛି। ପରିବହନ ବିଭାଗ ପ୍ରମୁଖ ସଚିବ ମଧୁସୂଦନ ପାଢ଼ୀ କହିଛନ୍ତି ଲୋକଙ୍କୁ ବିଭିନ୍ନ ପ୍ରକାର ସେବା ଅନଲାଇନରେ ଯୋଗାଇ ଦେବା ପାଇଁ ବିଭାଗ କାର୍ଯ୍ୟ କରୁଛି। ଲୋକେ ଯେ କୌଣସି ସ୍ଥାନରେ ବସି ରାଜ୍ୟରେ ଥିବା ଆରଟିଓରେ ନିଜ କାମ କରାଇପାରିବେ। ପର୍ଯ୍ୟାୟକ୍ରମେ ସମସ୍ତ ଆରଟିଓରେ ଅନଲାଇନ ସେବା ଉପଲବ୍ଧ କରାଯିବ। ସୂଚନା ଥାଉକି ଓଡ଼ିଶାର ପରିବହନ ବିଭାଗ ଅନେକ ଲୋକପ୍ରିୟ କ୍ରାନ୍ତୀକାରୀ ନିଷ୍ପତ୍ତି ନେଉଛି ଯାହାକି ଅନ୍ୟ ରାଜ୍ୟ ପାଇଁ ଆଦର୍ଶ ଓ ଅନନ୍ୟ ବିରଳ ଉଦାହରଣ ସୃଷ୍ଟି କରୁଛି। ଲୋକମାନେ ଅତି ସହଜରେ କିପରି ସେମାନଙ୍କର ପରିବହନ ସଂକ୍ରାନ୍ତୀୟ କାର୍ଯ୍ୟ ସମ୍ପାଦନ ନିର୍ବାହ କରିପାରିବେ ଏ କ୍ଷେତ୍ରରେ ଓଡ଼ିଶା ଶ୍ରେଷ୍ଠତା ପ୍ରତିପାଦନ କରିବା ସହ ସାଧୁତା, ନିରପେକ୍ଷତା ଓ ଗ୍ରହଣୀୟତାକୁ ବଡ଼ ମାପଦଣ୍ଡ ଭାବେ ଗ୍ରହଣ କରିଛି।

♥ଗୋତରା, ମାହାଙ୍ଗା, କଟକ
ମୋ: ୯୪୩୭୧୪୨୭୧୭

## କବିତା କୋଣାର୍କ

### ନିଦାଘର ଟାଣ ପଣ

କୁନା ସେଠୀ

ଶୀତଳତା ହରି ଆସିଛି ନିଦାଘ
ଉଷ୍ମତା ଭରି ଦେହେ
ମର୍ତ୍ତ୍ୟଧାମରେ ଯେ ଅଗ୍ନି ବରଷଇ
ସୂର୍ଯ୍ୟ ଦେବଙ୍କ କୋହେ ।

ତାପମାତ୍ରା ଆଜି ହୁହୁ ହୋଇ ବଢେ
ସତେ କି ଜଳୁଛି ନିଆଁ
ସେହି ନିଆଁ ଆଜି ଜାଳି ପକାଉଛି
ଉଠୁ ନାହିଁ ଜମା ଧୂଆଁ ।

ଝାଉଁଳି ଯାଇଛି ଗଛ ଲତା ଯେତେ
ଝାଉଁଳି ଯାଉଛି ଦେହ
ଝାଉଁଳି ଯାଉଛି ଏ ସାରା ସଂସାର
ଗଡାଇ ଆଖିରୁ ଲୁହ ।

ଅଂଶୁଘାତ ପ୍ରୀତି ଧରି ନିଜ କତି
ନିଦାଘ ଆସୁଛି ଧାଇଁ
ଖାଇବ ଖାଇବ ମୁଣ୍ଡ ଗଡାଇବ
ଦୟା କି କ୍ଷମା ତା ନାହିଁ ।

ଡରେନି ନିଦାଘ ବରଷା ଶୀତକୁ
ଡରେନି କାହାକୁ କେବେ
ଶୋଷି ନିଏ ଜଳ ଦେଇ ନିଜ ବଳ
ସର୍ବ ଶକ୍ତି ମାନ ଭବେ ।

ଲୁଚି ଛପି ଗଲେ ଜୀବଜଗତ ଯେ
ଛାଇ ଟିକେ ଖୋଜି ଖୋଜି
ଗ୍ରୀଷ୍ମର ପରଷେ ଅଶାନ୍ତ ଜଗତ
ହେଉଛନ୍ତି ସର୍ବେ ଭାଜି ।

ଶୀତଳ ପବନେ ଉଷ୍ମତା ଭରିଛି
ଲୁଟିଛି ଶୀତଳ ପଣ
ନିଦାଘ ସାଜିଛି ବାଘଟିଏ ଆଜି
ଦେଖାଇ ନିଜର ଟାଣ ।

ମରୀଚିକା ଆଜି ଦୃଶ୍ୟମାନ ସାଜି
ସଂଚାରେ ମନରେ ଭୟ
ସେହି ଭୟ ପରା ନିଦାଘକୁ ଦେଖ
କରାଏ ବିଶ୍ୱ ବିଜୟ ।

ବଂଚିବା ରହିବା ହସିବା ବସିବା
ସବୁ ଯେ ଈଶ୍ୱର କତି
ବଳ ଅଭିମାନ ମାନ ସନମାନ
ସମୟରେ ଯାଏ ବିତି ।

ସବୁ ଟାଣ ପଣ ଭାଙ୍ଗିଯାଏ ପରା
ଆସିଲେ ସମୟ ଝଡ଼
ତାକୁ ସହିବାକୁ ଟାଣ ହୁଅ ବାବୁ
ଗୁଣ୍ଡିଆକୁ କରି ଦୃଢ ।

ନିଦାଘ ବି ଯିବ, ଯିବ ତାର ବଳ
କ୍ଷୟ ହବ ତାର ଶକ୍ତି
ଦୁନିଆ ଦାଣ୍ଡରେ ଶକ୍ତି ଶୂନ୍ୟ ହୋଇ
ରଖିବ ପ୍ରଭୁଠି ଭକ୍ତି ।

♥ଭୁତସରସିଙ୍ଗି, ଗଞ୍ଜାମ

### ଶୋଇଯା ରାତି

ସୁବ୍ରତ କୁମାର ଜେନା

ଶୋଇପଡ ରାତି ଅନେକ
ଡେରି ହେଲାଣି,
ତେଣିକି ସଜନା ଡାଳରେ ହେଉ,
ଅବା ବର ଓହଳର ବହଳ
କେଶର ଛାଇରେ,
ନହେଲେ ଆମ ଗାଁ କଇଁ ପୋଖରୀରେ,
ଯଦି ଇଛା ଯାଇପାରୁ ପ୍ରିୟାର ଗାଁକୁ,
ତାଙ୍କ ସବୁଜ ଗହୀରି ପାଟରେ,
ନହେଲେ ଛାମୁଣ୍ଡା ପାହାଡ଼
ଉପରେ ଶୋଇପଡ,
କେତେ ଆଉ ଶୁଣିବୁ
ଜହ୍ନମାମୁଁର କାହାଣୀ,
ତୋ ଆଖିରେ ଆଖିଏ ନିଦ,
କେତେ ଆଉ ଅନିଦ୍ରା ହେବୁ,
ଅନ୍ୟକୁ ଶାନ୍ତିରେ ଶୋଇବାକୁ ଛାଡି,
ଦେଖୁନୁ ସହର ଗାଁ ସବୁଆଡେ ନିସ୍ତବ୍ଧ,
ଖାଲି କେତେଟା
ଜୀବଜନ୍ତୁଙ୍କୁ ଛାଡିଦେଲେ,
ଜାଣେ ଦେହରେ ତୋର
ଅସହ୍ୟ ବେଦନା,
ହେଲେ ଅପେକ୍ଷା କର,
ସମୟ ଦେବ ସେଥିରେ ମଲମ ।

ଗାଁର ଠାକୁର ମଣ୍ଡପେ ଦେଖିଲୁ,
କେତେ ଆନନ୍ଦରେ ଶୋଇଛନ୍ତି
କାଳିଆ ବଳିଆ,
ଆମ୍ବ ତୋଟାରେ ବି ପକ୍ଷୀମାନେ,
ହେଲେ ବାଦୁଡି ସେତ ଲାଗିଛି
ନିଜ କର୍ମରେ,
ଯା' ଆଉ ଜମା ଡେରି କରନି,
ରାତି ପାହି ସକାଳ ହୋଇଯିବ ପରା !
ସହରର ଫୁଟପାଥକୁ ଦେଖ,
ଆଃ କି ଚରମ ଆନନ୍ଦ କି ଶାନ୍ତି,
ନାଁ କେହି ନେଇଯିବ ନାଁ କିଛି
ହଜିଯିବାର ଭୟ,
ଦିନ ଭରି କଠିନ ପରିଶ୍ରମ,
ତାପରେ ରାତିର ଛାତିରେ ଚରମ ତୃପ୍ତି,
ହଁ ଏବେ ତତେ ନିଦ ଲାଗିବଣି,
ଯା' ଟିକେ ଶୋଇପଡ଼ ।

ଏ ଜହ୍ନ ପରା ସେମିତି,
ଟିକେ ଦେଖାଦେବ ଟିକେ
ଲୁଚିଯିବ ବାଦଲ ଉହାଡ଼େ,
ତାକୁ ଭଲ ଲାଗେ ଲୁଚକାଳୀ ଖେଳ,
କେବଳ ସେଥିଲାଗି ସେ ପରା
ମେଘର ସାଥି,
ବାଦଲ କୁ ନିମନ୍ତ୍ରଣ ଦିଏ ତା ଘରଠି
ବୁଲିଆସିବାକୁ ଚିଟାଉରେ,
କେତେ ରାତ୍ରି ଆଉ ଅନିଦ୍ରା ରହିବୁ,
ତୋର ଭୂତ ଭବିଷ୍ୟତକୁ ଭାବି ଭାବି,
ଜାଣେ ତୁ ଭାରି ବ୍ୟତିବ୍ୟସ୍ତ,
ତୋ ଆଖି ଆଗରେ ଝିଅଙ୍କର ଇଜ୍ଜତ
ନିଲାମ ହୁଏ,
ତୋ ଆଖିଆଗରେ ଯୁବପିଢୀ ହଜିଯାନ୍ତି
ନିଶାର କବଳରେ,
ଧଳା ପାଉଡର ନିଶାରେ
ଘଟିଯାଏ କେତେ କେତେ ଅଘଟଣ,
ତତେ ଏ ସବୁ ଶାନ୍ତି ଦିଏନା,
ତଥାପି ଥରେ ଆଖି ବନ୍ଦ କରି
ଶୋଇବାକୁ ଚେଷ୍ଟା କର ।

ତୁ ତ ଜାଣୁ ଏଠି ସବୁ ସମୟର ଦାସ,
ଋତୁ ଆସିପୁଣି ଫେରିଯାଏ ସମୟର
ନିର୍ଦ୍ଦେଶରେ,
ଏମିତିରେ ତୋର ଚିନ୍ତା ଅବସମ୍ଭାବି,
ବର୍ଷା ଦିନେ ବର୍ଷା ହୁଏନି,
ଶରତରେ କାକର ପଡେନି,
ଚାରି ଆଡ଼େ ଖାଲି ଅଗ୍ନି ବର୍ଷା,
ତୁ କଣ କରିବୁଜେ,
ଏ ମଣିଷ ସବୁ ଜାଣି କିଛି ଜାଣୁନି,
ଜାଣି ଜାଣି ମୃତ୍ୟୁକୁ କରେ ନିମନ୍ତ୍ରଣ,
ଯା' ଆଉ ଅଳ୍ପ ସମୟର ଅବଧି,
ପହଡେ ଦି ପହଡ଼ ଶୋଇପଡ,
ଭୁଲିଯିବୁ ସବୁ କଷ୍ଟ ଯନ୍ତ୍ରଣାର ସ୍ୱରକୁ,
କାଲିକୁ ଗୋଟେ ନୂଆ ସମ୍ଭାବନାର
ଆଶାରେ ।

♥ଶୂରଡିହ, ନନ୍ଦିପୁର, ଯାଜପୁର
ମୋ: ୯୭୭୬୨୦୮୯୩୦ .

### ପ୍ରେମ ହୋଇଗଲା ମୋତେ

ସିଦ୍ଧେଶ୍ୱର ତ୍ରିପାଠୀ

ସମୟ ସାଥୀରେ ଜୀବନ ବାଟରେ
ପ୍ରେମ ହେଇଗଲା ମୋତେ
ଚିକିଏ ନଜର କେଇପଦ କଥା
ଯାହା ହେଲା ତୁମ ସାଥେ ।

ଅଜଣା ଚେହେରା ନିଜର ଲାଗିଲା
ହଜିଗଲା ଧିରେ ମନ
ସପନରେ ଯେବେ ଡେଣା ଲାଗିଗଲା
ବସି ମୁଁ ଗଣିଲି ଦିନ ।

ଓଠଖୋଲି ଦିନେ କହିଲି ତୁମକୁ
ଭଲ ମୁଁ ପାଉଛି କେତେ
ସମୟ ସାଥିରେ ଜୀବନ ବାଟରେ
ପ୍ରେମ ହୋଇଗଲା ମୋତେ ।

ସପନରେ ମୋର ସପନ ମିଶାଇ
ତୁମେତ କୋଳେଇ ନେଲ
ଅଜଣା ରାଇଜେ ତୁମରି ପରଶେ
ମହକିଲା ପ୍ରୀତି ଫୁଲ ।

ଏସାରା ଜୀବନ ରହିଥିବ ସଖି
ହାତରଖି ମୋର ହାତେ
ସମୟ ସାଥିରେ ଜୀବନ ବାଟରେ
ପ୍ରେମ ହୋଇଗଲା ମୋତେ ।

♥ଖୋର୍ଦ୍ଧା

### କୁହୁଡ଼ି

ଲୋକେଶ୍ୱର ପାଣ୍ଡେ

ମୁଁ ତୁମର କେହି ନୁହଁ
ତମେ ମୋର ସବୁକିଛି....
ରାତି ରାତି ବଢ଼େ ତାତି
ଅଳସୀ ଜହ୍ନର ଖିଆଲିପଣରେ
ହଜୁଥାଏ ଖୋଜୁଥାଏ
ପଡୁଥାଏ ଉଠୁଥାଏ
କ୍ଷତାକ୍ତ, ରକ୍ତାକ୍ତ ନିଜେ ନିଜେ ଭିତରେ
ତାତିରେ ତାତିରେ ରାତିରେ ଛାତିରେ ।

ଗଭୀର ଆଶ୍ଳେଷରେ
ନିବିଡ ନିଶ୍ୱାସ ପ୍ରଶ୍ୱାସରେ
ଗୁମ୍ ମାରେ ରାତି
କାନ୍ଦେ, ହସେ
ପୁଣି ମିଳନର ଗୀତଗାଏ
ବେସୁରା ସୁରରେ ।

ତାତିରେ ତାତିରେ ଅଣନିଃଶ୍ୱାସୀ
ଲୁହରେ ଲୁହରେ ଜୁଡୁବୁଡୁ
ପୁରୁଣା ଡାଏରୀ
ମନ କାନ୍'ଭାସରେ ଆଙ୍କୁ ଆଙ୍କୁ
ସପ୍ତମ ଋତୁକୁ
ରାତି ପାହେ !

ଆକାଶଭର୍ତ୍ତି କୁହୁଡ଼ି, ତଥାପି କହୁଥାଏ
ତୁମେ ମୋର,
ତୁମେ ମୋର ସବୁକିଛି.... !

♥ମେଣ୍ଡିପାଲି, ଦଶପୁର,
ବଲାଙ୍ଗୀର-୦୨
ମୋ-୮୧୪୪୫୫୨୫୩୮

# ବିବାହ ବନ୍ଧନରେ ବାନ୍ଧିହେଲେ ନୟନତାରା ଓ ବିଗ୍ନେଶ



ଗୁରୁବାର ବିବାହ ବନ୍ଧନରେ ବାନ୍ଧି ହୋଇଛନ୍ତି ତାମିଲ୍ ଅଭିନେତ୍ରୀ ନୟନତାରା ଏବଂ ନିର୍ଦ୍ଦେଶକ ବିଗ୍ନେଶ ଶିବାନ। ନିଜ ପରିବାର ଓ ବନ୍ଧୁପରିଜନଙ୍କ ଉପସ୍ଥିତିରେ ଦୁହେଁ ପରସ୍ପରଙ୍କୁ ଜୀବନସାଥୀ ରୂପେ ବରଣ କରିଛନ୍ତି। ସେମାନେ ସେମାନଙ୍କ ବିବାହର ପ୍ରଥମ ଫଟୋ ସୋସିଆଲ୍ ମିଡିଆରେ ସେୟାର କରିଛନ୍ତି। ଏହି ଷ୍ଟାର ଦମ୍ପତିଙ୍କ ବିବାହରେ ରଜନୀକାନ୍ତ, ଶାହାରୁଖ୍ ଖାନ୍, ବିଜୟ ସେଥୁପତି, ମଣି ରତ୍ନମ୍ ଏବଂ ଶିବ କାର୍ତ୍ତିକେୟନ୍ ଆଜି ବଡ଼ ବଡ଼ ଷ୍ଟାର ଉପସ୍ଥିତ ହୋଇଥିଲେ।

ନିଜ ବିବାହ ଶେଷ ହେବା ପରେ ଉଭୟ ଶିବାନ ଏବଂ ନୟନତାର ସେମାନଙ୍କ ଇନ୍ଷ୍ଟା ଆକାଉଣ୍ଟରେ ଦୁହିଁଙ୍କ ବିବାହ ବେଳର ଫଟୋ ଅପ୍‌ଲୋଡ୍ କରିଛନ୍ତି। ଦୁହେଁ ବିବାହ ଫଟୋ ଓ କ୍ୟାପ୍‌ସନ ଜରିଆରେ ନିଜର ଖୁସି ବ୍ୟକ୍ତ କରିଛନ୍ତି।

ଦୀର୍ଘ ୬ ବର୍ଷର ପ୍ରେମ ସଂପର୍କ ପରେ ଶେଷରେ ଦୁହେଁ ବିବାହ ବନ୍ଧନରେ ବାନ୍ଧି ହୋଇଛନ୍ତି। ଉଭୟ ବିଗ୍ନେଶ ଓ ନୟନତାରା ପୂର୍ବରୁ ସେମାନଙ୍କ ସଂପର୍କକୁ ନେଇ ଦର୍ଶକଙ୍କୁ ସଂକେତ ଦେଇ ସାରିଥିଲେ। ଅନେକ ସମୟରେ ସେମାନେ ସୋସିଆଲ୍ ମିଡିଆରେ ଫଟୋ ଦେଇ ଚର୍ଚ୍ଚାରେ ରହୁଥିଲେ। ଗତ ମାସରେ ସେମାନେ ତିରୁପତି ମନ୍ଦିରକୁ ଯାଇଥିବାର ଏକ ଫଟୋ ବି ସୋସିଆଲ୍ ମିଡିଆରେ ଭାଇରାଲ୍ ହୋଇଥିଲା। ୨୦୨୧ ମସିହା ମାର୍ଚ୍ଚ ମାସରେ ଏକ ଉତ୍ସବରେ ନିଜ ପରିବାର ଲୋକଙ୍କ ଉପସ୍ଥିତିରେ ପରସ୍ପର ସହ ନିର୍ବନ୍ଧ କରିଥିଲେ ନୟନତାରା ଓ ବିଗ୍ନେଶ।

# ରାକେଶ ବାପଟଙ୍କ ସହ ସବୁ ସଂପର୍କ ଭାଙ୍ଗିଲେ ଶମିତା ସେଟ୍ଟୀ



ଟେଲି ଅଭିନେତା ରାକେଶ ବାପଟଙ୍କ ସହ ସବୁ ସଂପର୍କ ଭାଙ୍ଗିଲେ ବଲିଉଡ ଅଭିନେତ୍ରୀ ଶମିତା ସେଟ୍ଟୀ। ଶମିତା ସେଟ୍ଟୀ ଏବଂ ରାକେଶ ବାପଟଙ୍କ ମଧ୍ୟରେ ବିଗ୍ ବସ୍ ଓଟିଟିରୁ ପ୍ରେମ ସଂପର୍କ ଆରମ୍ଭ ହୋଇଥିଲା। ଦୁହିଁଙ୍କ ମଧ୍ୟରେ ପରସ୍ପରପ୍ରତି କିଭଳି ଭଲପାଇବା ଆରମ୍ଭ ହୋଇଥିଲା ତାହା ଦର୍ଶକ ଦେଖିଥିଲେ। ବିଗ୍ ବସ୍-୧୪ରେ ମଧ୍ୟ ଦୁହିଁଙ୍କ ମଧ୍ୟରେ ଥିବା ଭଲପାଇବାର ଝଲକ ଦେଖିବାକୁ ମିଳିଥିଲା। ଏହି ରିୟାଲିଟି ସୋ' ପରେ ଦୁହିଁଙ୍କ ଯୋଡ଼ି ଲୋକପ୍ରିୟ ହୋଇଥିବା ବେଳେ ଏବେ ଦୁହେଁ ପରସ୍ପରଠାରୁ ଅଲଗା ହୋଇଥିବା ଚର୍ଚ୍ଚା ହେଉଛି। ସୂଚନାନୁସାରେ, ଦୁହେଁ ବର୍ତ୍ତମାନ ପରସ୍ପରଠାରୁ ଅଲଗା ହେବାକୁ ନିଷ୍ପତ୍ତି ନେଇଛନ୍ତି। ଏହା ମଧ୍ୟ କୁହାଯାଉଛି ଯେ ଦୁହେଁ ପରସ୍ପରକୁ ବହୁତ ସମ୍ମାନ କରନ୍ତି, ତେଣୁ ଉଭୟଙ୍କ ମଧ୍ୟରେ ବନ୍ଧୁତ୍ୱର ସମ୍ପର୍କ ରହିବ। କେବଳ ଏତିକି ନୁହେଁ ଦୁହେଁ ନିକଟରେ ଏକ ମ୍ୟୁଜିକ୍ ଭିଡିଓ ମଧ୍ୟ ସୁଟ୍ କରିଛନ୍ତି। ଏହି ମ୍ୟୁଜିକ୍ ଭିଡିଓ ଖୁବ୍ ଶୀଘ୍ର ରିଲିଜ କରାଯିବ। ତେବେ ବର୍ତ୍ତମାନ ସୁଦ୍ଧା ଉଭୟ ପକ୍ଷରୁ କୌଣସି ପ୍ରତିକ୍ରିୟା ଆସିନାହିଁ। ଏହାପୂର୍ବରୁ ମଧ୍ୟ ଉଭୟଙ୍କ ଅଲଗା ହେବାର ଖବର ସାମ୍ନାକୁ ଆସିଥିଲା। କିନ୍ତୁ ଏକ ଇଭେଣ୍ଟରେ ଦୁହେଁ ସାଥୀରେ ନଜର ଆସିବା ପରେ ଏହି ଚର୍ଚ୍ଚା ବନ୍ଦ ହୋଇଥିଲା। ହେଲେ ଏବେ ପୁଣି ଥରେ ଦୁହିଁଙ୍କ ଅଲଗା ହେବା ଖବର ସାମ୍ନାକୁ ଆସିଛି।

# ନିକ୍ ଜୋନସ୍ ଆହତ, ଫ୍ୟାନ୍ କହିଲେ ପ୍ରିୟଙ୍କାଙ୍କୁ ହଇରାଣ କରିବା ବନ୍ଦ କର

ଗ୍ଲୋବାଲ ଷ୍ଟାର ପ୍ରିୟଙ୍କା ଚୋପ୍ରାଙ୍କ ସ୍ୱାମୀ ତଥା ହଲିଉଡ ସିଙ୍ଗର ନିକ୍ ଜୋନସ୍ ଆହତ। ତାଙ୍କ ଗୋଡରେ ଗଭୀର ଆଘାତ ଲାଗିଛି। ଯାହାର ଭିଡିଓ ଏବେ ସାମ୍ନାକୁ ଆସିଛି। ଏହି ଭିଡିଓ ସାମ୍ନାକୁ ଆସିବା ପରେ ଚିନ୍ତିତ ହୋଇପଡିଛନ୍ତି ତାଙ୍କ ଲକ୍ଷ ଲକ୍ଷ ପ୍ରଶଂସକ। ପ୍ରକୃତରେ ନିକ୍ ଜୋନସ ଛୁଟି ଦିନରେ ସଫ୍ଟବଲ୍ ଗେମ୍ ଖେଳନ୍ତି। ନିକଟରେ ଏହି ଗେମ୍ ଖେଳିବା ବେଳେ ତାଙ୍କୁ ଆଘାତ ଲାଗିଛି। ତାଙ୍କ ଗୋଡରେ ଆଘାତ ଲାଗିବା ଯୋଗୁଁ ସେ ଠିକ୍ ସେ ଚାଲି ମଧ୍ୟ ପାରୁନାହାନ୍ତି। ତାଙ୍କର ଏଭଳି ଅବସ୍ଥା ଦେଖି ତାଙ୍କ ଫ୍ୟାନ୍‌ମାନେ ଅତ୍ୟଧିକ ଚିନ୍ତିତ ହୋଇପଡିଛନ୍ତି। ଏପରିକି ତାଙ୍କ ଉପରେ ବର୍ଷିଛନ୍ତି। ପ୍ରିୟଙ୍କାଙ୍କୁ ଏଭଳି ହଇରାଣ କରିବା ବନ୍ଦ କରନ୍ତୁ ଓ ନିଜ ସ୍ୱାସ୍ଥ୍ୟକୁ ଠିକ୍ ରଖନ୍ତୁ ବୋଲି କିଛି ଫ୍ୟାନ୍ ସୋଶାଲ ମିଡିଆରେ ତାଙ୍କୁ ପରାମର୍ଶ ଦେଇଛନ୍ତି। ଏଥିସହ ତାଙ୍କ ଶୀଘ୍ର ଆରୋଗ୍ୟ ମଧ୍ୟ କାମନା କରିଛନ୍ତି।

# ବଲିଉଡ୍‌ର ଆଉ ଜଣେ କଳାକାରଙ୍କୁ କ୍ୟାନସର

ବଲିଉଡ୍‌ର ଆଉ ଜଣେ କଳାକାରଙ୍କୁ କ୍ୟାନସର ହୋଇଛି। ତେବେ ଭଲ ଖବର ହେଉଛି ଯେ ସେ ଏଥିରୁ ପୂରା ସୁସ୍ଥ ହୋଇଯାଇଛନ୍ତି। ସେ ହେଉଛନ୍ତି ୧୯୯୭ରେ 'ପରଦେଶ୍' ଫିଲ୍ମରେ କିଙ୍ଗ୍ ଖାନ୍ ଶାହାରୁଖଙ୍କ ସହ ବଲିଉଡ୍‌ରେ ଏଣ୍ଟ୍ରି କରିଥିବା ଅଭିନେତ୍ରୀ ମହିମା ଚୌଧୁରୀ। ମହିମା ବ୍ରେଷ୍ଟ କ୍ୟାନସରରେ ପୀଡ଼ିତ ହୋଇଥିଲେ। ତେବେ ଏ ବିଷୟରେ ମାତ୍ର ଅଳ୍ପ କେତେ ଜଣ ଲୋକଙ୍କୁ ଜଣାଥିଲା। ସେମାନଙ୍କ ମଧ୍ୟରୁ ଜଣେ ହେଉଛନ୍ତି ବଲିଉଡ୍ ଅଭିନେତା ଅନୁପମ ଖେର। ମହିମା କ୍ୟାନସରରେ ପୀଡ଼ିତ ହୋଇଥିଲେ ବୋଲି ଆଜି ସାର୍ବଜନନୀ ହୋଇଛି। ଆଉ ଏହାକୁ ସୋଶାଲ୍ ମିଡିଆ ଯୋଗେ ସାର୍ବଜନୀନ କରିଛନ୍ତି ଅନୁପମ। ସେ ତାଙ୍କ ଇନ୍‌ଷ୍ଟାଗ୍ରାମ୍ ଆକାଉଣ୍ଟରେ ୭ ମିନିଟ୍‌ରୁ ଅଧିକ ସମୟର ଏକ ଭିଡିଓ ପୋଷ୍ଟ କରିଛନ୍ତି। ଏହି ଭିଡିଓରେ ନିଜେ ମହିମା ଅଛନ୍ତି। ଏଥିରେ ସେ କ୍ୟାନସରରେ ପୀଡ଼ିତ ହେବା ନେଇ କେମିତି ଜାଣିଲେ, କେମିତି ତାଙ୍କ ଚିକିତ୍ସା ଚାଲିଲା ଓ କେଉଁମାନେ ତାଙ୍କ ମନୋବଳ ବଢ଼ାଇଥିଲେ, ସେ ସଂପର୍କରେ କହିଛନ୍ତି। ଏହି ଭିଡିଓରେ ଆଉ ଗୋଟିଏ କଥା ମଧ୍ୟ ଦେଖିବାକୁ ମିଳିଛି। ଅନୁପମ ତାଙ୍କୁ ମଝିରେ ମଝିରେ କିଛି ପ୍ରଶ୍ନ କରୁଛନ୍ତି। ଆଉ ସେହି ପ୍ରଶ୍ନଗୁଡ଼ିକର ଉତ୍ତର ଦେବାକୁ ଯାଇ ମହିମା ତାଙ୍କର ପୂରା କାହାଣୀ କହିଛନ୍ତି। ଅନୁପମ ଏହି ଭିଡିଓର ଶୀର୍ଷକର ନାଁ ରଖିଛନ୍ତି ମହିମା ଚୌଧୁରୀଙ୍କ ସାହାସ ଓ କ୍ୟାନସର। ମାସେ ତଳେ ଆମେରିକାରୁ ମହିମା ଚୌଧୁରୀଙ୍କୁ ଅନୁପମ ଖେର ଫୋନ୍ କରି ତାଙ୍କର ୫୨୫ତମ ଚଳଚ୍ଚିତ୍ର 'ଦି ସିଗ୍ନେଚର'ରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଅଭିନୟ କରିବା ପାଇଁ କହିଥିଲେ। ଆଉ କଥାବାର୍ତ୍ତା ବେଳେ ସେ ଜାଣିବାକୁ ପାଇଥିଲେ ଯେ ମହିମା ବ୍ରେଷ୍ଟ କ୍ୟାନ୍ ?ସରରେ ପୀଡ଼ିତ ଅଛନ୍ତି। ଅନୁପମଙ୍କ ପୂର୍ବରୁ ଆହୁରି କେତେକ ପ୍ରଯୋଜକ ଓ ନିର୍ଦ୍ଦେଶକ ମଧ୍ୟ ମହିମାଙ୍କୁ ଫୋନ୍ କରି ସେମାନଙ୍କ ପ୍ରୋଜେକ୍ଟ ପାଇଁ ଅଫର ଦେଇଥିଲେ। ହେଲେ ମହିମା ସମସ୍ତଙ୍କୁ କାରଣ ନ କହି ବିନମ୍ରତା ପୂର୍ବରୁ ମନା କରି ଦେଇଥିଲେ। ହେଲେ ସେ ଅନୁପମଙ୍କୁ ମିଛ କହି ପାରି ନଥିଲେ।



# ନିଜ ବିବାହକୁ ନେଇ ମୁହଁ ଖୋଲିଲେ ସୋନାକ୍ଷୀ



ବିବାହ କରିବାକୁ ଯାଉଛନ୍ତି ଦବଙ୍ଗ ଅଭିନେତ୍ରୀ ସୋନାକ୍ଷୀ ସିହ୍ନା। ସେ ତାଙ୍କ ବୟଫ୍ରେଣ୍ଡ ଜହିର ଇକବାଲଙ୍କ ସହ ଖୁବଶୀଘ୍ର ବିବାହ କରିବେ। ଏଭଳି କିଛି ଚର୍ଚ୍ଚା ଏବେ ବି-ଟାଉନରେ ଜୋର ଧରିଛି। ନିକଟରେ ସୋନାକ୍ଷୀଙ୍କ ଜନ୍ମଦିନ ଅବସରରେ ଜହିର ତାଙ୍କୁ ଶୁଭେଚ୍ଛା ଜଣାଇବ ସହ ଆଉ ଲଭ୍ ୟୁ କହିଥିଲେ। ଏହାପରେ ଏଭଳି କିଛି ଗୁଜବ ଆରମ୍ଭ ହୋଇଛି। ଏବେ ସୋନାକ୍ଷୀ ନିଜ ବିବାହକୁ ନେଇ ମୁହଁ ଖୋଲିଛନ୍ତି।

ସୋନାକ୍ଷୀ ନିଜ ଅଫିସିଆଲ ଇନ୍‌ଷ୍ଟାଗ୍ରାମ ହ୍ୟାଣ୍ଡେଲରେ ଏକ ଭିଡିଓ ଶେଆର କରି ନିଜ ବିବାହକୁ ନେଇ ହେଉଥିବା ସମସ୍ତ ଚର୍ଚ୍ଚା ଉପରେ ପୂର୍ଣ୍ଣଛେଦ ପକାଇଛନ୍ତି। ସୋନାକ୍ଷୀ ଭିଡିଓରେ ଶାହାରୁଖ ଖାନ୍‌ଙ୍କ ଡାଏଲଗରେ ଲିପସିଙ୍କ କରୁଥିବା ଦେଖିବାକୁ ମିଳିଛି। 'ମୋତେ ଭଲ ଲାଗୁଛି, ବହୁତ ମଜା ଆସୁଛି।' ବୋଲି ଭିଡିଓରେ ସୋନାକ୍ଷୀ କହୁଛନ୍ତି। ଏଥିସହ କ୍ୟାପସନରେ 'କାହିଁକି ହାତ ଧୋଇ ମୋ ପଛରେ ପଡି ମୋ ବିବାହ କରାଇବାକୁ ଚାହୁଁଛ।' ବୋଲି ଲେଖିଛନ୍ତି।

ଏହି ଭିଡିଓକୁ ଶେଆର କରି ସୋନାକ୍ଷୀ ଗୁଜବ ସୃଷ୍ଟି କୁରଥିବା ୟୁଜର୍ସଙ୍କ ଉପରେ ଜୋରଦାର ବର୍ଷିଛନ୍ତି। ବିବାହ ଖବରକୁ ନେଇ ସୋନାକ୍ଷୀଙ୍କ ଏଭଳି ପ୍ରତିକ୍ରିୟା ଫ୍ୟାନ୍‌ମାନଙ୍କୁ ବେଶ୍ ପସନ୍ଦ ଆସିଛି। ସୋଶାଲ ମିଡିଆରେ ଖୁବ ଜୋରସୋରରେ ଭାଇରାଲ ହେବାରେ ଲାଗିଛି ଏହି ଭିଡିଓ।

ସୋନାକ୍ଷୀ ସିହ୍ନା ତାଙ୍କ ଭିଡିଓରୁ ସ୍ପଷ୍ଟ କରିଛନ୍ତି ଯେ ସେ ଏବେ ବିବାହ କରୁନାହାଁନ୍ତି। କିନ୍ତୁ ଜହିର ଇକବାଲଙ୍କ ସହ ତାଙ୍କ ସମ୍ପର୍କ ଉପରେ ସେ ଏପର୍ଯ୍ୟନ୍ତ ଖୋଲାଖୋଲି କିଛି କହି ନାହାଁନ୍ତି।

# ମିକାଙ୍କ କନିଆଁ ସାଜିବାକୁ ମନା କଲେ ଉର୍ଫି



ଖୁବଶୀଘ୍ର ବଲିଉଡ ସିଙ୍ଗର ମିକା ସିଂହଙ୍କ ପଡିବ ହାତଗଣ୍ଠି। ତାଙ୍କୁ ମିଳିବ ତାଙ୍କ ସ୍ୱପ୍ନର ରାଜକୁମାରୀ। ମିକାଙ୍କ କନିଆଁ ସାଜିବାକୁ ସାରା ଦେଶର ଝିଅମାନଙ୍କ ଲମ୍ବା ଲାଇନ୍ ଲାଗିଛି। ତାଙ୍କୁ ଅନେକ ପ୍ରପୋଜାଲ ମଧ୍ୟ ମିଳିଛି। ତେବେ ଏହାରି ଭିତରେ ମିକାଙ୍କ କନିଆଁ ସାଜିବାକୁ ମନା କରିଦେଇଛନ୍ତି ସୋଶାଲ ମିଡିଆ ସେନ୍‌ସେସନ୍ ଉର୍ଫି ଜାବେଦ।

ଖୁବଶୀଘ୍ର ହେବ ମିକା ସିଂହଙ୍କ ସ୍ୱୟମ୍ବର 'ମିକା ଦି ବୋଟି' ଶୋ'ର ଟେଲିକାଷ୍ଟ। ଏହି ଶୋ'ରେ ଅନେକ ସୁନ୍ଦରୀଙ୍କ ମଧ୍ୟରେ ଗ୍ଲାମର ଗାର୍ଲ ଉର୍ଫି ମଧ୍ୟ ଭାଗ ନେବେ ବୋଲି ଶୁଣିବାକୁ ମିଳୁଥିଲା। କିନ୍ତୁ ଏହି ଖବରକୁ ଏବେ ଖୋଦ ଉର୍ଫି ଖଣ୍ଡନ କରିଛନ୍ତି। ସେ ମିକାଙ୍କ ସ୍ୱୟମ୍ବର ଶୋ'ରେ ଭାଗ ନେଉନଥିବା କହିଛନ୍ତି। ସେ କେବେବି ନ୍ୟାସନାଲ ଟିଭିରେ ବିବାହ କରିବେ ନାହିଁ ବୋଲି ମଧ୍ୟ ସଫା ସଫା କହିଛନ୍ତି। ସେ କେବେ ବି ବିବାହ ସହ ଜଡିତ ଶୋ' କରିବେ ନାହିଁ। ବିବାହ ଏକ ପବିତ୍ର ଏବଂ ବ୍ୟକ୍ତିଗତ ଜିନିଷ। ଏଥିପାଇଁ ଯେବେ ବି ସେ ବିବାହ କରିବେ ତାହା ବେଶ୍ ପ୍ରାଇଭେଟ ଏବଂ ବ୍ୟକ୍ତିଗତ ହେବ ବୋଲି ଉର୍ଫି କହିଛନ୍ତି।

ଉର୍ଫିଙ୍କ ଏହି ବୟାନ ସାମ୍ନାକୁ ଆସିବା ପରେ ଏବେ ସମସ୍ତ ଚର୍ଚ୍ଚା ଉପରେ ପୂର୍ଣ୍ଣଛେଦ ପଡିଯାଇଛି। ସେ ମିକାଙ୍କ ସ୍ୱୟମ୍ବର ଶୋ'ରେ ଭାଗ ନେବେ ନାହିଁ କିମ୍ବା ଭବିଷ୍ୟତରେ କୌଣସି ବିବାହ ସହ ଜଡିତ ଶୋ'ରେ ଦେଖାଯିବେ ନାହିଁ ବୋଲି ସ୍ପଷ୍ଟ ହୋଇଯାଇଛି। ସେପଟେ ଏହି ଖବର ସାମ୍ନାକୁ ଆସିବା ପରେ ମିକାଙ୍କ ସ୍ୱୟମ୍ବରରେ ଉର୍ଫିଙ୍କୁ ଦେଖିବାକୁ ଚାହୁଁଥିବା ଫ୍ୟାନ୍‌ମାନେ ନିରାଶ ହୋଇପଡିଛନ୍ତି।

# ନୂପୁରଙ୍କ ସମର୍ଥନରେ ବାହାରିଲେ କଙ୍ଗନା



ନୂପୁରଙ୍କ ସମର୍ଥନରେ ବାହାରିଲେ ବଲିଉଡ କୁଇନ୍ କଙ୍ଗନା ରଣାଓ୍ୱତ। ପ୍ରଫେଟ ମହମ୍ମଦଙ୍କୁ ନେଇ ବିବାଦୀୟ ମନ୍ତବ୍ୟ ଦେଇ ଚର୍ଚ୍ଚାକୁ ଆସିଥିଲେ ନୂପୁର ଶର୍ମା। ଏହାକୁ ନେଇ ତାଙ୍କୁ ଚାରିଆଡ୍ରୁ ନିନ୍ଦା କରିବା ପରେ ବିଜେପି ତାଙ୍କୁ ଦଳରୁ ନିଲମ୍ବିତ କରିଥିଲା। ଯାହା ପରେ ସେ ତାଙ୍କ ବୟାନ ପାଇଁ କ୍ଷମା ମାଗିଛନ୍ତି। ତେବେ ନୂପୁର ତାଙ୍କ ସୋସିଆଲ ମିଡିଆ ପୋଷ୍ଟ ମାଧ୍ୟମରେ କହିଛନ୍ତି ଯେ ତାଙ୍କୁ ହତ୍ୟା କରିବାର ଧମକ ମିଳୁଛି। ଏଭଳି ପରିସ୍ଥିତିରେ ଏବେ ବିଜେପିର ପୂର୍ବତନ ରାଷ୍ଟ୍ରୀୟ ମୁଖପାତ୍ର ନୂପୁର ଶର୍ମାଙ୍କୁ ସମର୍ଥନ ଜଣାଇଛନ୍ତି ବଲିଉଡ ଅଭିନେତ୍ରୀ କଙ୍ଗନା ରଣାଓ୍ୱତ।

ସେ ନୂପୁର ଶର୍ମାଙ୍କୁ ମିଳିଥିବା ହତ୍ୟା ଧମକୁ ନିନ୍ଦା କରିଛନ୍ତି। ଏଥିସହ ନିଜ ଇନ୍‌ଷ୍ଟାଗ୍ରାମରେ ଏକ ପୋଷ୍ଟ ଶେଆର କରି ସେ କହିଛନ୍ତି, 'ନୂପୁରଙ୍କୁ ତାଙ୍କ ନିଜସ୍ୱ ମତାମତ ରଖିବା ଅଧିକାର ଅଛି। ତାଙ୍କୁ ହତ୍ୟା ଧମକ ମିଳୁଛି। ଯେତେବେଳେ ହିନ୍ଦୁ ଦେବାଦେବୀଙ୍କୁ ଅପମାନିତ କରାଯାଏ, ସେତେବେଳେ ଆମେ ନ୍ୟାୟ ପାଇଁ କୋର୍ଟର ଦ୍ୱାରସ୍ଥ ହୋଇଥାଉ। ଏହା ସମସ୍ତଙ୍କ ପାଇଁ ହେବା ଉଚିତ୍। ନିଜକୁ ଡନ୍ ବୋଲି ଭାବିବାକୁ ଚେଷ୍ଟା କର ନାହିଁ। ଏହା ଆଫଗାନିସ୍ତାନ ନୁହେଁ। ମୁଁ ସେମାନଙ୍କୁ ସ୍ମରଣ କରାଇଦେବି ଯେଉଁମାନେ ଭୁଲିଯାଇଛନ୍ତି ଯେ ଆମର ଏକ ଭଲ ସରକାର ଅଛି, ଯାହାକୁ ଗଣତାନ୍ତ୍ରିକ ବ୍ୟବସ୍ଥା ଦ୍ୱାରା ନିର୍ବାଚିତ କରାଯାଇଛି।' କଙ୍ଗନା ଲୋକଙ୍କୁ ଅନୁରୋଧ କରିଛନ୍ତି ଯେ ଯଦି ସେମାନେ ଚାହାନ୍ତି ତେବେ ଏକ ଟିଭି ବିତର୍କ ସମୟରେ ନୂପୁର ଶର୍ମା ଦେଇଥିବା ମନ୍ତବ୍ୟ ପାଇଁ ତାଙ୍କ ବିରୋଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ। ନୂପୁର ଶର୍ମା ତାଙ୍କୁ ଧମକ ମିଳୁଛି ଏବଂ ତାଙ୍କ ମନ୍ତବ୍ୟକୁ ନେଇ ତାଙ୍କୁ ହଇରାଣ କରାଯାଉଛି ବୋଲି ଅଭିଯୋଗ କରିବାର କିଛି ଘଣ୍ଟା ପରେ ଅଭିନେତ୍ରୀ କଙ୍ଗନାଙ୍କ ଏହି ବିବୃତ୍ତି ଆସିଛି। ସେପଟେ ନୂପୁର ଶର୍ମାଙ୍କୁ ଦଳରୁ ନିଲମ୍ବିତ କରିବା ପରେ ବିଜେପି ପକ୍ଷରୁ ଏକ ଚିଠି ଜାରି କରାଯାଇଛି। ଯେଉଁଥିରେ କୁହାଯାଇଛି ଯେ, 'ଏହି ପ୍ରକାରର ଟିପ୍ପଣୀ ଦେବା ବିଜେପିର ମୂଳ ବିଚାର ବିରୋଧୀ।' ତେବେ ବିବାଦ ବଢ଼ିବା ପରେ ଏହି ପୂରା ମାମଲାରେ ନୂପୁର କ୍ଷମା ମଧ୍ୟ ମାଗିସାରିଛନ୍ତି। କାହାର ଧାର୍ମିକ ଭାବନାକୁ ଆଘାତ ଦେବା ତାଙ୍କ ଉଦ୍ଦେଶ୍ୟ ନଥିଲା ବୋଲି ସେ କହିଛନ୍ତି।

# ମୃତ୍ୟୁ ଧମକ ମିଳିବା ପରେ ସିନେମା 'କଭି ଇଦ କଭି ଦିୱାଲୀ'ର ନାମ ବଦଳାଇଲେ ସଲମାନ

ହତ୍ୟା ଧମକ ମିଳିବା ପରେ ଏବେ ବଲିଉଡ ସୁପରଷ୍ଟାର ସଲମାନ ଖାନ ଚର୍ଚ୍ଚାରେ ଅଛନ୍ତି । ତେବେ ବର୍ତ୍ତମାନ ସଲମାନଙ୍କ ସୁଟିଂ ଚାଲିଥିବା ଫିଲ୍ମ 'କଭି ଇଦ୍ କଭି ଦିୱାଲୀ' ବାବଦରେ ନୂଆ ତଥ୍ୟ ସାମ୍ନାକୁ ଆସିଛି । ମିଳିଥିବା ସୂଚନା ମୁତାବକ ଏବେ ଫିଲ୍ମ 'କଭି ଇଦ୍ କଭି ଦିୱାଲୀ'ର ଟାଇଟଲକୁ ପରିବର୍ତ୍ତନ କରାଯାଇ 'ଭାଇଜାନ' ବୋଲି ରଖାଯାଇଛି । ସୂଚନା ମୁତାବକ ସଲମାନ ଖାନଙ୍କୁ କିଛି ଦିନ ତଳେ ହତ୍ୟା କରିବାର ଧମକ ମିଳିଥିଲା । ପ୍ରତିଦିନ ମର୍ଣ୍ଣିଂଓ୍ୱାକ୍ ସାରି ସଲମାନଙ୍କ ପିତା ସଲିମ୍ ଯେଉଁ ବେଞ୍ଚରେ ବସନ୍ତି, ତାଙ୍କୁ ସେଠାରେ ଏକ ଚିଠି ମିଳିଥିଲା। ଏଥିରେ ସେମାନଙ୍କୁ ପଞ୍ଜାବୀ ଗାୟକ ସିଦ୍ଧୁ ମୁସ୍ୱୋଲାଙ୍କ ଅବସ୍ଥା ଭୋଗିବାକୁ ହେବ ବୋଲି ଧମକ ଦିଆଯାଇଥିଲା। ଆଉ ସବୁଠାରୁ ବଡ଼ କଥା ହେଲା ହତ୍ୟା ଧମକ ମଧ୍ୟରେ ଡରରେ ଘରେ ନଲୁଚି ସଲମାନ ଫିଲ୍ମ 'କଭି ଇଦ୍ କଭି ଦିୱାଲୀ'ର ସୁଟିଂ ପାଇଁ ହାଇଦ୍ରାବାଦ ଯାଇଥିଲେ । ସମସ୍ତ ଆଇନଗତ ଔପଚାରିକତା କରିବା ପରେ ସେ ନିଜର ୨୫ ଦିନର ସୁଟିଂ ଶେଷ କରିବାକୁ ହାଇଦ୍ରାବାଦ ଯାଇଥିଲେ । ସୂଚନା ଥାଉ କି ଗତ ବର୍ଷ ପର୍ଯ୍ୟନ୍ତ ଏହି ଚଳଚ୍ଚିତ୍ର 'ଭାଇଜାନ' ଟାଇଟଲ୍ ସହିତ ରିଲିଜ୍ ହେବାର ଯୋଜନା ଥିଲା। କିନ୍ତୁ ପରେ ଏହାର ନାମ 'କଭି ଇଦ୍ କଭି ଦିୱାଲୀ' ରଖାଯାଇଥିଲା । ଏବେ ପୁଣି ଫିଲ୍ମର ଟାଇଟଲ ବଦଳିଛି ।



# ଅମ୍ବାନୀ ପରିବାରର ଭାବୀ ବୋହୂ ରାଧିକା

ଅମ୍ବାନୀ ପରିବାର ଦ୍ୱାରା ଆୟୋଜିତ ଅନେକ ଉତ୍ସବରେ ସେ ଦେଖା ଦେଇଆସିଛନ୍ତି। ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍‌ର ଅଧ୍ୟକ୍ଷ ମୁକେଶ ଅମ୍ବାନୀଙ୍କ କନିଷ୍ଠ ପୁତ୍ର ଅନନ୍ତ ଅମ୍ବାନୀଙ୍କ ସହିତ ଗୋପନରେ ତାଙ୍କର ନିର୍ବନ୍ଧ ହୋଇସାରିଥିବା ଶୁଣିବାକୁ ମିଳୁଛି। ନିକଟରେ ମହାଡ଼ମ୍ବରରେ ତାଙ୍କର 'ଅରଙ୍ଗେଟ୍ରମ୍' ସମାରୋହ ସମ୍ପନ୍ନ ହେବା ପରେ ସେ ଏବେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛନ୍ତି। ସେ ହେଉଛନ୍ତି ୨୪ ବର୍ଷୀୟା ରାଧିକା ମର୍ଚ୍ଚାଣ୍ଟ। ୧୯୯୪ ଡିସେମ୍ବର ୧୮ରେ ରାଧିକା ଏକ ଗୁଜରାଟୀ ପରିବାରରେ ଜନ୍ମ ହୋଇଥିଲେ। ତାଙ୍କ ପିତା ବୀରେନ ମର୍ଚ୍ଚାଣ୍ଟ ମଧ୍ୟ ଜଣେ ଅର୍ବପତି ବ୍ୟବସାୟୀ। ମୁମ୍ବାଇରେ ସ୍କୁଲ୍ ଓ ଡିପ୍ଲୋମା ଶିକ୍ଷା ସରିବା ପରେ ସେ ନ୍ୟୁୟର୍କ ୟୁନିଭର୍ସିଟିରୁ ରାଜନୀତି ବିଜ୍ଞାନ ଓ ଅର୍ଥନୀତିରେ ସ୍ନାତକ ଡିଗ୍ରି ହାସଲ କରିଥିଲେ। ଏହା ପରେ ଭାରତ ଫେରି ଏକ ରିୟଲ ଇଷ୍ଟେଟ୍ କମ୍ପାନିରେ ଚାକିରି ଆରମ୍ଭ କରିଥିଲେ।



# ରାଜ୍ୟର ଶିଶୁ ସୁରକ୍ଷା ବ୍ୟବସ୍ଥାର ସୁଦୃଢ଼ୀକରଣ ପାଇଁ ଦିନିକିଆ କର୍ମଶାଳା ଆୟୋଜିତ

ଭୁବନେଶ୍ୱର,୦୯/୦୬ (ନି.ପ୍ର): ଶିଶୁମାନେ ହେଉଛନ୍ତି ସମାଜର ସବୁଠାରୁ ସମ୍ବେଦନଶୀଳ ବର୍ଗ । ସେମାନଙ୍କର ଅଧିକାର ସମୂହର ସୁରକ୍ଷା ନିମନ୍ତେ ରାଜ୍ୟ ସରକାରଙ୍କ ସମସ୍ତ ବିଭାଗର ସମନ୍ୱିତ ପ୍ରୟାସ ଏକାନ୍ତ ଆବଶ୍ୟକ ବୋଲି ମହିଳା ଓ ଶିଶୁ ବିକାଶ ବିଭାଗ ଅଧୀନସ୍ଥ ଓଡ଼ିଶା ରାଜ୍ୟ ଶିଶୁ ସୁରକ୍ଷା ସମିତିର ଏକ ଦିନିକିଆ କର୍ମଶାଳାରେ ଅତିଥିମାନେ ମତପ୍ରକାଶ କରିଛନ୍ତି। ବୁଧବାର ପୂର୍ବାହ୍ନରେ ଅନୁଷ୍ଠିତ ଏହି କର୍ମଶାଳାରେ ଶ୍ରମ ନିର୍ଦ୍ଦେଶକ ଡ. ଏନ୍. ତିରୁମାଳା ନାୟକ ଯୋଗଦେଇ କହିଥିଲେ ଯେ ରାଜ୍ୟରେ ଶିଶୁ ଶ୍ରମ ଆଇନ କଡ଼ାକଡ଼ି ଭାବେ କାର୍ଯ୍ୟକାରୀ କରାଯାଉଛି । ଯେଉଁଠି ଶିଶୁମାନେ ଅବହେଳିତ ବା ଶୋଷିତ ହେବାର ନଜିର ଆସୁଛି। ଶ୍ରମ ବିଭାଗ ସେମାନଙ୍କୁ ତୁରନ୍ତ ଉଦ୍ଧାର କରୁଛି। ଏହାପରେ ଏହି ଶିଶୁମାନଙ୍କୁ ମହିଳା ଓ ଶିଶୁ ବିକାଶ ବିଭାଗ ଏବଂ ଦକ୍ଷତା ବିକାଶ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା କରାଯାଇ ଥଇଥାନ କରାଯାଉଛି । ଓଡ଼ିଶା ଶିଶୁ ସୁରକ୍ଷା ଆୟୋଗର ଅଧକ୍ଷା ସୁଶ୍ରୀ ସନ୍ଧ୍ୟାବତୀ ପ୍ରଧାନ କହିଥିଲେ ଯେ ସମାଜରେ ତାଙ୍କ ପାଇଁ ଥିବା ଅଧିକାରରୁ ବଞ୍ଚିତ ଶିଶୁମାନଙ୍କର ଶିକ୍ଷା, ସ୍ୱାସ୍ଥ୍ୟ, ପୁଷ୍ଟିସାଧନ ଉପରେ ଅଧିକ ଗୁରୁତ୍ୱ ଦିଆଯିବା ଆବଶ୍ୟକ । ଏଥି ପାଇଁ ପଞ୍ଚାୟତ ପ୍ରତିନିଧିମାନଙ୍କୁ ଅଧିକ ସଚେତନ କରିବା ଆବଶ୍ୟକ। ଏହା ଦ୍ୱାରା ବିଶେଷ କରି, ଗ୍ରାମାଞ୍ଚଳରେ ହେଉଥିବା ବାଲ୍ୟବିବାହ, ଶିଶୁ ନିର୍ଯାତନାକୁ ରୋକାଯାଇପାରିବ। ରାଜ୍ୟ ଶିଶୁ ସୁରକ୍ଷା ସମିତିର ଅତିରିକ୍ତ ନିର୍ଦ୍ଦେଶିକା ତଥା ବିଭାଗୀୟ ଅତିରିକ୍ତ ଶାସନ ସଚିବ ଶ୍ରୀମତୀ ରେଗା ଗୀତାରାଣୀ ପଟ୍ଟନାୟକ ଶିଶୁ ସୁରକ୍ଷା ପାଇଁ ସବୁ ବିଭାଗ ସଂଯୋଜନ ମଡେଲ୍ ରେ କାମ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ବିଶିଷ୍ଟ ଶିଶୁ ସୁରକ୍ଷା ବିଶେଷଜ୍ଞ ତଥା 'ଦିବ୍ୟଦିଶା'ର ନିର୍ଦ୍ଦେଶକ ଇଶିଡ଼ୋର ଫିଲିପ୍ ଶିଶୁ ସୁରକ୍ଷା ଓ ବିଭିନ୍ନ ବିଭାଗର ଉତରଦାୟିତ୍ୱ ସଂପର୍କରେ ସବିଶେଷ ଆଲୋକପାତ କରିଥିଲେ।

ରାଜ୍ୟ ଶିଶୁ ସୁରକ୍ଷା ସମିତିର କାର୍ଯ୍ୟକ୍ରମ ପରିଚାଳକ ପ୍ରୀତିକାନ୍ତ ପଣ୍ଡା ଶିଶୁମାନଙ୍କ ଉପରେ ହେଉଥିବା ଅତ୍ୟାଚାର, ଶୋଷଣ, ପୋଷ୍ୟସନ୍ତାନ ଗ୍ରହଣ ପାଇଁ ଥିବା ଆଇନ, ଆଶୀର୍ବାଦ ଯୋଜନା ଓ ରାଜ୍ୟ ସରକାରଙ୍କ ଦ୍ୱାରା ଶିଶୁମାନଙ୍କ ବିକାଶ ପାଇଁ ନିଆଯାଉଥିବା ବିଭିନ୍ନ ପଦକ୍ଷେପ ସଂପର୍କରେ ସୂଚନା ଦେଇଥିଲେ। ଏହି କର୍ମଶାଳାରେ ସ୍ୱାସ୍ଥ୍ୟ, ଆଇନ, ସୂଚନା ଓ ଲୋକସଂପର୍କ, ବିଦ୍ୟାଳୟ ଓ ଗଣଶିକ୍ଷା, ସୂଚନା ଓ ପ୍ରଯୁକ୍ତି ବିଦ୍ୟା, ଗୃହ, ରାଜସ୍ୱ ଓ ଅନ୍ୟ ବିଭାଗର ବରିଷ୍ଠ ଅଧିକାରୀମାନେ ଯୋଗଦେଇ ଶିଶୁ ସୁରକ୍ଷା ପାଇଁ ନିଜ ନିଜ ବିଭାଗର ବିଭିନ୍ନ କାର୍ଯ୍ୟକ୍ରମ ସଂପର୍କରେ ସୂଚନା ଦେଇଥିଲେ।

# ଆଇସିସିଆର୍ ଆଂଚଳିକ କାର୍ଯ୍ୟାଳୟ ବନ୍ଦକୁ ଉତ୍କଳ ସମ୍ମିଳନୀର ବିରୋଧ

ଭୁବନେଶ୍ୱର,୦୯/୦୬ (ନି.ପ୍ର): ଭୁବନେଶ୍ୱରରେ କାର୍ଯ୍ୟରତ ଭାରତୀୟ ସାଂସ୍କୃତିକ ସମ୍ବନ୍ଧ ପରିଷଦ (ଆଇସିସିଆର୍) କାର୍ଯ୍ୟାଳୟ ବନ୍ଦ ହେବା ଖବର ମିଳିବା ପରେ ଆଜି ଉତ୍କଳ ସମ୍ମିଳନୀ ପକ୍ଷରୁ ସମ୍ମିଳନୀର ମଂଚେଶ୍ୱର ଶିଳ୍ପାଂଚଳ ଶାଖା ସଭାପତି ଅଧିବକ୍ତା ଦିଲ୍ଲୀପ ଦାଶଶର୍ମା ଆଇସିସିଆର୍‌ର ଆଂଚଳିକ ନିର୍ଦ୍ଦେଶିକା ମିନାକ୍ଷୀ ମିଶ୍ରଙ୍କୁ ସାକ୍ଷାତ କରି ପ୍ରତିବାଦ ଜଣାଇଁଛନ୍ତି । ଶ୍ରୀ ଦାଶଶର୍ମା ଶ୍ରୀମତୀ ମିଶ୍ରଙ୍କୁ ସାକ୍ଷାତ କରି ଏହା ସାଢେ ଚାରି କୋଟି ଓଡିଆମାନଙ୍କର ସ୍ୱାଭିମାନର ପ୍ରଶ୍ନ ଓ ଆପଣ ଜଣେ ଓଡିଆ ହୋଇଥିବାରୁ ଏହି କାର୍ଯ୍ୟାଳୟ ଯେପରି ଭୁବନେଶ୍ୱରରୁ କଲିକତା ସ୍ଥାନାନ୍ତର ନହେବ ସେଥି ପାଇଁ ବ୍ୟବସ୍ଥା କରିବାକୁ ଅନୁରୋଧ କରିଥିଲେ । ପରିଷଦର ନିର୍ଦ୍ଦେଶିକା କହିଥିଲେ ଯେ, ଏହା ସ୍ଥାନାନ୍ତର ହେଉନାହିଁ, ଏହା ବନ୍ଦ ହେଉଛି । କାରଣ କେନ୍ଦ୍ର ସରକାରଙ୍କ ନିଷ୍ପତି ଅନୁଯାଇ ଭାରତରେ ଥିବା ୧୮ ଟି ରିଜିଓନାଲ ଅଫିସ ବନ୍ଦ ହେବ ଓ ୫ ଟି ଜୋନାଲ ଅଫିସ୍ ଖୋଲାଯିବ ।

# ସୈନିକ ସ୍କୁଲ ଅଧ୍ୟକ୍ଷ ହେଲେ କର୍ଣ୍ଣେଲ ବାଲୁ ଭାରତ

ଭୁବନେଶ୍ୱର,୦୯/୦୬ (ନି.ପ୍ର): ଆର୍ମି ଏଡୁକେଶନ କର୍ପ କର୍ଣ୍ଣେଲ ବାଲୁ ଭାରତ ସୈନିକ ସ୍କୁଲ ଭୁବନେଶ୍ୱରର ଅଷ୍ଟାଦଶତମ ଅଧ୍ୟକ୍ଷ ପଦ ଗ୍ରହଣ କରିଛନ୍ତି । ସେ ମହୀଶୂର ବିଶ୍ୱବିଦ୍ୟାଳୟରୁ ରସାୟନ ଶାସ୍ତ୍ରରେ ସ୍ନାତକୋତର ଡିଗ୍ରୀ ହାସଲ କରିବା ସହିତ ଗୁଜୁରାଟ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରୁ ଚାଇନିଜ୍ ଭାଷା ଓ ସଂସ୍କୃତି ବିଷୟରେ ସ୍ନାତକୋ୍ର ଉପାଧି ଏବଂ ଭୋପାଳ ବିଶ୍ୱବିଦ୍ୟାଳୟରୁ ଶିକ୍ଷା ସମ୍ବନ୍ଧୀୟ ଅନ୍ୟାନ୍ୟ ପ୍ରଶିକ୍ଷଣ ଲାଭ କରିଛନ୍ତି। ସେ ତାଙ୍କର ଅଠର ବର୍ଷର କାର୍ଯ୍ୟକାଳ ଭିତରେ ଇଣ୍ଡିଆନ ମିଲିଟାରୀଏକାଡେମୀ , ପଚମାରୀସ୍ଥିତ ଏଇସି ଟ୍ରେନିଙ୍ଗ କଲେଜ ଏବଂ ଅନ୍ୟ କେତେକ ପ୍ରତିରକ୍ଷା ପ୍ରଶିକ୍ଷଣ କେନ୍ଦ୍ରରେ ସଫଳତାର କାର୍ଯ୍ୟକରି ଆସିଛନ୍ତି । ସୈନିକ ସ୍କୁଲ ଭୁବନେଶ୍ୱରରେ ନୂତନ କରିଯୋଗ ଦେଇଥିବା ପ୍ରଶାସନିକ ଅଧିକାରୀ ଲେଫ୍ଟନାଂଟକର୍ଣ୍ଣେଲ ଅମିତ ତିଓ୍ୱାରୀ କର୍ଣ୍ଣେଲ ବାଲୁ ଭାରଥଙ୍କୁ ସ୍ୱାଗତ କରିଏହି ଅନୁଷ୍ଠାନରେ ତାଙ୍କର ସଫଳ କାର୍ଯ୍ୟକାରିତା କାମନା କରିଥିଲେ ।

## ପୁଣି ବଢ଼ିଲା ସଂକ୍ରମଣ: ରାଜ୍ୟରେ ଗତ ୨୪ ଘଣ୍ଟା ମଧ୍ୟରେ ୩୧ କରୋନା ପଜିଟିଭ ଚିହ୍ନଟ

ଭୁବନେଶ୍ୱର,୦୯/୦୬ (ନି.ପ୍ର): ଗତକାଲି ୧୫ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ରାଜ୍ୟରେ ଗତ ୨୪ ଘଣ୍ଟା ମଧ୍ୟରେ ୩୧ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ୧୮ ଜଣ ସଙ୍ଗରୋଧ କେନ୍ଦ୍ରରୁ ଚିହ୍ନଟ ହୋଇଥିବା ବେଳେ ୧୩ ଜଣ ପଜିଟିଭ ସ୍ଥାନୀୟ ସଂକ୍ରମଣରୁ ଚିହ୍ନଟ ହୋଇଛନ୍ତି। ଏଥିମଧ୍ୟରେ ମାତ୍ର ୨ ଜଣ ୧୮ ବର୍ଷରୁ କମ୍ ବୟସର ଶିଶୁ-କିଶୋର ଥିବା ଜଣାଯାଇଛି। ଆଜି ରାଜ୍ୟର ୪ଟି ଜିଲ୍ଲାରୁ ୩୧ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଥିବା ବେଳେ ଅବଶିଷ୍ଟ ୨୬ଟି ଜିଲ୍ଲାରେ କରୋନା ସଂକ୍ରମଣର ସୂଚନା ନାହିଁ। ଆଜି କଟକ ଜିଲ୍ଲାରୁ ସର୍ବାଧିକ ୧୬ ଜଣ ଏନେଇ ରାଜ୍ୟ ସୂଚନା ଓ ଲୋକସଂପର୍କ ବିଭାଗ ପକ୍ଷରୁ ତଥ୍ୟ ପ୍ରଦାନ କରାଯାଇଛି।

# ହାଟଡିହି ମନରେଗା ଦୁର୍ନୀତି : ପୁଣି ରିପୋର୍ଟ ମାଗିଲେ ଲୋକାୟୁକ୍ତ




କେନ୍ଦୁଝର,୦୯/୦୬ (ନି.ପ୍ର): କେନ୍ଦୁଝର ଜିଲ୍ଲା ହାଟଡିହି ବ୍ଲକ୍‌ରେ ହୋଇଥିବା ମନରେଗା ଦୁର୍ନୀତିରେ ଆଜି ପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ପୂର୍ବରୁ ଏନେଇ ଜିଲ୍ଲାପାଳଙ୍କୁ କାର୍ଯ୍ୟାନୁଷ୍ଠାନ ରିପୋର୍ଟ ମାଗିଥିଲେ ଲୋକାୟୁକ୍ତ । କିନ୍ତୁ, ତାହା ସନ୍ତୋଷଜନକ ନ ଥିଲା। ତେଣୁ ପୂର୍ଣ୍ଣାଙ୍ଗ ରିପୋର୍ଟ ଦେବାପାଇଁ ଜିଲ୍ଲାପାଳଙ୍କୁ ଲୋକାୟୁକ୍ତ ମନେପକାଇ ଦେଇଛନ୍ତି। ଏଥିସହ ଦୁର୍ନୀତିରେ ସଂପୃକ୍ତ ଅଧିକାରୀ ଏବଂ ଲୋକପ୍ରତିନିଧିଙ୍କ ତଥ୍ୟ ଦେବାକୁ ଲୋକାୟୁକ୍ତ ନିର୍ଦ୍ଦେଶ ଦେଇଛନ୍ତି। ହାଟଡିହି ବ୍ଲକ୍‌ରେ ମନରେଗା କାର୍ଯ୍ୟରେ ବ୍ୟାପକ ଦୁର୍ନୀତି ହୋଇଥିବା ନେଇ ଜଣାପଡ଼ିବା ପରେ ମାନବାଧିକାର କର୍ମୀ ହିମାଂଶୁ ନାୟକ ସମସ୍ତ ତଥ୍ୟ ପ୍ରମାଣ ସହ ୨୦୨୦ ଅକ୍ଟୋବର ୧୦ ତାରିଖରେ ଲୋକାୟୁକ୍ତଙ୍କ ନିକଟରେ ଅଭିଯୋଗ କରିଥିଲେ। ଲୋକାୟୁକ୍ତଙ୍କ ନିର୍ଦ୍ଦେଶକ୍ରମେ କେନ୍ଦୁଝର ଜିଲ୍ଲାପାଳ ହାଟଡିହି ବ୍ଲକ୍ ସମେତ ସମସ୍ତ ୩୧ଟି ପଞ୍ଚାୟତରେ ଏକ ସ୍ୱତନ୍ତ୍ର ଅଡିଟ୍ ପାଇଁ ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗକୁ ଅନୁରୋଧ କରିଥିଲେ। ବିଭାଗ ପକ୍ଷରୁ ୨୦୧୫-୧୬ରୁ ୨୦୨୦-୨୧ ଆର୍ଥିକବର୍ଷ ପର୍ଯ୍ୟନ୍ତ ହୋଇଥିବା ବିଭିନ୍ନ କାମର ସ୍ୱତନ୍ତ୍ର ଅଡିଟ୍ କରାଯାଇଥିଲା। ବିଭିନ୍ନ କାମରେ ୪୦ ଲକ୍ଷ ୮୯ ହଜାର ୨୪ ଟଙ୍କା ଦୁର୍ନୀତି ହୋଇଥିବା ଜଣାପଡ଼ିଥିଲା। ଦାୟୀ ଅଧିକାରୀଙ୍କଠାରୁ ଏହି ଟଙ୍କା ଆଦାୟ ପାଇଁ ଅଡିଟ୍ ରିପୋର୍ଟ (୩/୨୦୨୧-୨୨)ରେ ସୁପାରିସ କରାଯାଇଥିଲା। ସେହିପରି ୩୨ କୋଟି ୯୫ ଲକ୍ଷ ୯୭ ହଜାର ୬୫୦ ଟଙ୍କାର ବିନିଯୋଗ ଉପରେ ଆପତ୍ତି ଉଠାଇଥିଲା ସ୍ୱତନ୍ତ୍ର ଅଡିଟ୍ ଟିମ୍। ସ୍ୱତନ୍ତ୍ର ଅଡିଟ୍ ପରେ ଲୋକାୟୁକ୍ତଙ୍କ ପକ୍ଷରୁ ଜିଲ୍ଲାପାଳଙ୍କୁ କଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ତାହାର ରିପୋର୍ଟ ମଗାଯାଇଥିଲା। ଜିଲ୍ଲାପାଳ ଯେଉଁ ରିପୋର୍ଟ ଦେଇଥିଲେ ତାହା ସନ୍ତୋଷଜନକ ନ ଥିଲା। ମାର୍ଚ୍ଚ ୩୧ ତାରିଖ ଶୁଣାଣିରେ ଲୋକାୟୁକ୍ତ ପଞ୍ଚାୟତିରାଜ ବିଭାଗର ରିପୋର୍ଟ ଏବଂ ଜିଲ୍ଲାପାଳ ଦେଇଥିବା ଆକ୍ସନ ଟେକେନ୍ ରିପୋର୍ଟକୁ ଗ୍ରହଣ କରିନଥିଲେ। ଲୋକାୟୁକ୍ତ ଶୁଣାଣି ବେଳେ କହିଥିଲେ, ଏହା ଆକ୍ସନ ଟେକେନ୍‌ର ରିପୋର୍ଟ ନୁହେଁ, ଏହା ଏକ ତଦନ୍ତ ରିପୋର୍ଟ। ତେଣୁ ଏ କ୍ଷେତ୍ରରେ ଲୋକାୟୁକ୍ତ ହାଟଡିହି ବ୍ଲକ୍‌ର ୨୦୧୫-୧୬ରୁ ୨୦୨୦-୨୧ ପର୍ଯ୍ୟନ୍ତ କାର୍ଯ୍ୟ କରୁଥିବା ବିଡିଓ, ଆସିଷ୍ଟାଣ୍ଟ ଇଞ୍ଜିନିୟର, ଇଞ୍ଜିନିୟର, ନିର୍ବାହୀ ଅଧିକାରୀ, ସମସ୍ତ ସରପଞ୍ଚଙ୍କ ନାମ ଏବଂ ଠିକଣା ସହିତ ବର୍ତ୍ତମାନ ସେମାନଙ୍କ କାର୍ଯ୍ୟସ୍ଥଳୀ ସଂପର୍କରେ ସବିଶେଷ ତଥ୍ୟ ଦେବାକୁ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଜୁନ୍ ୩ ତାରିଖ ଶୁଣାଣି ବେଳେ ଜିଲ୍ଲାପାଳଙ୍କ ପକ୍ଷରୁ ଦିଆଯିବାକୁ ଥିବା ଆକ୍ସନ ଟେକେନ୍ ରିପୋର୍ଟ ଲୋକାୟୁକ୍ତଙ୍କ ପାଖରେ ପହଞ୍ଚିଲା ନାହିଁ। ତେଣୁ ଲୋକାୟୁକ୍ତ ଆଉଥରେ ଜିଲ୍ଲାପାଳଙ୍କୁ ଆକ୍ସନ ଟେକେନ ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି।

# ରାଜ୍ୟରେ ଦ୍ୱିତୀୟ ଡୋଜ୍ ନେଇ ନାହାନ୍ତି ୩୦ ଲକ୍ଷ

ଭୁବନେଶ୍ୱର ,୦୯/୦୬ (ନି.ପ୍ର): ରାଜ୍ୟରେ ୩୦ଲକ୍ଷ ଲୋକ ନିଜର ଦ୍ୱିତୀୟ ଡୋଜ୍ ଟିକା ନେଇ ନାହାନ୍ତି। ଏଥିରେ ୧୮ବର୍ଷରୁ ଅଧିକ ୨୧ଲକ୍ଷ ଥିବା ବେଳେ ୧୨-୧୪ ଓ ୧୫-୧୭ବର୍ଷର ୯ଲକ୍ଷ ଦ୍ୱିତୀୟ ଡୋଜ୍ ହିତାଧିକାରୀ ରହିଛନ୍ତି। ଦେଶରେ ଏବେ କରୋନାର ଚତୁର୍ଥ ଲହର ଆରମ୍ଭ ହୋଇଥିବା କୁହାଯାଉଛି। କିଛି ରାଜ୍ୟରେ ସଂକ୍ରମଣ ବଢ଼ିବାରେ ଲାଗିଛି। ଏଭଳି ପରିସ୍ଥିତିରେ ରାଜ୍ୟରେ ଏତେ ସଂଖ୍ୟକ ଲୋକ ନିଜର ଦ୍ୱିତୀୟ ଡୋଜ୍ ଟିକା ନ ନେବା ପ୍ରଶାସନ ପାଇଁ ଆହ୍ୱାନ ସୃଷ୍ଟି କରିଛି। ଚଳିତମାସରୁ କେନ୍ଦ୍ର ସରକାର ଆସନ୍ତା ୨ମାସ ପାଇଁ ହର ଘର ଦସ୍ତକ୍ ୨.୦ ଅଭିଯାନ ଆରମ୍ଭ କରିଛନ୍ତି। ଏଥିରେ ସ୍ୱାସ୍ଥ୍ୟକର୍ମୀମାନେ ଘରକୁ ଘର ବୁଲି ଟିକା ନେଇ ନ ଥିବା ଲୋକଙ୍କୁ ଚିହ୍ନଟ କରିବା ସହିତ ସେମାନଙ୍କୁ ଟିକା ନେବା ପାଇଁ ବୁଝାଉଛନ୍ତି। କୌଣସି ଲୋକ ଯେପରି ଟିକାକରଣରୁ ବାଦ୍ ନ ପଡ଼ନ୍ତି ତାହାକୁ ରାଜ୍ୟରେ ସୁନିଶ୍ଚିତ କରିବା ଲାଗି ରାଜ୍ୟରେ ବର୍ତ୍ତମାନସୁଦ୍ଧା ୬କୋଟି ୭୬ଲକ୍ଷ ୧୯ହଜାର ୧୭୦ ଡୋଜ୍ ଟିକା ଦିଆଗଲାଣି। ଏଥିରେ ୧୮-୪୪ବର୍ଷର ୧କୋଟି ୮୩ଲକ୍ଷ ୨୫ହଜାର ୨୧୮ ପ୍ରଥମ ଓ ୧କୋଟି ୬୫ଲକ୍ଷ ୯୨ହଜାର ୯୬୧ ଦ୍ୱିତୀୟ ଡୋଜ୍ ନେଇଛନ୍ତି। କିନ୍ତୁ ପ୍ରିକସନ୍ ଡୋଜ୍ ଟିକାକରଣ ସଂପୂର୍ଣ୍ଣଭାବେ ଧିମେଇ ଯାଇଛି। ବର୍ତ୍ତମାନସୁଦ୍ଧା ୫୭,୦୧୯ ଜଣ ନିଜର ପ୍ରିକସନ୍ ଡୋଜ୍ ନେଇଛନ୍ତି। ୬୦ବର୍ଷରୁ ଅଧିକ ବୟସ୍କଙ୍କୁ ବାଦ୍ ଦେଲେ ଅନ୍ୟମାନଙ୍କ ପାଇଁ ଘରୋଇ ହସ୍ପିଟାଲରେ ଟଙ୍କା ଦେଇ ପ୍ରିକସନ୍ ଡୋଜ୍ ନେବାର ବ୍ୟବସ୍ଥା ରହିଛି। ଏ ଦୃଷ୍ଟିରୁ ଲୋକମାନେ ପ୍ରିକସନ୍ ଡୋଜ୍ ପାଇଁ ସେତେଟା ଆଗ୍ରହ ପ୍ରକାଶ କରୁ ନ ଥିବା କୁହାଯାଉଛି। ରାଜ୍ୟ କରୋନା ଟିକାକରଣ ନୋଡାଲ ଅଧିକାରୀ ଡା.ବିଜୟ ପାଣିଗ୍ରାହୀ କହିଛନ୍ତି, ୧୨ବର୍ଷରୁ ଅଧିକ ଲୋକଙ୍କ ଭିତରେ ୩୦ଲକ୍ଷ ନିଜର ଦ୍ୱିତୀୟ ଡୋଜ୍ ନେଇ ନାହାନ୍ତି। କେନ୍ଦ୍ର ସରକାରଙ୍କ ପକ୍ଷରୁ ଆରମ୍ଭ ହୋଇଥିବା ହର ଘର ଦସ୍ତକ୍ ୨.୦ ଅଭିଯାନ ଜାରି ରହିଛି। ପୂର୍ବରୁ ଯେଉଁଭଳି ଭାବେ ଘରକୁ ଘର ବୁଲି ଟିକା ନେଇ ନ ଥିବା ଲୋକଙ୍କୁ ଚିହ୍ନଟ କରାଯାଉଥିଲା ତାହା କରାଯାଉଥିବା ଡା.ପାଣିଗ୍ରାହୀ ସୂଚନା ଦେଇଛନ୍ତି। ଅପରପକ୍ଷରେ ଗତ ୨୪ଘଣ୍ଟାରେ ରାଜ୍ୟରେ ୧୫ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ତହିଁରୁ ୯ଜଣ ଆକ୍ରାନ୍ତ ସୁସ୍ଥ ହେଉଛନ୍ତି। ରାଜ୍ୟରେ ଏବେ ୯୬ଜଣ ଚିକିତ୍ସାଧୀନ ରୋଗୀ ରହିଛନ୍ତି। ୧୪ଟି ଜିଲ୍ଲା କରୋନାମୁକ୍ତ ରହିଛି। କୌଣସି ନୂତନ କରୋନା ମୃତ୍ୟୁ ଘୋଷଣା କରାଯାଇ ନାହିଁ।



# ବିବାଦୀୟ ଡାକ୍ତରଙ୍କୁ ସ୍ୱାସ୍ଥ୍ୟ ବିଭାଗର ପଦୋନ୍ନତି



ଭୁବନେଶ୍ୱର,୦୯/୦୬ (ନି.ପ୍ର): ରାଜ୍ୟରେ ବହୁଚର୍ଚ୍ଚିତ ଭେଣ୍ଟିଲେଟର ଚୋରି ଘଟଣାରେ ସଂପୃକ୍ତି ଅଭିଯୋଗ ଥିବା ଜଣେ ଡାକ୍ତରଙ୍କୁ ପଦୋନ୍ନତି ମିଳିଛି। ଯଦିଓ ଡାକ୍ତର ଜଣକ ହାଇକୋର୍ଟରୁ ଅନ୍ତରୀଣ ଜାମିନ୍ ପାଇଛନ୍ତି ତଥାପି ତାଙ୍କ ପଦୋନ୍ନତି ସହିତ ନିଯୁକ୍ତିକୁ ନେଇ ସ୍ୱାସ୍ଥ୍ୟ ବିଭାଗ ବିବାଦରେ ଛନ୍ଦି ହୋଇପଡ଼ିଛି। ମାମଲା ବିଚାରାଧୀନ ଥିବା ବେଳେ ସଂପୃକ୍ତ ଡାକ୍ତରଙ୍କୁ ବିଭାଗ ପକ୍ଷରୁ ପଦୋନ୍ନତି ଦିଆଯିବାକୁ ନେଇ ପ୍ରଶ୍ନ ଉଠିଛି। ଗତମାସ ଶେଷ ସପ୍ତାହରେ ଡିଏମ୍‌ଇଟିଙ୍କ ପକ୍ଷରୁ ୨୦ଜଣ ଆସୋସିଏଟ୍ ପ୍ରଫେସରଙ୍କୁ ବିଭିନ୍ନ ମେଡିକାଲ କଲେଜରେ ଅବସ୍ଥାପିତ କରାଯାଇଛି। ତହିଁରୁ ୩ଜଣ ଠିକାରେ ନିଯୁକ୍ତ ହୋଇଥିବା ବେଳେ ୧୭ଜଣଙ୍କୁ ଡେପୁଟେସନ୍‌ରେ ବିଭିନ୍ନ ମେଡିକାଲ କଲେଜକୁ ପଠାଯାଇଛି। ଏଥିରେ ଏସ୍‌ସିବିରେ ୪, ବ୍ରହ୍ମପୁରରେ ୭, ବଲାଙ୍ଗୀରରେ ୩, ପୁରୀ, ବାରିପଦା ଓ କ୍ୟାପିଟାଲ ହସ୍ପିଟାଲ ପିଜିଆଇରେ ୨ଜଣ ଲେଖାଏ ନିଯୁକ୍ତ ହୋଇଛନ୍ତି। ତେବେ ଏସ୍‌ସିବିରେ ଠିକାରେ ସହକାରୀ ପ୍ରଫେସର ଭାବେ କାର୍ଯ୍ୟ କରୁଥିବା ଜଣେ ଡାକ୍ତର କରୋନା କାଳରେ ଭେଣ୍ଟିଲେଟର ଚୋରିରେ ସଂପୃକ୍ତି ଥିବା ଅଭିଯୋଗ ହୋଇଥିଲା। ପୁଲିସ ଏହି ଘଟଣାରେ ମାମଲା ରୁଜୁ କରିବା ସହିତ ସଂପୃକ୍ତ ଡାକ୍ତରଙ୍କ ଘରୁ ବହୁ ଦାମୀ ସାମଗ୍ରୀ ଜବତ କରିଥିଲା। ଏଥିରେ ଡାକ୍ତରଙ୍କ ୭୦ଲକ୍ଷ ଟଙ୍କାର ଏକ କାର୍ ରହିଥିଲା। ଏହି ଘଟଣାକୁ ନେଇ ରାଜ୍ୟବ୍ୟାପୀ ଚର୍ଚ୍ଚା ହୋଇଥିଲା। ପରବର୍ତ୍ତୀ ସମୟରେ ସଂପୃକ୍ତ ଡାକ୍ତର ଜଣକ ହାଇକୋର୍ଟରୁ ଅନ୍ତରୀଣ ଜାମିନ୍ ପାଇବାରେ ସଫଳ ହୋଇଥିଲେ। ହେଲେ ଏହି ଚୋରି ଘଟଣା ଏବେ ବି କୋର୍ଟରେ ବିଚାରାଧୀନ ରହିଛି। ମାତ୍ର ତାଙ୍କୁ ପଦୋନ୍ନତି ଦିଆଯାଇ ଡେପୁଟେସନ୍‌ରେ କ୍ୟାପିଟାଲ ହସ୍ପିଟାଲ ପିଜିଆଇରେ ଅବସ୍ଥାପିତ କରାଯାଇଛି। ଏହି ବିବାଦୀୟ ନିଯୁକ୍ତି ସଂପର୍କରେ ଡିଏମ୍ ?ଇଟି ପ୍ରଫେସର ଡା.ରମା ରମଣ ମହାନ୍ତିଙ୍କୁ ଯୋଗାଯୋଗ କରାଯାଇଥିଲେ ହେଁ କୌଣସି ଉତ୍ତର ମିଳିପାରି ନାହିଁ।

# ୨୫ବର୍ଷର ବିଦ୍ୟୁତ୍ ସଂସ୍କାର କାର୍ଯ୍ୟକ୍ରମ ଫେଲ୍ : ଏବେ ଦ୍ୱିତୀୟ ସଂସ୍କାର ବେଳ

ଭୁବନେଶ୍ୱର ,୦୯/୦୬ (ନି.ପ୍ର): ଦିନ ତମାମ ଧପ୍ ଧପ୍ ହେଉଛି ବଲ୍‌ବ। କେଉଁଠି ତିନି ଘଣ୍ଟା କଟିଲାଣି ତ ଆଉ କେଉଁଠି ପାଞ୍ଚଘଣ୍ଟା। ବିଦ୍ୟୁତ୍ ସଂଯୋଗ ହୋଇଛି ଅଥଚ ମିଞ୍ଜି ମିଞ୍ଜି ହୋଇ ଆଲୁଅ ଜଳୁଛି। ଆଉ ତା'ଠାରୁ ସାଂଘାତିକ କଥା ହେଲା, ବିଦ୍ୟୁତ୍ ଉତ୍ପାଦନକାରୀ ରାଜ୍ୟ ହୋଇଥିଲେ ବି ଓଡ଼ିଶାର ବିଦ୍ୟୁତ୍ ଅନ୍ୟ ରାଜ୍ୟ ତୁଳନାରେ ମହଙ୍ଗା। ୧୯୯୫ ମସିହାରେ ଦେଶର ପ୍ରଥମ ରାଜ୍ୟ ଭାବେ ବିଦ୍ୟୁତ୍ ସଂସ୍କାର ହାତକୁ ନେଇଥିଲା ଓଡ଼ିଶା। ଲକ୍ଷ୍ୟ ଥିଲା ରାଜ୍ୟବାସୀଙ୍କୁ ଗୁଣାତ୍ମକ ଏବଂ ସୁଲଭ ମୂଲ୍ୟରେ ନିରବଚ୍ଛିନ୍ନ, ବିଦ୍ୟୁତ୍ ଯୋଗାଣ। ଇତିମଧ୍ୟରେ ସଂସ୍କାର କାର୍ଯ୍ୟକ୍ରମକୁ ୨୫ବର୍ଷ ପୂରିଗଲାଣି। ଉପରୋକ୍ତ ତଥ୍ୟ ବୟାନ କରୁଛି, ସଂସ୍କାର ପଛର ଉଦ୍ଦେଶ୍ୟ ସୁଦୂର ପରାହତ ହୋଇଛି। କେବଳ ଏହି ଦୁଇ ତିନିଟି ନୁହେଁ, ଶକ୍ତି ସମୀକ୍ଷକମାନେ



ଏହିଭଳି ୨୫ରୁ ଅଧିକ କାରଣ ଖୋଜି ସାମ୍ନାକୁ ଆଣିଲେଣି, ଯାହା ପ୍ରମାଣ କରୁଛି ଯେ ଓଡ଼ିଶାର ବିଦ୍ୟୁତ୍ ସଂସ୍କାର ଫେଲ୍ ମାରିଛି। ନିୟମ ପ୍ରଣୟନରେ ତ୍ରୁଟି ରହିଲା ନା ସରକାରୀ ବାବୁମାନେ ଷଡ଼ଯନ୍ତ୍ର କଲେ ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗ (ଓଇଆରସି) ଉପଭୋକ୍ତାଙ୍କ ସ୍ୱାର୍ଥକୁ ସୁରକ୍ଷା ଦେଇପାରିଲା ନାହିଁ କି ଶକ୍ତି ମନ୍ତ୍ରୀମାନେ ଏ କ୍ଷେତ୍ରରେ କି ଭୂମିକା ଗ୍ରହଣ କରିଆସୁଛନ୍ତି ଏମିତି ଅନେକ ପ୍ରଶ୍ନ ଏବେ ସବୁ ସ୍ତରକୁ ଆନ୍ଦୋଳିତ କଲାଣି। ଏଥିସହିତ ଦାବି ଉଠିଲାଣି, ସମୁଦାୟ ୨୫ବର୍ଷର ସଂସ୍କାର ପ୍ରକ୍ରିୟା କେଉଁ କାରଣ ପାଇଁ ବିଫଳ ହେଲା, ହଜାର ହଜାର କୋଟି ଟଙ୍କା ବିନିଯୋଗ ସତ୍ତ୍ୱେ କିଏ କଳଙ୍କର ଟିପା ପିନ୍ଧାଇଲେ, ସରକାର ସେମାନଙ୍କୁ ଚିହ୍ନଟ ଲାଗି ଗୋଟିଏ କମିସନ ବସାନ୍ତୁ। ଘରୋଇକରଣ ଭିତ୍ତିକ ବିଦ୍ୟୁତ୍ ସଂସ୍କାରରେ ନିଆଯାଇଥିବା ସମଗ୍ର କାର୍ଯ୍ୟକ୍ରମରେ ମୂଳରୁ ଚୂଳ ଯାଏ ଥିବା ବିଫଳତାକୁ ସଜାଡିବା ପାଇଁ ଦ୍ୱିତୀୟ ସଂସ୍କାରମୂଳକ ପଦକ୍ଷେପ ନିଅନ୍ତୁ। ଏଇଥିପାଇଁ ଯେ କୌଣସି ରାଜ୍ୟ ବା ଦେଶର ବିକାଶ ଦିଗରେ ଆଦ୍ୟ ମାପକାଠି ହେଲା ଶକ୍ତିଶାଳୀ ବିଦ୍ୟୁତ୍ କ୍ଷେତ୍ରର ସୁ-ପରିଚାଳନା।

# ଘନଘନ ବିଜୁଳି କାଟ ବନ୍ଦ ଓ ଓଡ଼ିଆ ଭାଷାରେ ବିଲ୍ ପ୍ରଦାନ ଦାବିରେ ନୂଆ ଶକ୍ତିମନ୍ତ୍ରୀଙ୍କୁ ସ୍ମାରକପତ୍ର ଦେଲା ସମାଜବାଦୀ ପାର୍ଟି

ଭୁବନେଶ୍ୱର,୦୯/୦୬ (ନି.ପ୍ର): ପାଓ୍ୱାରକଟ୍ ବନ୍ଦ କରିବା, ଲୋ-ଭୋଲ୍‌ଟେଜ୍ ସମସ୍ୟାର ତୁରନ୍ତ ସମାଧାନ, ଓଡ଼ିଆରେ ବିଜୁଳି ବିଲ୍ ପ୍ରଦାନ କରିବା, ୨୦୦ ୟୁନିଟ୍ ପର୍ଯ୍ୟନ୍ତ ସମସ୍ତଙ୍କୁ ମାଗଣା ବିଜୁଳି, ବିଜୁଳି ସରବରାହ ଜନିତ କ୍ଷତି କମାଇବା ଓ ବିଜୁଳି ଭିତି ବିକାଶରେ ଖର୍ଚ୍ଚ ହୋଇଥିବା ୨୦ ହଜାର କୋଟି ଟଙ୍କା ଦୁର୍ନୀତିର ବିଚାର ବିଭାଗୀୟ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଦାବିରେ ନୂଆ ଶକ୍ତିମନ୍ତ୍ରୀ ପ୍ରତାପ କେଶରୀ ଦେବଙ୍କୁ ଭେଟି ସ୍ମାରକପତ୍ର ଦେଲା ସମାଜବାଦୀ ପାର୍ଟି । ପାର୍ଟିର ୫ଜଣିଆ ପ୍ରତିନିଧି ଦଳ ଏହାର ସଭାପତି ରବି ବେହେରାଙ୍କ ନେତୃତ୍ୱରେ ନୂଆ ଶକ୍ତିମନ୍ତ୍ରୀ ଶ୍ରୀ ଦେବଙ୍କୁ ତାଙ୍କ ବାସଭବନରେ ସାକ୍ଷାତ କରି ଏହି ସ୍ମାରକପତ୍ର ପ୍ରଦାନ କରିଛନ୍ତି । ସ୍ମାରକପତ୍ରରେ ଦର୍ଶାଯାଇଛି ଯେ, ସମଗ୍ର ଦେଶରେ ବିଜୁଳି ସଂସ୍କାର କରିବାରେ ଓଡ଼ିଶା ଥିଲା ପ୍ରଥମ ରାଜ୍ୟ । ଆଜିକୁ ୨୭ ବର୍ଷ ତଳେ ଏହି ସଂସ୍କାର ଯେତେବେଳେ ଆରମ୍ଭ ହେଲା ସରକାର ରାଜ୍ୟବାସୀଙ୍କୁ ପ୍ରତିଶ୍ରୁତି ଦେଇଥିଲେ ଶସ୍ତା ଓ ସୁଲଭ ମୂଲ୍ୟରେ ନିରବଚ୍ଛିନ୍ନ ଗୁଣାତ୍ମକ ବିଜୁଳି ସେବା ରାଜ୍ୟବାସୀଙ୍କୁ ଯୋଗାଇ ଦିଆଯିବ । କିନ୍ତୁ ଦୁଃଖର କଥା ନା ବିଜୁଳି ସେବା ଓଡ଼ିଶାରେ ଶସ୍ତା ଓ ସୁଲଭ ମିଳିପାରୁଛି, ନା ଏହା ନିରବଚ୍ଛିନ୍ନ ଗୁଣାତ୍ମକ ହୋଇପାରିଛି ? ପଡ଼ୋଶୀ ଛତିଶଗଡ଼, ଆନ୍ଧ୍ରପ୍ରଦେଶ ଓ ତେଲେଙ୍ଗାନା, ତାମିଲନାଡୁ ଭଳି ରାଜ୍ୟରେ ବିଜୁଳି ଶସ୍ତାରେ ମିଳୁଥିଲା ବେଳେ ବିଜୁଳି ଉତ୍ପାଦକ ରାଜ୍ୟ ଭାବରେ ପରିଗଣିତ ଓଡ଼ିଶାରେ ବିଜୁଳି ବଳକା ହୋଇଥିଲା ବେଳେ ଏହା ଅତ୍ୟନ୍ତ ମହଙ୍ଗା ହୋଇଛି । ଆମଠାରୁ କୋଇଲା କିଣି ବିଜୁଳି ଉତ୍ପାଦନ କରୁଥିବା ଦିଲ୍ଲୀ ଓ ପଞ୍ଜାବ ସାଧାରଣ ଲୋକଙ୍କୁ ୨୦୦ ୟୁନିଟ୍ ପର୍ଯ୍ୟନ୍ତ ମାଗଣା ବିଜୁଳି ଦେଉଥିଲା ବେଳେ ଆମେ କିନ୍ତୁ ଆମ ଚାଷୀଙ୍କୁ ଆଜିଯାଏଁ ମାଗଣା ବିଜୁଳି ଦେଇପାରିଲୁ ନାହିଁ । ତେଣୁ ଓଡ଼ିଶାର ୯୨ ଲକ୍ଷ ବିଜୁଳି ଉପଭୋକ୍ତା ବିଜୁଳି କମ୍ପାନୀମାନଙ୍କର ଅପାରଗତା ଦୁର୍ନୀତି ଓ ଭ୍ରଷ୍ଟାଚାର ଯୋଗୁଁ ଓ ପରିଚାଳନା ଗତ ତ୍ରୁଟି ପାଇଁ ପ୍ରତିବର୍ଷ ବିଦ୍ୟୁତ୍‌ଶୁଳ୍କ ବୃଦ୍ଧିର ବୋଝ ବୋହୁଛନ୍ତି । ଆଜି ବି ଓଡ଼ିଶାରେ ସରବରାହ ଜନିତ କ୍ଷତି ୨୯ ଶତାଂଶ । ଗୋଟିଏ ଶତାଂଶ ସରବରାହ ଜନିତ କ୍ଷତି ଆମେ ଯଦି କମ୍ କରିପାରିବା ତାହେଲେ ବାର୍ଷିକ ୧୫୩ କୋଟି ଟଙ୍କାର ରାଜସ୍ୱ ସଂଚୟ ହୋଇପାରିବ । ଅର୍ଥାତ୍ ୨୯ ପ୍ରତିଶତ କ୍ଷତି ଯୋଗୁଁ ଆମେ ହାରାହାରି ବାର୍ଷିକ ୪ହଜାର ୨୦୦ କୋଟି ଟଙ୍କାର ବିଦ୍ୟୁତ୍ ଶୁଳ୍କ ବୋଝ ମୁଣ୍ଡାଇ ଚାଲିଛେ । ବିଜୁଳି ଭିତିଭୂମିର ବିକାଶ ପାଇଁ ବିଗତ ୨୭ ବର୍ଷ ଭିତରେ ୨୦ ହଜାର କୋଟି ଟଙ୍କା ଖର୍ଚ୍ଚ ହୋଇଥିଲେ ବି ରାଜ୍ୟବାସୀ ଗୁଣାତ୍ମକ ବିଜୁଳି ସେବା ପାଇପାରୁନାହାନ୍ତି । ତେଣୁ ଭିତିଭୂମି ବିକାଶ ଦୁର୍ନୀତିର ବିଚାର ବିଭାଗୀୟ ତଦନ୍ତ କରି ତୁରନ୍ତ ଉରଦାୟିତ୍ୱ ଧାର୍ଯ୍ୟ କରି ଉକ୍ତ ଖର୍ଚ୍ଚ ହୋଇଥିବା ଟଙ୍କାକୁ ରାଜକୋଷକୁ ଆଣିବା ପାଇଁ ସମାଜବାଦୀ ପାର୍ଟି ଦାବି କରିଛି । ମୁଖ୍ୟମନ୍ତ୍ରୀଙ୍କର ସେହି ଗୋଟିଏ ମନ୍ତ୍ର - "ଲୋକଙ୍କ ପାଖକୁ ଯାଅ, ତାଙ୍କ ସମସ୍ୟା ବୁଝ ଓ ସମାଧାନ କର"କୁ ଧ୍ୟାନରେ ରଖି ଶକ୍ତି ବିଭାଗ ଘନଘନ ବିଜୁଳି କାଟକୁ ବନ୍ଦ କରିବା ଆବଶ୍ୟକ ବୋଲି ଏହି ସ୍ମାରକପତ୍ରରେ କୁହାଯାଇଛି । ପ୍ରବଳ ଗରମ ସାଙ୍ଗକୁ ଅସହ୍ୟ ଗୁଳୁଗୁଳି ଓ ଝାଞ୍ଜି ପବନରେ ସାଧାରଣ ଲୋକ ଆଉଟ୍‌ପାଉଟ୍ ହେଉଥିଲା ବେଳେ ଘନଘନ ବିଦ୍ୟୁତ୍‌କାଟର ଯମ ଯନ୍ତ୍ରଣାକୁ ବଳିଯାଇଛି । ଏହାକୁ ତୁରନ୍ତ ବନ୍ଦ କରିବା ପାଇଁ ପାର୍ଟି ପକ୍ଷରୁ ଦାବି କରାଯାଇଛି । ତୁରନ୍ତ ଏକ ଉଚ୍ଚସ୍ତରୀୟ ବୈଠକ ଡାକି ରାଜ୍ୟରେ ବିଜୁଳି ବିଭାଗର ଚରମ ବିଭ୍ରାଟର ସମୀକ୍ଷା କରିବା ସହିତ ପାଓ୍ୱାରକଟ୍ ବନ୍ଦ କରିବା ଓ ବିଜୁଳି ବିଲ୍‌ରେ ଟାଟା ପାଓ୍ୱାର କରୁଥିବା କାରସାଦିକୁ ବନ୍ଦ କରିବା ପାଇଁ ଓଡ଼ିଆରେ ପ୍ରତିମାସ ୧ ତାରିଖରେ ବିଜୁଳି ବିଲ୍ ପ୍ରଦାନ କରିବା ପାଇଁ ସ୍ମାରକପତ୍ରରେ ଦାବି କରାଯାଇଛି । ମନ୍ତ୍ରୀ ଶ୍ରୀଯୁକ୍ତ ଦେବ ସ୍ମାରକପତ୍ରଟିକୁ ଗ୍ରହଣ କରି ଅବିଳମ୍ବେ ପାଓ୍ୱାରକଟ୍ ସମସ୍ୟା ଉପରେ ପଦକ୍ଷେପ ନେବେ ବୋଲି ଏହି ପ୍ରତିନିଧି ଦଳଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି । ଏହି ପ୍ରତିନିଧି ମଣ୍ଡଳୀରେ ଶ୍ରୀ ବେହେରାଙ୍କ ସହିତ ପାର୍ଟିର ରାଜ୍ୟ ସାଧାରଣ ସମ୍ପାଦକ ସୁଦର୍ଶନ ପ୍ରଧାନ, କୋଷାଧ୍ୟକ୍ଷ ସଂଜୟ ନାୟକ, ଯୁବ ଜନସଭାର ସଭାପତି ସୁବ୍ରତ ଲେଙ୍କା ଓ ସମ୍ପାଦକ ସୁଶୀଲ ହୋତା ପ୍ରମୁଖ ମାନ୍ୟବର ମନ୍ତ୍ରୀଙ୍କ ସହିତ ଆଲୋଚନା କରିଥିଲେ । ପ୍ରାରମ୍ଭରେ ନୂଆ ଭାବରେ ଦାୟିତ୍ୱ ନେଇଥିବା ଯୋଗୁଁ ଶ୍ରୀଯୁକ୍ତ ଦେବଙ୍କୁ ପୁଷ୍ପଗୁଚ୍ଛ ଦେଇ ପ୍ରତିନିଧି ମଣ୍ଡଳୀ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା ।

## ଗୃହଯୁଦ୍ଧ ମାର୍ଗରେ ଶ୍ରୀଲଙ୍କା

(ପୃଷ୍ଠା-୪ର ଅବଶିଷ୍ଟାଂଶ) ମାସ ମାସ ଧରି ବିରୋଧୀଦଳ ଏବଂ ବିଶେଷଜ୍ଞମାନେ ଆନ୍ତର୍ଜାତିକ ମୁଦ୍ରାପାଣ୍ଠିରୁ ସହାୟତା ନେବା ପାଇଁ ମତ ଦେଇ ଆସୁଥିଲେ ହେଁ ରାଜପାକ୍ଷ ପ୍ରଶାସନ ଏବଂ ସେଣ୍ଟ୍ରାଲ ବ୍ୟାଙ୍କ ଅଫ୍ ଶ୍ରୀଲଙ୍କା ତାକୁ ବିରୋଧ କରୁଥିଲେ । ରୁଷ-ୟୁକ୍ରେନ ଯୁଦ୍ଧ ପରେ ତୈଳଦର ବୃଦ୍ଧିହେବା ପରେ ସରକାର ଏପ୍ରିଲ ମାସରେ ଆଇଏମ୍ଏଫ ସହ ଆଲୋଚନା ପାଇଁ ସ୍ଥିର କଲେ । ଇତି ମଧ୍ୟରେ ଭାରତ ସରକାର ଭିନ୍ନ ଭିନ୍ନ ପ୍ରକାର ୩.୫ ବିଲିଅନର ସହାୟତା ଶ୍ରୀଲଙ୍କାକୁ ଦେଲେ । ଚୀନପକ୍ଷରୁ ୧.୫ ବିଲିଅନ ଡଲାରର ଋଣ ସହ ୧ ବିଲିଅନ ଡଲାର ଋଣ ଶ୍ରୀଲଙ୍କା ସରକାରଙ୍କୁ ଦିଆଯିବା ଲାଗି ଘୋଷଣା ହେଲା । ତଥାପି ଏପ୍ରିଲ ୨୦୨୨ରେ ଶ୍ରୀଲଙ୍କା ସରକାର ନିଜକୁ ଦେବାଳିଆ ଘୋଷଣା କରି କୌଣସି ପ୍ରକାର ଋଣ ସୁଝିପାରିବେ ନାହିଁ ବୋଲି କହିଲେ । କାରଣ ୨୦୨୨ସୁଦ୍ଧା ମୋଟ ୮.୬ ବିଲିଅନ ଡଲାର ଅର୍ଥ ସ୍ଥାନୀୟ ଏବଂ ବାହ୍ୟ ଋଣ ସରକାରଙ୍କୁ ସୁଝିବାକୁ ରହିଥିଲା । ୧୯୪୮ରେ ଦେଶ ସ୍ୱାଧୀନ ହେବା ପରଠାରୁ ପ୍ରଥମଥର ପାଇଁ ଏମିତି ପରିସ୍ଥିତି ସୃଷ୍ଟି ହୋଇଛି, ଯେଉଁଥିପାଇଁ ଏପ୍ରିଲ ୫ତାରିଖରେ ଶାସକଦଳ ମେଣ୍ଟରୁ ୪୧ ଜଣ ସହଯୋଗୀ ସାଂସଦ ସମର୍ଥନ ପ୍ରତ୍ୟାହାର କରିନେବା ପରେ ଏବେ ଶାସକମେଣ୍ଟ ସଂଖ୍ୟାଗରିଷ୍ଠତା ହରାଇ ବସିଛନ୍ତି । ଫେବୃଆରୀ ୨୦୨୨ରେ ମୁଦ୍ରାସ୍ଫିତି ୧୭.୫ ପ୍ରତିଶତ, ଖାଦ୍ୟାନ୍ନ ୨୪.୭ ପ୍ରତିଶତ, ଅଣଖାଦ୍ୟ ମୂଲ୍ୟ ୧୧ ପ୍ରତିଶତ ବୃଦ୍ଧିପାଇଛି । ବର୍ଷକ ମଧ୍ୟରେ ନାଲି ଲଙ୍କାଦର ୬୦ପ୍ରତିଶତ , ଆଳୁ ୭୪.୮ ପ୍ରତିଶତ, ଚାଉଳ ଦର ୬୪ ପ୍ରତିଶତ ବୃଦ୍ଧି ପାଇଛି । ଔଷଧର ଅଭାବ ହେତୁ ୨୯ ମାର୍ଚ୍ଚ ଦିନ ପେରାଦେନିୟା ଟିଚିଙ୍ଗ୍ ହସପିଟାଲରେ ଅସ୍ତ୍ରୋପଚାରକୁ ବନ୍ଦ କରିଦିଆଗଲା । ଏପରିକି ଶାରୀରିକ ପରୀକ୍ଷା ଏବଂ ଲାବୋରେଟୋରୀ ପରୀକ୍ଷା ଡାକ୍ତରଖାନାରେ ବନ୍ଦ ହେଲା । ଏପରି ସଙ୍କଟ ଦେଖି ପ୍ରମୁଖ ଟେକ୍ସଟାଇଲ ବ୍ରାଣ୍ଡ ଜାରା, ମ୍ୟାଙ୍ଗୋ, ଏଚ୍ ଏଣ୍ଡ ଏମ୍ ଆଦି ସେମାନଙ୍କ କ୍ରୟାଦେଶ ଶ୍ରୀଲଙ୍କାକୁ ନଦେଇ ଭାରତକୁ ଦେଲେ । ଅର୍ଥାଭାବରୁ ଗତ ଜାନୁଆରୀ ମାସରେ ନାଇଜେରିଆ, ଜର୍ମାନୀ, ସାଇପ୍ରସ, ଏବଂ ମାର୍ଚ୍ଚରେ ଇରାକ, ନରୱେ , ଅଷ୍ଟ୍ରେଲିଆରେ ଥିବା ଦେଶର କୂଟନୈତିକ କାର୍ଯ୍ୟାଳୟଗୁଡ଼ିକୁ ବନ୍ଦ କରିବାକୁ ହେଲା । ଦେଶର ଭାଟ୍ ହାର ୮ ପ୍ରତିଶତ ଆଦୌ ଲାଭଜନକ ନୁହେଁ ବୋଲି କହି ଏହାକୁ ୧୪ପ୍ରତିଶତକୁ ବଢାଇବା ପାଇଁ ଅର୍ଥମନ୍ତ୍ରୀ ଅଲି ସାବ୍ରୀ ୩୦ ଏପ୍ରିଲରେ କହିଛନ୍ତି । ଶ୍ରୀଲଙ୍କାର ମୋଟ ବୈଦେଶିକ ଋଣ ୫୧ ବିଲିଅନ ଡଲାର ଥିଲାବେଳେ ଏହାକୁ ସୁଝିବାକୁ ଶ୍ରୀଲଙ୍କା ସରକାରଙ୍କୁ ପୁଣିଥରେ ଋଣଗୁଡିକର ସୁଝିବା ଯୋଜନାକୁ ପ୍ରସ୍ତୁତ କରିବାକୁ ହେବ । ୨୦୧୫ରୁ ଆଜିଯାଏ ପ୍ରତିବର୍ଷ ଶ୍ରୀଲଙ୍କାର ବୃଦ୍ଧି ହାର ହ୍ରାସ ପାଇଆସିଛି । କହିବାକୁ ଗଲେ ଆର୍ଥିକ, ରାଜନୈତିକ ସ୍ତରରେ ଶ୍ରୀଲଙ୍କାର ଅସ୍ଥିରତା ସାମାଜିକ ଜୀବନରେ ସରକାରଙ୍କ ପ୍ରତି ଲୋକଙ୍କ ମନରେ ଅସନ୍ତୋଷ ସୃଷ୍ଟି କରିବା ଯୋଗୁ ଏବେ ସେଠାରେ ଗୃହଯୁଦ୍ଧ ପରିସ୍ଥିତି ସୃଷ୍ଟି ହୋଇଛି ।

ଭାରତୀୟ ସମ୍ବାଦ ସେବା (ଭାସ୍), ଭୁବନେଶ୍ୱର-୭୫୧୦୦୩

## ଡା. ହରିଶ୍ଚନ୍ଦ୍ର ଜେନାଙ୍କ ୧୫ତମ ଶ୍ରାଦ୍ଧବାର୍ଷିକୀ : ୨୮ ୟୁନିଟ୍ ସଂଗୃହୀତ

ଜଳେଶ୍ୱର, ୦୯/୬(ନି.ପ୍ର): ବାଲେଶ୍ୱର ଜିଲାର ସୁନାମଧନ୍ୟ ଶଲ୍ୟ ଚିକିତ୍ସକ ହରିଶ୍ଚନ୍ଦ୍ର ଜେନାଙ୍କ ନିଜ ଗ୍ରାମ କଲ୍ୟାଣପୁର ଠାରେ ୧୫ ତମ ଶ୍ରାଦ୍ଧବାର୍ଷିକୀ ଅନୁଷ୍ଠିତ ହୋଇ ଯାଇଛି । ଏହି ଅବସରରେ ଜଳେଶ୍ୱରସ୍ଥିତ ଗଣେଶଚନ୍ଦ୍ର ଜେନାଙ୍କ ବାସଭବନରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି । ଏହାକୁ ଡାକ୍ତର ମୂରଲୀଧର ଦାସ, ମନସୁଖଲାଲ ଠକର ଓ ସୁକାନ୍ତ ଦେ ମିଳିତଭାବେ ଉଦ୍‌ଘାଟନ କରିଥିଲେ । ଏଥିରେ ୨୮ଜଣ ରକ୍ତଦାନ କରିଥିବାବେଳେ ଲକ୍ଷ୍ମିନାରାୟଣ ଜେନା ପରିଚାଳନା କରିଥିଲେ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

### ୬୪ ବସ୍ତା ଗଞ୍ଜେଇ ଜବତ....

ଭିତରକୁ ଦୌଡ଼ିବାକୁ ଲାଗିଥିଲେ । ପୁଲିସ୍ ମଧ ସେମାନଙ୍କୁ ପିଛା କରିବା ଆରମ୍ଭ କରିଥିଲା । ଦୀର୍ଘ ସମୟର ଧରପଗଡ଼ ପରେ ପୁଲିସ୍ ପଞ୍ଝାରେ ୨ ଜଣ ଯୁବକ ଧରାପଡ଼ିଥିଲେ । କିନ୍ତୁ ଅନ୍ୟମାନେ ସେଠାରୁ ଖସି ଚାଲିଯିବାକୁ ସକ୍ଷମ ହୋଇଥିଲେ । ସେମାନଙ୍କୁ ଧରିବା ପରେ ପୁଲିସ୍ ଜଙ୍ଗଲ ଭିତରେ ୬୪ଟି ଜରି ବସ୍ତାରେ ରଖାଯାଇ ଥିବା ଗଞ୍ଜେଇ ଗୁଡ଼ିକ ପାଖରେ ପହଞ୍ଚିଥିଲା । ଗଞ୍ଜେଇ ସହ ଚାଲାଣ ପାଇଁ ସେଠାରେ ଥିବା ଗୋଟିଏ ବାଇକ (ଏପି ୦୫ ଇଭି ୨୩୫୯) ଓ ଗୋଟିଏ ମହେନ୍ଦ୍ରା ବୋଲେରୋ(ଓଡି ୧୦ ଡି ୭୦୪୩)କୁ ପୁଲିସ ଜବତ କରିଛି । ଏହି ବସ୍ତା ଗୁଡ଼ିକରେ ମୋଟ ୧୫୯୬ କେଜି ୩୦୦ ଗ୍ରାମ ଗଞ୍ଜେଇ ରହିଥିଲା । ଏହାର ବଜାର ମୂଲ୍ୟ ୧୫ ଲକ୍ଷ ଟଙ୍କାରୁ ଅଧିକ ହେବ ବୋଲି ପୁଲିସ୍ କହିଛି । ଗଞ୍ଜେଇ ବସ୍ତାଗୁଡ଼ିକ ଓଡ଼ିଶାରୁ ଆନ୍ଧ୍ରର ସିଲେରୁ ଅଞ୍ଚଳକୁ ଚାଲାଣ ହେବାର ଥିଲା ।

### ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ରଥଯାତ୍ରା....

ବିଭାଗ ତରଫରୁ ହେବାକୁ ଥିବା କାର୍ଯ୍ୟଗୁଡ଼ିକ ଉପରେ ସୂଚନା ଦେଇଥିଲେ । ଦୂରଦର୍ଶନ ଜରିଆରେ ସିଧା ପ୍ରସାରଣ, ଅନ୍ୟାନ୍ୟ ବୈଦ୍ୟୁତିକ ଗଣମାଧ୍ୟମକୁ ଲାଇଭ୍ କମନ୍ ଫିଡ୍ ଯୋଗାଣ, ଅସ୍ଥାୟୀ ସୂଚନା କେନ୍ଦ୍ର ସ୍ଥାପନ, ସାମ୍ବାଦିକମାନଙ୍କ ଗସ୍ତ, ସମ୍ମାନନୀୟ ଅତିଥିମାନଙ୍କ ପରିଚର୍ଯ୍ୟା, ବିଭିନ୍ନ ପ୍ରକାଶନର ରଥଯାତ୍ରା ବିଶେଷାଙ୍କ ବିକ୍ରୟ, ଫଟୋଚିତ୍ର ପ୍ରଦର୍ଶନୀ, ବିଜ୍ଞାପନ ପ୍ରସାରଣ ସହିତ ହୋଡ଼ିଙ୍ଗ ବ୍ୟବସ୍ଥା ଇତ୍ୟାଦି ପ୍ରସଙ୍ଗ ଉପରେ ନିର୍ଦ୍ଦେଶକ ଶ୍ରୀ ତ୍ରିପାଠୀ ଅବଗତ କରାଇଥିବାବେଳେ ଉତ୍କଳ ପ୍ରସଙ୍ଗ ଓ ଓଡ଼ିଶା ରିଭ୍ୟୁର ସଂପାଦକ ଡ. ଲେନିନ୍ ମହାନ୍ତି ରଥଯାତ୍ରା ଦିନ ଉଭୟ ପତ୍ରିକାର ବିଶେଷାଙ୍କ ସଂଖ୍ୟା ଲୋକାର୍ପିତ ହେବ ବୋଲି ଉଲ୍ଲେଖ କରିଥିଲେ ।

## ଏସ୍‌ଟିଭିର ପରିଚାଳନା ନିର୍ଦ୍ଦେଶକଙ୍କ ପିତୃ ବିୟୋଗ



ଜଳେଶ୍ୱର ୯/୬(ନି.ପ୍ର): ଏସ୍‌ଟିଭିର ପରିଚାଳନା ନିର୍ଦ୍ଦେଶକ ଅରୁଣ ଜେନାଙ୍କ ପିତା ନିତ୍ୟାନନ୍ଦ ଜେନା(୭୭) ଗତ ବୁଧବାର ଭୋର ୪.୪୫ରେ କଟକ ବଡ ମେଡିକାଲରେ ହୃଦ୍‌ଘାତରେ ମୃତ୍ୟୁବରଣ କରିଛନ୍ତି । ସେ ଜଣେ ଇଞ୍ଜିନିୟର ଭାବେ ଖ୍ୟାତ ଅର୍ଜନ କରିଥିଲେ । ସେ ଅଭାବ ଅନଟନ ମଧ୍ୟରେ ଗତି କରୁଥିଲେ ମଧ୍ୟ ଜଣେ ମିଷ୍ଟଭାଷୀ, ସରଳ ଓ ପରପୋକାରୀ ଭାବେ ଜଣାଶୁଣା । ମୃତ୍ୟୁଶଯ୍ୟା ନିକଟରେ ବିଧବା ପତ୍ନୀ ଗୌରୀରାଣୀ ଜେନା, ପୁତ୍ର ବରୁଣ ଜେନା, ତରୁଣ ଜେନା ଉପସ୍ଥିତ ଥିବା ବେଳେ ଗାଁ ଶ୍ମାସାନରେ ପୁତ୍ର ଅରୁଣ ଜେନା ମୁଖାଗ୍ନି ଦେଇଥିଲେ । ତାଙ୍କର ମୃତ୍ୟୁରେ ସମାଜସେବୀ ଲେଲିନ୍ ପ୍ରଧାନ, ଅବସରପ୍ରାପ୍ତ ଅଧ୍ୟକ୍ଷ ଡ. ଶ୍ରୀକାନ୍ତ ଚରଣ ପାତ୍ର, ଡ. ଅଜିତ୍ ମହାନ୍ତି, କ୍ଷିତିଶ ଘୋଷ, ରାମକୃଷ୍ଣ ଦତ୍ତ, ତପନ ବିଶ୍ୱାଳ, ରବିନାରାୟଣ ପାତ୍ର, ସୁକୁମାର ରଣା ପ୍ରମୁଖ ଶୋକବ୍ୟକ୍ତ କରିଛନ୍ତି ।

## ବିର୍ସା ମୁଣ୍ଡାଙ୍କ ପୁଣ୍ୟତିଥିରେ କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଶ୍ରଦ୍ଧାଂଜଳି

ଭୁବନେଶ୍ୱର, ୦୯/୦୬ (ନି.ପ୍ର): ବୀର୍ସା ମୁଣ୍ଡାଙ୍କ ପୁଣ୍ୟତିଥିରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶ୍ରଦ୍ଧାଂଜଳି ଜଣାଇଛନ୍ତି । ସେ ଟ୍ୱିଟ କରି କହିଛନ୍ତି ଯେ - ନିଜର ଧନୁରେ ଔପନିବେଶିକ ଶକ୍ତି ମାନଙ୍କର ଗର୍ବକୁ ଛିନ୍ନ ଭିନ୍ନ କରି ଦେଇଥିବା ଜନନାୟକ ଭଗବାନ ବିର୍ସା ମୁଣ୍ଡାଙ୍କ ପୁଣ୍ୟ ତିଥିରେ ଶ୍ରଦ୍ଧାପୂର୍ଣ ନମନ । ସାଂସ୍କୃତିକ ଅସ୍ମିତାର ରକ୍ଷା ଓ ଉଲଗୁଲାନ ଭଳି ପ୍ରୟାସ ଜରିଆରେ ସେ ସମାଜକୁ ନୂଆ ଦିଗ ଦେଇଥିଲେ । ଦେଶର ସ୍ୱାଭିମାନ ପାଇଁ ତାଙ୍କର ସଂଘର୍ଷ ଆମ ସମସ୍ତଙ୍କୁ ପ୍ରେରଣା ଦେଉଥିବ ।

# ପୁଲିସ୍ ନିଷ୍କ୍ରିୟତାକୁ ନେଇ ସାମ୍ବାଦିକ ସମ୍ମିଳନୀ

ଜଳେଶ୍ୱର, ୦୯/୬(ନି.ପ୍ର): ଜଳେଶ୍ୱର ଥାନା ଅନ୍ତର୍ଗତ ନାମ୍ପୋ ଗାଁର ସେକ୍ ଇସ୍‌ମାଇଲଙ୍କ ଝିଅକୁ ଭୋଗରାଇର ମେରାଇନ୍ ଥାନା ଅନ୍ତର୍ଗତ ଗାଜିପୁର ଗାଁର ସେକ୍ ଅଲିଙ୍କ ବଡପୁଅ ସେକ୍ ରାଜେଶ ସହିତ ଗତ ୨୯-୨-୨୧ରେ ମୁସଲମାନ ପ୍ରଥା ଅନୁଯାୟୀ ବିବାହ ଦେଇଥିଲେ । ବିବାହ ବେଳେ ଦାମୀ ବାଇକ୍, ସୁନାଗହଣା ଓ ଆସବାପତ୍ର ବାବଦ ୬ଲକ୍ଷ ଟଙ୍କା ଖର୍ଚ୍ଚ କରିଥିଲେ । ବିବାହର ୬ମାସ ପରେ ଶାଶୁ ଘରେ କନ୍ୟା ମୁସ୍‌କାନ ବିବିକୁ ଶ୍ୱଶୁର ସେକ୍ ଅଲି, ଶାଶୁ ରାମ ବିବି, ଦେଢ଼ର ସେକ୍ ଜାହେଉଦ୍ଦିନ, ନଣନ୍ଦ ସାଲେରା ବିବି ଓ ନଣଦେଇ ସ୍ୱାମୀ ସେକ୍ ରାଜେଶର ପ୍ରରୋଚନାରେ ଅଧିକ ୩ଲକ୍ଷ ଟଙ୍କାର ଯୌତୁକ ନେବାଲାଗି ଶାରିରୀକ ଓ ମାନସିକ ନିର୍ଯ୍ୟାତନା ଦେଇ ଆସୁଥିଲେ । ଏ ସମ୍ପର୍କରେ ଗାଁରେ ବାରମ୍ବାର ବିଚାର ଓ ବୈଠକ ଶେଷ ହୋଇଥିଲା । ଗତ ୮-୫-୨୨ରିଖରେ ତାର ଶ୍ୱଶୁର ସେକ୍ ଅଲି ମୁସ୍‌କାନ ବିବି ଫାସି ଲଗାଇ ଆତ୍ମହତ୍ୟା କରିଥିବା ଫୋନ୍‌ଯୋଗେ ବାପାଘରକୁ ଜଣାଇଥିଲେ ମଧ୍ୟ ସେକ୍ ରାଜେସର ଠାକୁମା ବିଷପିଇ ଆତ୍ମହତ୍ୟା କରିଥିବା ଜଣାଇବା ପରେ ସନ୍ଦେହ ପ୍ରକାଶ ପାଇଥିଲା । ନାମ୍ପୋ ଗ୍ରାମର କେତେକ ଭଦ୍ରଲୋକଙ୍କ ସହାୟତାରେ ବାପଘର ଲୋକମାନେ ଯାଇଥିବା ବେଳେ ତାର ଦେହରେ ବିଭିନ୍ନ କ୍ଷତଚିହ୍ନ ଥିବାରୁ ଏହା ଏକ ସୁପରିକଳ୍ପିତ ହତ୍ୟାକାଣ୍ଡ ବୋଲି ଜାଣି ଥାନାରେ ଅଭିଯୋଗ କରାଯାଇଥିଲା । ପରେ ମେରାଇନ୍ ପୁଲିସ୍ ଶ୍ୱଶୁର ସେକ୍ ଅଲି ଓ ଶାଶୁ ରାମ ବିବିଙ୍କୁ ଗିରଫ କରି ହାତ ଗୋଟାଇ ବସିଛି । ଘଟଣାର ପ୍ରକୃତ ଅଭିଯୁକ୍ତ ସ୍ୱାମୀ ରାଜେଶ, ଦେଢ଼ର ସେକ୍ ଜାହେଉଦ୍ଦିନ, ନଣନ୍ଦ ସାଲେରା ବିବି ଓ ନଣଦେଇ ଏବେ ବଜାରରେ ଖୁଲମ ଖୁଲା ବୁଲୁଥିବା ବେଳେ ପୁଲିସ୍ ସେମାନଙ୍କୁ ଗିରଫ କରୁନଥିବା ଆଜିର ସାମ୍ବାଦିକ ସମ୍ମିଳନୀରେ ଅଭିଯୋଗ କରାଯାଇଛି । ଏ ସମ୍ପର୍କରେ ସ୍ଥାନୀୟ ପୁଲିସ୍ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନଥିବାରୁ ଜଳେଶ୍ୱର ଏସ୍‌ଡିପିଓ, ବାଲେଶ୍ୱର ଜିଲାପାଳ ଓ ଏସ୍‌ପିଙ୍କୁ ଲିଖିତଭାବେ ଯୁଗ୍ମ ଶୁଣାଣୀରେ ଅଭିଯୋଗ କରାଯାଇଛି । ଆସନ୍ତା ୧୫ ଦିନ ମଧ୍ୟରେ ସେମାନେ ଗିରଫ ନ ହେଲେ ପରିବାର ପକ୍ଷରୁ ବାଲେଶ୍ୱର ଏସ୍‌ପିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅନଶନ ଧର୍ମଘଟ କରିବେ ବୋଲି ସେକ୍ ଇସ୍‌ମାଇଲ, ହାସରୁଉନ ବିବି, ସେକ୍ ହବିବ୍,ମନତାଜ ଖାଁ, ସେକ୍ ସ୍ୱଜିଦ୍ ବକ୍ସ, ସେକ୍ ସାଦିକ, ଦୀପ୍ତିମାନ ଆଚାର୍ଯ୍ୟ, ଦିଲ୍ଲିପ ଗିରି, ସେକ୍ ଅବଦୁଲ ସାଦିକ ପ୍ରମୁଖ ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଛନ୍ତି ।

# ପରପାରିରେ ଜଳେଶ୍ୱରର ବିନୋଦ ସାର୍

ଜଳେଶ୍ୱର, ୦୯/୬(ନି.ପ୍ର): ଜଳେଶ୍ୱରରେ ବିନୋଦସାର୍ ଭାବେ ପରିଚିତ ବିନୋଦ କୁମାର ସେନାପତି (୭୨)ଙ୍କର ଗତ ବୁଧବାର ରାତି ୧୦.୫୦ମିନିଟ୍ ସମୟରେ ବାଲେଶ୍ୱର ଫକୀରମୋହନ ଡାକ୍ତରଖାନାରେ ପରଲୋକ ଘଟିଛି । ସେ ଜଳେଶ୍ୱରର ଅଗ୍ରଓ୍ୱାଲା ହାଇସ୍କୁଲ ଓ ଜଳେଶ୍ୱର ଉଚ୍ଚ ବିଦ୍ୟାଳୟରେ ଚାକିରୀ କଲାପରେ ୩୧-୩-୨୦୦୯ରେ ଶିକ୍ଷକତାରୁ ଅବସର ନେଇଥିଲେ । ଶିକ୍ଷକତାକୁ ପେଷାଭାବେ ଗ୍ରହଣ କରିଥିବା ବିନୋଦ ବାବୁ ମୃତ୍ୟୁ ପର୍ଯ୍ୟନ୍ତ ଶିକ୍ଷାଦାନରୁ ବଂଚିତ ହୋଇ ନାହାନ୍ତି । ଅବସରପରେ ସାଇକେଲଟେ ଧରି ସେ ବିଭିନ୍ନ ସ୍ଥାନରେ ଟ୍ୟୁସନ୍ କରି ବହୁ ମେଧାବୀ ଛାତ୍ରଛାତ୍ରୀ ସୃଷ୍ଟି କରିଥିଲେ । ଆଜି ସେମାନେ ରାଜ୍ୟ ଓ ରାଜ୍ୟ ବାହାରେ ବିଭିନ୍ନ ସରକାରୀ ପଦପଦବୀରେ ରହିଛନ୍ତି । ଆଜି ସକାଳ ୧୦ଟା ସମୟରେ ତାଙ୍କ ନିଜଘର ଜଳେଶ୍ୱର ପୌରପାଳିକାର ଶାନ୍ତିଆ ଗ୍ରାମରେ ହୋଇଥିବା ବେଳେ ଶେଷ ପର୍ଯ୍ୟନ୍ତ ନିଜସ୍ୱ ଘର ଖଣ୍ଡେ ତିଆରୀ କରିପାରିନଥିଲେ । ଆଜି ତାଙ୍କ ମୃତ୍ୟୁପରେ ପୁଅ ଆଶିଷ କୁମାର ସେନାପତି, ତିନି ବିବାହିତ ଝିଅ ତାଙ୍କ ଶେଷ ଦର୍ଶନ କରିଥିବା ବେଳେ ସୁବର୍ଣ୍ଣରେଖା ନଦୀକୂଳରେ ପୁଅ ମୁଖାଗ୍ନି ଦେଇଥିଲେ । ବିଭିନ୍ନ ଅଂଚଳରୁ ଛାତ୍ରଛାତ୍ରୀ ମୃତ୍ୟୁଶଯ୍ୟ ନିକଟରେ ପହଞ୍ଚିଥିବା ବେଳେ ଗ୍ରାମମୁଖ୍ୟ ସିତାଂଶୁ ସେନାପତି, ଅରୁଣ ବେଜ, ଆଇନ୍‌ଜିବୀ ରବିନ୍ ଦାସ, ଦୀପ୍ତି ଦାସ, ଡ. ଲଳିତରଂଜନ ସେନାପତି, ପ୍ରଫୁଲ୍ଲ ଦାସ, ଫନିଭୂଷଣ ନାଗ, ଶଶିକାନ୍ତ ପ୍ରଧାନ, ହରେକୃଷ୍ଣ ଜେନା, ମହେଶ୍ୱର ଦାସ, ସୁବଳ ପରିଡାଙ୍କ ସହିତ ବହୁ ଗଣ୍ୟମାନ୍ୟ ବ୍ୟକ୍ତି ଶେଷ ଦର୍ଶନ କରିଥିଲେ ।



## ଚଳନ୍ତା ଟ୍ରେନରୁ ପଡି ଯୁବକ ଗୁରୁତର

ଜଳେଶ୍ୱର, ୦୯/୬(ନି.ପ୍ର): ଆଜି ବାରିପଦାର ପାଲବଣି ଛକ ନିକଟରେ ବସବାସ କରି ରହୁଥିବା ଯଦୁ ବିନ୍ଧାଣୀଙ୍କ ପୁଅ ଯଦୁ ବିନ୍ଧାଣୀ ଟ୍ରେନ୍‌ରେ ଗଲାବେଳେ ଖସିପଡି ଗୁରୁତର ଆହତ ହୋଇଛନ୍ତି । ଜଳେଶ୍ୱର ରେଳ ଫାଟକ ନିକଟସ୍ଥ ୫ମୁହଁ ପୋଲ ରେ ରେଳଟି ଗଲାବେଳେ କୌଣସି କାରଣରୁ ଜଗନ୍ନାଥ ବିନ୍ଧାଣୀ ତଳକୁ ପଡିଯାଇଥିଲେ । ତଳେ ପାଣିଥିଲେ ମଧ୍ୟ ତାଙ୍କ ହାତ ମୁଣ୍ଡରେ ଶକ୍ତ ଆଘାତ ଲାଗିଥିଲା । ସମାଜସେବୀ ଆନନ୍ଦ କର ଏ ସମ୍ପର୍କରେ ଦମକଳ ବାହିନୀକୁ ଜଣାଇବା ପରେ ସେମାନେ ଜିକେଭଟର ହସ୍‌ପିଟାରେ ଆଣି ଭର୍ତ୍ତି କରିଛନ୍ତି । କୌଣସି ସମ୍ପର୍କୀୟ ଲୋକେ ପହଞ୍ଚି ପାରିନଥିବାରୁ ଗୁରୁତର ଅବସ୍ଥାରେ ଚିକିତ୍ସିତ ହେଉଛନ୍ତି । ୫୭ ଜାତୀୟ ରାଜପଥ ଓ ୬୦ ଜାତୀୟ ରାଜପଥ ଜଳେଶ୍ୱର ଦେଇ ଯାଇଥିବାରୁ ବହୁ ଦୁର୍ଘଟଣା ଘଟୁଛି ।

## କଟକ ହଷ୍ଟେଲରୁ ୧୩ ଜଣ କରୋନା ସଂକ୍ରମିତ ଚିହ୍ନଟ

ଭୁବନେଶ୍ୱର, ୦୯/୦୬ (ନି.ପ୍ର): କଟକର ଏକ ଆବାସିକ ଛାତ୍ରାବାସରୁ ୧୩ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ମୋଟ ୫୬ ଜଣ ଅନ୍ତେବାସୀଙ୍କ ମଧ୍ୟରୁ ୧୩ ଜଣଙ୍କର ଥଣ୍ଡା ଲକ୍ଷଣ ରହିଛି । ଆଂଟିଜେନ ଟେଷ୍ଟରେ ସେମାନେ ପଜିଟିଭ ଚିହ୍ନଟ ହୋଇଛନ୍ତି । ସମସ୍ତଙ୍କର ଆରଟିପିସିଆର ଟେଷ୍ଟ କରା ଯିବ ବୋଲି ଅତିରିକ୍ତ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ସୂଚନା ଦେଇଛନ୍ତି ।

# ଋଣ ସଂଯୋଗୀକରଣ ଉତ୍ସବରେ ୭୧.୬ କୋଟିର ଋଣ ପ୍ରଦାନ

ବାଲେଶ୍ୱର,୦୯/୦୬ (ନି.ପ୍ର): ଆଜାଦିକା ଅମୃତ ମହୋତ୍ସବ ପାଳନ ଅବସରରେ କେନ୍ଦ୍ର ସରକାରଙ୍କ ଅର୍ଥ ମନ୍ତ୍ରାଳୟ ନିର୍ଦ୍ଦେଶ କ୍ରମେ ବ୍ୟାଙ୍କ ସମୂହଙ୍କ ପକ୍ଷରୁ ଚଳିତ ମାସ ୬ ତାରିଖରୁ ଆରମ୍ଭ ଆଇକନିକ ସପ୍ତାହ । ଏହି ପରିପ୍ରେକ୍ଷୀରେ ୟୁକୋ ବ୍ୟାଙ୍କ ତଥା ବାଲେଶ୍ୱରର ଅନ୍ୟାନ୍ୟ ପକ୍ଷରୁ ଏକ ମିଳିତ ଋଣ ସଂଯୋଗୀକରଣ କାର୍ଯ୍ୟକ୍ରମ ସ୍ଥାନୀୟ ଜିଲା ପରିଷଦ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି । ଜିଲାପାଳ କେ ସୁଦର୍ଶନ ଚକ୍ରବର୍ତ୍ତୀ ଏହି କାର୍ଯ୍ୟକ୍ରମକୁ ଉଦଘାଟନ କରିବା ସହିତ ସାମ୍ପ୍ରତିକ ସ୍ଥିତିରେ ଜିଲାରେ ବ୍ୟାଙ୍କ ସେବାର ଆଶାତୀତ ଅଗ୍ରଗତିକୁ ନେଇ ସନ୍ତୋଷ ପ୍ରକାଶ କରିଥିଲେ । ତେବେ ଋଣ ଆବେଦନ ଓ ପ୍ରଦାନ ପ୍ରକ୍ରିୟାକୁ ଅଧିକ ସହଜ କରିବା ପାଇଁ ଉପସ୍ଥିତ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ । ବିଶେଷ କରି ଆବଶ୍ୟକତା ଅନୁଯାୟୀ ଜିଲାରେ କୃଷିଋଣ, ଶିଳ୍ପଋଣ ଓ ଶିକ୍ଷାଋଣ ପ୍ରଦାନକୁ ଗୁରୁତ୍ୱ ଦେବା ପାଇଁ ସେ କହିଥିଲେ । ନାବାର୍ଡ଼ ଜିଲା ଉନ୍ନୟନ ଅଧିକାରୀ ତାପସ ପ୍ରଧାନ, ୟୁକୋ ବ୍ୟାଙ୍କ କ୍ଷେତ୍ରୀୟ ଉପ-ପ୍ରବନ୍ଧକ ନିଶିକାନ୍ତ ସିଂ, ୟୁନିୟନ ବ୍ୟାଙ୍କ କ୍ଷେତ୍ରୀୟ ଉପ-ପ୍ରବନ୍ଧକ ଗଜେନ୍ଦ୍ର ଦାସ, ଜିଲା ଅଗ୍ରଣୀ ବ୍ୟାଙ୍କ ପ୍ରବନ୍ଧକ ବିଶ୍ୱଜିତ ଶତପଥୀ ପ୍ରମୁଖ ଏଥିରେ ଯୋଗଦେଇ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ଆଲୋଚନା କରିଥିଲେ । ବିଭିନ୍ନ ସରକାରୀ ଯୋଜନା କାର୍ଯ୍ୟକାରିତା ବ୍ୟାଙ୍କମାନଙ୍କ ସହଯୋଗ ଓ ଋଣପ୍ରଦାନ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ସମ୍ପର୍କରେ ଅଧିକାରୀମାନେ ଆଲୋଚନା କରିଥିଲେ । ଏହି ଅବସରରେ ବିଭିନ୍ନ ବ୍ୟାଙ୍କ ପକ୍ଷରୁ ଜିଲାର ୩୭୯୯ ଜଣ ହିତାଧିକାରୀଙ୍କୁ ୭୧.୬୦ କୋଟି ଟଙ୍କାର ଋଣ ପ୍ରଦାନ କରାଯାଇଥିଲା । ଏଥି ସହିତ ବ୍ୟାଙ୍କ ସେବା କ୍ଷେତ୍ରରେ ବିଭିନ୍ନ ଯୋଜନା ସମ୍ପର୍କିତ ସୂଚନା ବାବଦରେ ଉପସ୍ଥିତ ଲୋକଙ୍କୁ ଅବଗତ କରାଯାଇଥିଲା ।



# ଅନ୍ତର୍ଜାତୀୟ ଲେଭେଲ କ୍ରସିଂ ସଚେତନତା ଦିବସ ପାଳିତ

ଭୁବନେଶ୍ୱର, ୦୯/୦୬ (ନି.ପ୍ର): ଆନ୍ତର୍ଜାତୀୟ ଲେଭେଲ କ୍ରସିଂ ସଚେତନତା ଦିବସ ପାଳନ ଅବସରରେ ସଡ଼କ ବ୍ୟବହାରକାରୀଙ୍କୁ ପ୍ରଶିକ୍ଷିତ କରାଇବା ପାଇଁ ପୂର୍ବତଟ ରେଳପଥ ପକ୍ଷରୁ ଜନସଚେତନତା ଅଭିଯାନ ଆୟୋଜନ କରାଯାଇଛି । ଏହି ଲେଭଲ କ୍ରସିଂ ସଚେତନତା ଅଭିଯାନ ପୂର୍ବତଟ ରେଳପଥ ପକ୍ଷରୁ ବିଭିନ୍ନ ଗଣ ଯୋଗାଯୋଗ ମାଧ୍ୟମ ସହିତ ପୋଷ୍ଟର, ଲିଫଲେଟ୍ ବଣ୍ଟନ, ବିଭିନ୍ନ କ୍ଷୁଦ୍ର ଅବଧି ଚଳଚ୍ଚିତ୍ର / ବିଜ୍ଞାପନ ଏବଂ ପଥପ୍ରାନ୍ତ ନାଟକ ଇତ୍ୟାଦି ମାଧ୍ୟମରେ ସଚେତନତା କରାଯାଇଛି । ପୂର୍ବ ତଟ ରେଳପଥ ମୁଖ୍ୟାଳ ଏବଂ ଖୋର୍ଦ୍ଧା ରୋଡ଼ ମଣ୍ଡଳର ନିରାପତା ବିଭାଗର ବରିଷ୍ଠ ଅଧିକାରୀମାନେ ଖୋର୍ଦ୍ଧା ରୋଡ଼ ମଣ୍ଡଳର ମଣ୍ଡଳ ରେଳବାଇ ପ୍ରବନ୍ଧକ ରିଙ୍କେଶ ରାୟଙ୍କ ନେତୃତ୍ୱରେ ଆନ୍ତର୍ଜାତୀୟ ଲେଭେଲ କ୍ରସିଂ ସଚେତନତା ଦିବସରେ ଆଜି ଅରୁଗୁଳ ଷ୍ଟେସନ ନିକଟସ୍ଥ ଜଗୁଆଳି ଥିବା ଲେଭେଲ କ୍ରସିଂ ଗେଟ୍ ନିକଟରେ ଆୟୋଜିତ କାର୍ଯ୍ୟକ୍ରମକୁ ଉଦ୍ଘାଟନ କରି ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରିଥିଲେ । ଆୟୋଜିତ ସମାବେଶକୁ ସୂଚନା ଦେଇ ଶ୍ରୀ ରାୟ କହିଛନ୍ତି ଯେ "ଜୀବନ ଆପଣଙ୍କ ସମୟ ଅପେକ୍ଷା ଅଧିକ ମୂଲ୍ୟବାନ ଅଟେ - ଲେଭଲ୍ କ୍ରସିଂ ଅତିକ୍ରମ କରିବାବେଳେ ଆପଣଙ୍କ ଜୀବନକୁ ବିପଦରେ ପକାନ୍ତୁ ନାହିଁ" । ସେ ଏହା ମଧ ସୂଚନା ଦେଇଛନ୍ତି ଯେ, ଟ୍ରେନ୍ ଗୁଡିକର ଗତି ଅତ୍ୟନ୍ତ ଦ୍ରୁତ ଯାହାକି ଆପଣଙ୍କ ଭାବନା ଠାରୁ ଆହୁରି କ୍ଷିପ୍ର ଗତିରେ ରେଳ ଫାଟକ ଠାରେ ପହଞ୍ଚି ପାରେ, ତେଣୁ ଲେଭେଲ କ୍ରସିଂ ଦେଇ ଯିବାବେଳେ ସାବଧାନ ରୁହନ୍ତୁ । ରେଳମନ୍ତ୍ରୀଙ୍କ ନିର୍ଦ୍ଦେଶ ଅନୁଯାୟୀ, ସମସ୍ତ ମାନବ ବିହୀନ ଲେଭଲ୍ କ୍ରସିଂ ଗେଟ୍ ଗୁଡିକ ପୂର୍ବ ତଟ ରେଳବାଇ ପରିସୀମା ମଧ୍ୟରୁ ଅପସାରଣ କରାଯାଇ ରୋଡ୍ ଓଭର ବ୍ରିଜ୍ ଏବଂ ରୋଡ୍ ଅଣ୍ଡର ବ୍ରିଜ୍ ର ବିକଳ୍ପ ଯାତାୟାତ ସୁବିଧା ଯୋଗାଇ ଦିଆଯାଇଅଛି । ଆନ୍ତର୍ଜାତୀୟ ଲେଭେଲ କ୍ରସିଂ ସଚେତନତା ଦିବସ ପାଳନକୁ ସ୍ମରଣୀୟ କରିବାପାଇଁ ଖୋର୍ଦ୍ଧା ରୋଡ଼ ମଣ୍ଡଳର ସିଭିଲ ଡିଫେନ୍ସ ସ୍ୱେଚ୍ଛାସେବୀ ମାନଙ୍କ ଦ୍ୱାରା ଅରୁଗୁଳ ଷ୍ଟେସନ ନିକଟସ୍ଥ ଲେଭେଲ କ୍ରସିଂ ଠାରେ ନିରାପତ୍ତା ସମ୍ବନ୍ଧୀୟ ପଥପ୍ରାନ୍ତ ନାଟକ ଆୟୋଜନ କରାଯାଇ ଜନସାଧାରଣଙ୍କୁ ସଚେତନ କରାଯାଇଥିଲା । ରେଳ ଫାଟକ ବ୍ୟବହାର କରିବା ସମୟରେ ପଥଚାରୀମାନଙ୍କୁ ସତର୍କ କରାଇବା ନିମନ୍ତେ ପ୍ରଚାର ପତ୍ର ବଣ୍ଟନ କରାଯିବ ସହିତ ପ୍ଲାକାର୍ଡ଼ ଓ ବ୍ୟାନର ପ୍ରଦର୍ଶିତ କରାଯାଇଥିଲା । ନିରାପତ୍ତା ବିଭାଗର କର୍ମଚାରୀ ଓ ଅଧିକାରୀମାନେ ସଡକ ବ୍ୟବହାରକାରୀ ମାନଙ୍କୁ ଲେଭେଲ କ୍ରସିଂ ପାରହେବ ସମୟରେ ବିଭିନ୍ନ ନିୟମ ସମ୍ବନ୍ଧରେ ବୁଝାଇଥିଲେ ।

# ବାରବାଟୀ ମ୍ୟାଚ୍ ପାଇଁ ଟିକେଟ୍ ବିକ୍ରି ଶେଷ

ଭୁବନେଶ୍ୱର, ୦୯/୦୬ (ନି.ପ୍ର): ବାରବାଟୀରେ ଭାରତ-ଦକ୍ଷିଣ ଆଫ୍ରିକା ଦ୍ୱିତୀୟ ଟି-୨୦ ମ୍ୟାଚ୍ ପାଇଁ ଟିକେଟ ବିକ୍ରି ଶେଷ ହୋଇଛି । କଟକ ସମେତ ବାହାର ଅଂଚଳରୁ ଲୋକେ ଆସି ଷ୍ଟାଡିୟମ୍ ରୁ ଆଜି ଟିକେଟ ସଂଗ୍ରହ କରିଛନ୍ତି । ୯ଟି କାଉଂଟରେ ୧୨ ହଜାର ୯୩ଟି ଟିକେଟ ବିକ୍ରି କରିଛି ଓସିଏ । ୯ଟି କାଉଂଟର ମଧ୍ୟରେ ସାତଟି ପୁରୁଷ ଓ ୨ଟି ମହିଳାଙ୍କ ସ୍ୱତନ୍ତ୍ର ଭାବେ କାଉଂଟର ରହିଥିଲା । ସନ୍ଧ୍ୟା ୬ଟାରେ କାଉଣ୍ଟରରେ ସରିଲା ଅଫଲାଇନ ଟିକେଟ । ସୂଚନା ଅନୁଯାୟୀ, ଭାରତ-ଦକ୍ଷିଣ ଆଫ୍ରିକା ଟି-୨୦ ମ୍ୟାଚ୍ ବାରବାଟୀ ଷ୍ଟାଡ଼ିୟମରେ ଜୁନ୍ ୧୨ ତାରିଖରେ ଖେଳାଯିବ । ଏଥିପାଇଁ ଜୁନ୍ ୧ ତାରିଖ ଅନଲାଇନ ୫ହଜାର ଟିକେଟ ବିକ୍ରି ହୋଇଥିଲା । ଜୁନ୍ ୭ ଓ ୮ ତାରିଖ ମଙ୍ଗଳବାର ଓ ବୁଧବାର ଓସିଏ ଅନୁବନ୍ଧିତଙ୍କ ପାଇଁ ଓସିଏ ସମ୍ମିଳନୀକକ୍ଷରେ ଅଫଲାଇନରେ ୮ ହଜାର ଟିକେଟ ବିକ୍ରି କରାଯାଇଥିଲା । ସେହିପରି ଆଜି ସାଧାରଣ ଲୋକଙ୍କ ପାଇଁ ବାରବାଟୀ ଷ୍ଟାଡ଼ିୟମ ପରିସରରେ ୯ଟି କାଉଣ୍ଟରରେ ଟିକେଟ ବିକ୍ରି କରାଯାଇଥିଲା । ସକାଳ ୯ଟାରୁ ଟିକେଟ କାଉଣ୍ଟର ଖୋଲିଥିବାବେଳେ ସନ୍ଧ୍ୟା ୬ଟା ସୁଦ୍ଧା କାଉଣ୍ଟରରେ ୧୨ ହଜାର ୯୩ଟି ଟିକେଟ ବିକ୍ରି କରାଯାଇଥିବା ଓସିଏ ପକ୍ଷରୁ ସୂଚନା ମିଳିଛି ।

# ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନାରେ ବୀମାଭୁକ୍ତ ଚାଷୀଙ୍କୁ କ୍ଷତିପୂରଣ ଦେବାକୁ ନିର୍ଦ୍ଦେଶ

ଭୁବନେଶ୍ୱର, ୦୯/୦୬ (ନି.ପ୍ର): ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରେ ବୀମାଭୁକ୍ତ ଚାଷୀମାନେ ଯେପରି ଶୀଘ୍ର କ୍ଷତିପୂରଣ ପାଇପାରିବେ ସେଥି ନିମନ୍ତେ ବୀମା କଂପାନୀ, ବ୍ୟାଙ୍କ ଏବଂ ବିଭାଗୀୟ ଅଧିକାରୀ ତୁରନ୍ତ ପଦକ୍ଷେପ ଗ୍ରହଣ କରିବା ପାଇଁ କୃଷି ଓ କୃଷକ ସଶକ୍ତିକରଣ, ମତ୍ସ୍ୟ ଓ ପ୍ରାଣୀସଂପଦ ବିକାଶ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ନିର୍ଦ୍ଦେଶ ଦେଇଛନ୍ତି । ଆଜି କୃଷି ଭବନଠାରେ ଆୟୋଜିତ ଏକ ସ୍ୱତନ୍ତ୍ର ବୈଠକରେ ମନ୍ତ୍ରୀ ଶ୍ରୀ ସ୍ୱାଇଁ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନବକିଶୋର ଦାସଙ୍କ ଉପସ୍ଥିତିରେ ଝାରସୁଗୁଡ଼ା ଜିଲ୍ଲାର ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନାର ବୀମାଭୁକ୍ତ ଚାଷୀମାନଙ୍କର କ୍ଷତିପୂରଣ ପ୍ରଦାନ ସଂପର୍କରେ ବିଶଦ ଭାବରେ ଆଲୋଚନା କରିଥିଲେ । ଚାଷୀମାନଙ୍କୁ ବୀମା ପ୍ରଦାନ କ୍ଷେତ୍ରରେ ଉପୁଜୁଥିବା ସମସ୍ୟାର ଆଶୁ ସମାଧାନ କରି ସମସ୍ତ ଯୋଗ୍ୟ ଚାଷୀମାନଙ୍କୁ ତୁରନ୍ତ କ୍ଷତିପୂରଣ ରାଶି ପ୍ରଦାନ କରିବା ପାଇଁ ମନ୍ତ୍ରୀ ଶ୍ରୀ ସ୍ୱାଇଁ ସଂପୃକ୍ତ ବୀମା କଂପାନୀ ଓ ସଂପୃକ୍ତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ପାଣିପାଗର ଅନିଶ୍ଚିତତା ଓ ବିଭିନ୍ନ ପ୍ରାକୃତିକ ବିପର୍ଯ୍ୟୟକୁ ଦୃଷ୍ଟିରେ ରଖି ସମସ୍ତ ଚାଷୀ ଫସଲବୀମା ପଂଜୀକରଣ କରି ନିଜ ଫସଲକୁ ସୁରକ୍ଷିତ ରଖିବା ପାଇଁ ମନ୍ତ୍ରୀ କହିଥିଲେ । ଏଥି ସହିତ ଫସଲବୀମାରେ ବୈଷୟିକ ଜ୍ଞାନକୌଶଳ ବିନିଯୋଗ କରି କ୍ଷତି ଆକଳନ ପ୍ରକ୍ରିୟାକୁ ନିର୍ଭୁଲ ଓ ସୁଦୃଢ଼ କରିବା ଉପରେ ମନ୍ତ୍ରୀ ଶ୍ରୀ ସ୍ୱାଇଁ ଗୁରୁତ୍ୱାରୋପ କରିଥିଲେ । ବୈଠକରେ ସମବାୟ ବିଭାଗର ସଚିବ ସଂଜୀବ କୁମାର ଚଡ୍ଡା, କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶକ ଡ. ଏମ୍. ମୁଥୁକୁମାର, ନିବନ୍ଧକ ସମବାୟ ସମିତି ଉଦ୍ଧବ ଚରଣ ମାଝୀ, ଓଡ଼ିଶା ରାଜ୍ୟ ସମବାୟ ବ୍ୟାଙ୍କର ପରିଚାଳନା ନିର୍ଦ୍ଦେଶକ ଗୋପବନ୍ଧୁ ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ ।


GOVERNMENT OF ODISHA
OFFICE OF THE EXECUTIVE ENGINEER
RURAL WORKS DIVISION-II, BALASORE

**e-procurement Notice for Road works**

Bid Identyfication No Online tender /01/RWD-II BLS/ 2022-23

1. Name of the work :- Road work
2. Total no. of works :- 22 nos.
3. Estimated cost :- As in Annexure-I
4. Class of Contrator :- "B","C" & "D" Class of Contractors
5. Time of Completion :- As per ETCN-01 of 2022-23
6. Other Details:- :- As per DTCN

| Procurement Officer | Bid Identification No. | Availability of tender online for bidding | | Last date & time of seeking tender clarification | Date & Time of Opening of Tender in O/O E.E, R.W Divn-II, Balasore |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Executive Engineer, R.W. Division-II, Balasore | E TCN-01 of 2022-23 | .06.2022 at 5.00 P.M. | 17.06.2022 up to 5.00 PM | 16.06.2022 up to 4.00 PM | 18.06.2022 at 11.00 AM |

Further details can be seen from the web site **www.tendersorissa.gov.in**

**By e-mail**

**Executive Engineer**
**R.W.Division-II,Balasore.**

**OIPR : 25052/11/0002/2223**


# ନୂଆଦିଲ୍ଲୀଠାରେ ଆଜାଦି କା ଅମୃତ ମହୋତ୍ସବ ପାଳିତ

ଭୁବନେଶ୍ୱର, ୦୯/୦୬ (ନି.ପ୍ର): ଭାରତ ସରକାରଙ୍କ ଅର୍ଥ ମନ୍ତ୍ରଣାଳୟ ଦ୍ୱାରା ନୂଆଦିଲ୍ଲୀଠାରେ ଆୟୋଜିତ ଆଜାଦି କା ଅମୃତ ମହୋତ୍ସବ ପାଳନ ଅବସରରେ, କେନ୍ଦ୍ର ଅର୍ଥ ମନ୍ତ୍ରୀ ଶ୍ରୀମତୀ ନିର୍ମଳା ସୀତାରମଣ ସରକାରୀ ଆର୍ଥିକ ପରିଚାଳନା ବ୍ୟବସ୍ଥା (ପିଏଫ୍‌ଏମ୍‌ଏସ୍)ର ଏକକ ନୋଡ଼ାଲ ଏଜେନ୍ସି (ଏସ୍‌ଏନ୍‌ଏ)ର ଡ୍ୟାସ୍ ବୋର୍ଡର ଶୁଭାରମ୍ଭ କରିଛନ୍ତି । ଏହି ଡ୍ୟାସ୍ ବୋର୍ଡ ମାଧ୍ୟମରେ ବିଭିନ୍ନ ରାଜ୍ୟର ସରକାରୀ ଆର୍ଥିକ ଜନିତ ତଥ୍ୟ ଜନସାଧାରଣଙ୍କ ପାଇଁ ଉପଲବ୍ଧ ହେବ । ଏହି ଅବସରରେ ଓଡିଶା ସରକାରଙ୍କ ଅର୍ଥ ବିଭାଗର ଅଧିକାରୀ, ରାଜ୍ୟରେ ଏସ୍‌ଏନ୍‌ଏ ମଡେଲ ପ୍ରଚଳନ ସମ୍ବନ୍ଧରେ ଏକ ଉପସ୍ଥାପନା କରିଥିଲେ । ଏସ୍‌ଏନ୍‌ଏ ମଡେଲ୍ ପ୍ରଚଳନ କରିବାରେ ଏକ ପ୍ରାରମ୍ଭିକ ରାଜ୍ୟ ହୋଇଥିବା ହେତୁ, ଅର୍ଥ ମନ୍ତ୍ରଣାଳୟ, ଭାରତ ସରକାର, ଉପରୋକ୍ତ କାର୍ଯ୍ୟକ୍ରମରେ ସମସ୍ତ ରାଜ୍ୟ ମଧ୍ୟରେ ଓଡିଶାକୁ ଏକମାତ୍ର ଉପସ୍ଥାପକ ଭାବେ ଆମନ୍ତ୍ରଣ କରିଥିଲେ । ଏହା ବିଜ୍ଞ ଆର୍ଥିକ ପରିଚାଳନା, ବଜେଟ୍ ପ୍ରସ୍ତୁତି ତଥା ଏସ୍‌ଏନ୍‌ଏ ମଡେଲ ପ୍ରଚଳନ କରିବାରେ ଓଡିଶାର ସଫଳତାର ପରିଚାୟକ ସରକାରୀ ଆର୍ଥିକ ପରିଚାଳନା ବ୍ୟବସ୍ଥା କ୍ଷେତ୍ରରେ ବ୍ୟାପକ ସଂସ୍କାର ଆଣିଥିବା ଓଡିଶା ପାଇଁ ଜାତୀୟ ସ୍ତରରେ ଏହା ଏକ ସ୍ୱୀକୃତି ଅଟେ । ଭାରତ ସରକାର ମାର୍ଚ୍ଚ ୨୦୨୧ ରେ କେନ୍ଦ୍ରୀୟ ପ୍ରବର୍ତ୍ତିତ ଯୋଜନା ଅଧିନରେ ପାଣ୍ଠି ପ୍ରଦାନ ଓ ଏହାର ନିରୀକ୍ଷଣ ନିମିତ୍ତ ଏକ ନୂତନ ଏସ୍‌ଏନ୍‌ଏ ମଡେଲ ପ୍ରବର୍ତ୍ତନ କରିଥିଲେ । ଏହି ମଡେଲ ରାଜ୍ୟ ଏବଂ ରାଜ୍ୟ ଅଧିନସ୍ଥ ଯୋଜନା ପ୍ରଚଳନକାରୀ ସଂସ୍ଥାମାନଙ୍କୁ ସଠିକ୍ ସମୟରେ ପାଣ୍ଠି ପ୍ରଦାନ, ପାଣ୍ଠିର ସୁବିନିଯୋଗ, ପାଣ୍ଠିର ଟ୍ରାକିଂ ମାଧ୍ୟମରେ ସରକାରଙ୍କ ଉତମ ଆର୍ଥିକ ପରିଚାଳନାରେ ସହାୟକ ହେବ । ବଳିଷ୍ଠ ସମନ୍ୱିତ ଆର୍ଥିକ ପରିଚାଳନା ପଦ୍ଧତି (ଆଇଏଫ୍‌ଏମ୍‌ଏସ୍), ଉତ୍ତମ ଆର୍ଥିକ ସ୍ଥିତି ଓ ପିଏଫ୍‌ଏମ୍‌ଏସ୍ ପ୍ରଚଳନରେ ଏକ ପ୍ରାରମ୍ଭିକ ରାଜ୍ୟ ହୋଇଥିବାରୁ ଅନ୍ୟ ରାଜ୍ୟମାନଙ୍କ ତୁଳନାରେ ଏସ୍‌ଏନ୍‌ଏ ମଡେଲ ପ୍ରଚଳନରେ ଓଡିଶା ଅଗ୍ରଣୀ ହୋଇପାରିଛି । ଏତଦ୍‌ବ୍ୟତୀତ କେନ୍ଦ୍ର ଓ ରାଜ୍ୟର ପିଏଫ୍‌ଏମ୍‌ଏସ୍ ଟିମ୍ ର ସକ୍ରିୟ ସହଯୋଗ ତଥା ରାଜ୍ୟର ନିରବଚ୍ଛିନ୍ନ ନିରୀକ୍ଷଣ, ସ୍ୱଚ୍ଛ କାର୍ଯ୍ୟଶୈଳୀ ଏବଂ ପ୍ରଚଳନଜନିତ ସମସ୍ୟାଗୁଡିକର ସମୟୋଚିତ ସମାଧାନ, ସିଏସ୍‌ଏସ୍‌ର ସମସ୍ତ 'ରାଜ୍ୟସଂଯୁକ୍ତ ଯୋଜନା'କୁ ନିର୍ଦ୍ଧାରିତ ସମୟମଧ୍ୟରେ ପିଏଫ୍‌ଏମ୍‌ଏସ୍ ପ୍ଲାଟ୍‌ଫର୍ମ ସହିତ ସଂଯୁକ୍ତ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା ।

# ଆନ୍ତର୍ଜାତିକ ଅଭିଲେଖାଗାର ଦିବସ ପାଳିତ

ଭୁବନେଶ୍ୱର, ୦୯/୦୬ (ନି.ପ୍ର): ଅଭିଲେଖାଗାରଗୁଡ଼ିକ ହେଉଛନ୍ତି ଚଳନ୍ତି ଇତିହାସର ଗନ୍ତାଘର । ପରବର୍ତ୍ତୀ ସମୟ ଓ ପିଢ଼ି ପାଇଁ ଅଭିଲେଖାଗାରର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଆଜି ପୂର୍ବାହ୍ନରେ ରାଜ୍ୟ ଅଭିଲେଖାଗାରରେ ଆୟୋଜିତ 'ଆନ୍ତର୍ଜାତିକ ଅଭିଲେଖାଗାର ଦିବସ' ପାଳନ କାର୍ଯ୍ୟକ୍ରମରେ ଅତିଥିମାନେ ଉପରୋକ୍ତ ମର୍ମରେ ଅଭିଲେଖାଗାରର ତାତ୍ପର୍ଯ୍ୟ ନେଇ ଆଲୋକପାତ କରିଛନ୍ତି। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ପ୍ରମୁଖ ଶାସନ ସଚିବ ମଧୁସୂଦନ ପାଢ଼ୀ ସମ୍ମାନିତ ଅତିଥି ଭାବରେ ଯୋଗଦେଇ କହିଲେ ଯେ ଚଳିତ ବର୍ଷ ବିଶ୍ୱ ଅଭିଲେଖାଗାର କଂଗ୍ରେସର ପ୍ରସ୍ତାବ କ୍ରମେ 'ଆମେ ଅଭିଲେଖାଗାର'କୁ ପ୍ରସଙ୍ଗ କରାଯାଇଛି। ବ୍ୟକ୍ତିଗତ ସ୍ତରରେ ଅଭିଲେଖ ସାମଗ୍ରୀର ସଂଗ୍ରହଣ ଗୁରୁତ୍ୱପୂର୍ଣ୍ଣ ବୋଲି ଦର୍ଶାଇ ଶ୍ରୀ ପାଢ଼ୀ ସମସ୍ତଙ୍କ ଅବଦାନ କ୍ରମେ ଅଭିଲେଖାଗାର ସଶକ୍ତ ହୋଇପାରିବ ବୋଲି ଉଲ୍ଲେଖ କରିଥିଲେ । ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଅତିରିକ୍ତ ଶାସନ ସଚିବ ତଥା ନିର୍ଦ୍ଦେଶକ ରଂଜନ କୁମାର ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ନୂଆଦିଲ୍ଲୀସ୍ଥିତ ଜାତୀୟ ଅଭିଲେଖାଗାରର ପ୍ରାକ୍ତନ ଉପନିର୍ଦ୍ଦେଶକ ତଥା ସ୍ୱନାମଧନ୍ୟ ଅଭିଲେଖବିତ୍ ଡ. ଲଲାଟେନ୍ଦୁ ଦାସ ମହାପାତ୍ର ସମ୍ମାନିତ ବକ୍ତା ଭାବରେ ଯୋଗଦେଇ ଅଭିଲେଖାଗାରର ବିବର୍ତ୍ତନ ଇତିହାସ, ସାଂପ୍ରତିକ ପରିପ୍ରେକ୍ଷୀରେ ସେଗୁଡ଼ିକର ଭୂମିକା, ବ୍ୟକ୍ତିଜୀବନରେ ଅଭିଲେଖ ସଂରକ୍ଷଣର ମହତ୍ୱ ଓ ରାଜ୍ୟ ଅଭିଲେଖାଗାରର ସଶକ୍ତିକରଣ ଉପରେ ବକ୍ତବ୍ୟ ରଖିବା ସହ ବିଭିନ୍ନ ନଥିପତ୍ର ଏବଂ ଦଲିଲ ଦସ୍ତାବିଜ୍ ତଥା ଦୁଷ୍ପ୍ରାପ୍ୟ ପୋଥି ଇତ୍ୟାଦିର ଡିଜିଟାଇଜେସନ୍ ଉପରେ ଗୁରୁତ୍ୱ ଦେଇଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ ରାଜ୍ୟ ଅଭିଲେଖାଗାରର ଅଧୀକ୍ଷକ ଡ. ଶେଖ୍ ସୋଲେମାନ୍ ଅଲ୍ଲୀ ଦିବସ ପାଳନର ଆଭିମୁଖ୍ୟ ଉପରେ ସୂଚନା ଦେବା ସହିତ ସ୍ୱାଗତ ଭାଷଣ ଦେଇଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ପଦ୍ମଶ୍ରୀ ଦେବୀପ୍ରସନ୍ନ ପଟ୍ଟନାୟକ, ପୂର୍ବତନ ମନ୍ତ୍ରୀ ପଞ୍ଚାନନ କାନୁନ୍‌ଗୋ, ଐତିହାସିକ ଡ. ଅଶୋକ ପଟ୍ଟନାୟକ ପ୍ରମୁଖ ଅଂଶଗ୍ରହଣ କରିଥିଲେ ।

# ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ପ୍ରତିବାଦରେ ବାଲେଶ୍ୱର ବନ୍ଦ ୧୬ରେ



ବାଲେଶ୍ୱର,୦୯/୦୬ (ନି.ପ୍ର): ଜିଲାରେ ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳାର ପ୍ରତିବାଦରେ ଚଳିତ ମାସ ୧୬ ତାରିଖରେ ସକାଳ ୬ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ବାରଘଣ୍ଟିଆ ବନ୍ଦ ପାଳନ ପାଇଁ ବିଭିନ୍ନ ସଙ୍ଗଠନ ପକ୍ଷରୁ ଗୁରୁବାର ଅନୁଷ୍ଠିତ ମିଳିତ ବୈଠକରେ ନିଷ୍ପତ୍ତି ନିଆଯାଇଛି। ସ୍ଥାନୀୟ ଫାଣ୍ଟାସି ହୋଟେଲରେ ଆୟୋଜିତ ବୈଠକରେ ବିଭିନ୍ନ ରାଜନୈତିକ ଦଳ, ନିର୍ବାଚିତ ଜନପ୍ରତିନିଧି, ସାମାଜିକ ଏବଂ ସାଂସ୍କୃତିକ ସଂଗଠନ ଓ ଯୁବ ଛାତ୍ର, ମହିଳା ସଂଗଠନ ପ୍ରତିନିଧିମାନେ ଯୋଗଦେଇ ଏହି ଚରମ ନିଷ୍ପତ୍ତି ନେଇଛନ୍ତି। ବାଲେଶ୍ୱର ଭଳି ଶାନ୍ତିପ୍ରିୟ ଜିଲାରେ ହତ୍ୟା, ଛିନ୍ତାଇ, ଚୋରୀ, ରାହାଜାନୀ ଓ ନିଶା କାରବାର ବୃଦ୍ଧି ପାଇବା ଫଳରେ ଜିଲାବାସୀଙ୍କ ଧନ, ଜୀବନ ଓ ସମ୍ମାନ ରକ୍ଷା କରିବାରେ ପୁଲିସର ବିଫଳତାକୁ ଏହି ବୈଠକରେ ଦାୟୀ କରାଯାଇଛି। ତେବେ ୧୬ ତାରିଖର 'ବାଲେଶ୍ୱର ବନ୍ଦ'ଆନ୍ଦୋଳନକୁ ଜିଲାବ୍ୟାପୀ ସଫଳ କରିବା ପାଇଁ ବକ୍ତାମାନେ ଜନସାଧାରଣଙ୍କୁ ନିବେଦନ କରିଛନ୍ତି। ଏହି ମିଳିତ ବୈଠକରେ ଓକିଲ ସଂଘର ସଭାପତି ମନୋଜ ନାୟକ, ସିଭିଲ୍ ସୋସାଇଟିର ସଭାପତି ଅନ୍ତର୍ଯ୍ୟାମୀ ପ୍ରଧାନ ଓ ବରିଷ୍ଠ ନାଗରିକ ମଞ୍ଚର ଜିଲା ସଂପାଦକ ଲକ୍ଷ୍ମୀଧର ବେହେରା ସଭାପତି ମଣ୍ଡଳୀ ଅଧକ୍ଷତା କରିଥିଲେ। ସାମାଜିକ କର୍ମୀ ତଥା ଶ୍ରମିକ ନେତା ଗୌରାଙ୍ଗ ପାଣିଗ୍ରାହୀ ପ୍ରାରମ୍ଭିକ ସୂଚନା ଦେଇଥିଲେ। ଏଥିରେ ବରିଷ୍ଠ ନାଗରିକ ମଞ୍ଚ, ସିଭିଲ୍ ସୋସାଇଟି, ବାଲେଶ୍ୱର ଓକିଲ ସଂଘ, ଭାରତୀୟ ଜାତୀୟ କଂଗ୍ରେସ, ସିପିଆଇ, ସିପିଆଇ(ଏମ୍), ଅଲ୍ ଇଣ୍ଡିଆ ଫରୱାର୍ଡ ବ୍ଲକ୍, ଏସ୍.ୟୁ.ସି.ଆଇ (କମ୍ୟୁନିଷ୍ଟ), ବାଲେଶ୍ୱର ଚ୍ୟାମ୍ବର ଅଫ୍ କମର୍ସ, ବାଲେଶ୍ୱର ବ୍ୟବସାୟୀ ସଂଘ, ବାଲେଶ୍ୱର ମୋଟର ପରିବହନ କର୍ମଚାରୀ ସଂଘ, ଫକୀରମୋହନ କଲେଜ୍ ଆଲୁମିନି ଏସୋସିଏସନ୍, ସାଧାରଣ ବୀମାକର୍ମଚାରୀ ସଂଘ, ପେଟ୍ରୋଲ୍ ପମ୍ପ ମାଲିକ ସଂଘ, ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ, ବାଲେଶ୍ୱର ପଥବିକ୍ରେତା ସଂଘ, ବାଲେଶ୍ୱର ଟ୍ରେଡ୍ ୟୁନିୟନ୍ ଆସୋସିଏସନ୍ ସମନ୍ୱୟ ସମିତି, ଏଆଇଟିୟୁସି, ସିଆଇଟିୟୁ, ଆଇଏନ୍‌ଟିୟୁସି, ଟିୟୁସିସି, ୟୁଟିୟୁସି ଲେନିନ୍ ସରଣୀ, ଓଡ଼ିଶା ସେଲ୍‌ସ୍ ରିପ୍ରେଜେଣ୍ଟେଟିଭ୍ ୟୁନିୟନ୍, ଭାରତର ଗଣତାନ୍ତ୍ରିକ ଯୁବ ଫେଡେରେସନ୍, ଅଖିଳ ଭାରତ ଯୁବସଂଘ, ଚାଷୀ ଏକତା ମଞ୍ଚ, ଗଣତାନ୍ତ୍ରିକ ମହିଳା ସମିତି, ଉତ୍କଳ ମହିଳା ସମିତି, ବାଲେଶ୍ୱର ସରକାରୀ ମେଡିକାଲ୍ କଲେଜ୍ କ୍ରିୟାନୁଷ୍ଠାନ କମିଟି, ଜିଲା ସ୍କୁଲ୍ ଆଲୁମିନି ଏସୋସିଏସନ୍, ବିଭିନ୍ନ ସାମ୍ବାଦିକ ସଂଘ ସମେତ ରାଜନୈତିକ ଓ ସାଂସ୍କୃତିକ ଗଣସଂଗଠନମାନେ ଅଂଶଗ୍ରହଣ କରିଥିଲେ। ଏହି ଆଲୋଚନା ଚକ୍ରରେ ପୂର୍ବତନ ବିଧାୟକ ପ୍ରଦୀପ୍ତ ପଣ୍ଡା, ଅୟନ୍ ସେନ୍, ବିଷ୍ଣୁପ୍ରସାଦ ମହାନ୍ତି, ବିକ୍ରମ ପଣ୍ଡା, ବିପ୍ଳବ ମହାନ୍ତି, ଅର୍ଚ୍ଚନା ନନ୍ଦୀ, ଶିଶିର କୁମାର ହୁଇ, ନିରଞ୍ଜନ ବାରିକ୍, ସର୍ବେଶ୍ୱର ମିଶ୍ର, ଜୟନ୍ତ ଦାସ, ଅରୁଣ ଜେନା, ଶ୍ରଦ୍ଧାଞ୍ଜଳି ରାୟ, ବିଭୂତି ଭୂଷଣ ପ୍ରଧାନ, ସୁଶାନ୍ତ କୁମାର ରଣା, ରାଜକିଶୋର ଲେଙ୍କା, ଯଶୋଦାନନ୍ଦନ ଆସ୍, ବିକାଶ କୁମାର ଦାସ, ଅରୁଣ ଜେନା, ସତ୍ୟେନ୍ଦ୍ର କୁମାର ଦାସ, ଜିତେନ୍ଦ୍ର ମହାନ୍ତି, ସାମ୍ବାଦିକ ଲୋକନାଥ ଦଳେଇ, ଦେବବ୍ରତ ପାଣିଗ୍ରାହୀ, ବିଶ୍ୱଜିତ୍ ମହାପାତ୍ର, ଶରତ ମହାପାତ୍ର, ଅବଦୁଲ୍ ରଫିକ୍, ଅଜଗର ଅଲ୍ଲୀ, ଭାସ୍କର ଜଟାନିଆ, ସୁଧାକର ସେଠୀ, ନିରଞ୍ଜନ ପରିଡ଼ା, ବେଣୁଧର ସାହୁ, ମିର୍ଜା ମନାନ୍ ବେଗ୍, ରାଜେଶ ଗିରି, ତପନ ସିଟ୍, ବିଧାନ ଚନ୍ଦ୍ର ରାୟ, ଅନୁଜ ମହାପାତ୍ର, ଡ. ଗୋବିନ୍ଦ ବିଶ୍ୱାଳ, ରଶ୍ମିରଞ୍ଜନ ଦାସ, ପ୍ରଦୀପ କର, ସମୀର ଦେ, ଚିତ୍ତରଞ୍ଜନ ଦାସ, ସତ୍ୟେନ୍ଦ୍ର ନାଥ ଦାସ, ରତିକାନ୍ତ ପାତ୍ର, ପ୍ରେମରଞ୍ଜନ ପାତ୍ର, ଶ୍ୟାମସୁନ୍ଦର ଜେନା, ସୁଧାଂଶୁ ଦାସ, ସେଖ୍ ଇସ୍‌ଲାମ୍, ଆବିଦ୍ ଖାଁ, ମନୋଜ ରାଠୋର ପ୍ରମୁଖ ଯୋଗ ଦେଇଥିଲେ।

# ରାଇବଣିଆରେ ବିର୍ଶାମୁଣ୍ଡା ଶ୍ରାଦ୍ଧଦିବସ ପାଳିତ



ଜଳେଶ୍ୱର, ୦୯/୬(ନି.ପ୍ର): ଜଳେଶ୍ୱର ବ୍ଲକର ଖୁଦିଆମାଝିସାହି ପଂଚାୟତ ଅଧିନ ଆଡିଆସାହି ଗ୍ରାମଛକ ନିକଟରେ ବୀର ସହିଦ୍ ବିର୍ଷାମୁଣ୍ଡାଙ୍କ ଶ୍ରଦ୍ଧବାର୍ଷିକ ପାଳିତ ହୋଇ ଯାଇଛି । ଆୟୋଜିତ ସ୍ମୃତିଚାରଣ ସଭାରେ ଯୁବନେତା ବିପ୍ଳବ କୁମାର ପ୍ରଧାନ ସଭାପତିତ୍ୱ କରି ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ । ଏଥିରେ ଜଳେଶ୍ୱର ୮ନଂ ଜୋନ୍‌ର ଜିଲାପରିଷଦ ସଦସ୍ୟ ଗୌରାଙ୍ଗ ସିଂ ମୁଖ୍ୟ ଅତିଥିଭାବେ ଯୋଗ ଦେଇ ବିର୍ଶାମୁଣ୍ଡାଙ୍କ ଏତିହ୍ୟ, ଜୀବନଶୈଳୀ, ସଂଗ୍ରାମ ସଂପର୍କରେ କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସଂଗ୍ରାମ ଜେନା, ତରୁଣ ସାହୁ, ସନ୍ତୋଷ ସାହୁ, ସଂଜୟ ଘୋଷ, ଗଣେଶ ସିଂ, ଲକ୍ଷ୍ମି ସିଂ, ଜହର ସିଂ, ନିରଞ୍ଜନ ସିଂ. ସନାତନ ସିଂ, ଉତ୍ତମ ସିଂ ପ୍ରମୁଖ ବିର୍ଷାମୁଣ୍ଡାଙ୍କ ବଳିଦାନ ବିଷୟରେ ବର୍ଣ୍ଣନା କରିଥିଲେ। ଏହି ଛକକୁ ବିର୍ଷାମୁଣ୍ଡା ନାମରେ ନାମିତ କରିବା ଲାଗି ଦାବି ହୋଇଛି ।

# ପ୍ରମିଳାଙ୍କୁ ବିଧାୟିକା ପ୍ରାର୍ଥୀ କରି ଟକ୍କର ଦେବ ଭାଜପା



ଉଦଳା, ୦୯/୦୬ (ନି.ପ୍ର): ଗତ ବିଧାନସଭା ଓ ଲୋକସଭା ନିର୍ବାଚନରେ ସମଗ୍ର ଓଡ଼ିଶାରେ ମୟୂରଭଞ୍ଜ ଜିଲ୍ଲା ଭାରତୀୟ ଜନତା ପାର୍ଟିର ଗଡ଼ ଭାବରେ ପରିଗଣିତ ହୋଇଥିଲା । ସେଥିପାଇଁ ମୟୂରଭଞ୍ଜଙ୍କୁ ଗୌରିକ ରଙ୍ଗର ଜିଲ୍ଲା ବୋଲି କୁହାଯାଉଥିଲା । ଓଡ଼ିଶାର ସବୁଯାକ ଜିଲ୍ଲା ଶବୁଜ ରଙ୍ଗର ଜିଲ୍ଲା ଭାବରେ ପରିଗଣିତ ହେଉଥିବା ବେଳେ କେବଳ ମୟୂରଭଞ୍ଜର ଗୌରିକ ରଙ୍ଗ ଅଲଗା ବାରିହୋଇ ପଡୁଥିଲା । ତେବେ ମୟୂରଭଞ୍ଜକୁ ଶବୁଜ ରଙ୍ଗରେ ପରିଣତ କରିବା ପାଇଁ ଗତ ପଞ୍ଚାୟତ ଓ ପୌର ନିର୍ବାଚନରେ ବିଜୁ ଜନତା ଦଳ ତରଫରୁ ଆରମ୍ଭ ହୋଇଥିଲା, ମହିଳା କାର୍ଡ଼ ଖେଳ ରାଜନିତି । ଏହାର ପ୍ରଭାବ ବେଶ ଭଲ ପଡ଼ିବ ସହିତ ସବୁଠି ଶବୁଜ ପତାକା ଫର ଫର ହୋଇ ଉଡ଼ିଲା । ଆସନ୍ତା ବିଧାନସଭା ଓ ଲୋକ ସଭା ନିର୍ବାଚନରେ ମଧ ବିଜୁ ଜନତା ଦଳ ମହିଳା କାର୍ଡ଼ ଖେଳକୁ ଅସ୍ତ୍ର ରୂପେ ବ୍ୟବହାର କରିବ ବୋଲି ଶୁଣିବାକୁ ମିଳୁଛି । ଏତିକି ବେଳେ ଭାରତୀୟ ଜନତା ପାର୍ଟି ମହିଳା ମାନଙ୍କୁ ପ୍ରାର୍ଥି କରାଇ ଟକ୍କର ନଦେଲେ ପଛରେ ପଡ଼ିଯିବ ବୋଲି ରାଜନୀତି ସମୀକ୍ଷକ ମାନେ ମତ ଦେଉଥିବାର ଶୁଣିବାକୁ ମିଳୁଛି । ଏତିକି ବେଳେ ଉଦଳା ବିଜ୍ଞାପିତ ଅଞ୍ଚଳ ପରିଷଦର ନଗରପାଳ ପ୍ରମିଳା ପଣ୍ଡାଙ୍କ ନାମଟି ସ୍ୱତଃହ ଚର୍ଚ୍ଚାକୁ ଆସୁଛି । ସବୁ ପ୍ରକାର ପ୍ରତିକୂଳ ପରିବେଶ ମଧରେ ଲୋକଙ୍କଠାରୁ ଭୋଟ ନେଇ ସେ ଯେଉଁ ଭଳି ଭାବରେ ଉଦଳା ବିଜ୍ଞାପିତ ଅଞ୍ଚଳ ପରିଷଦର ନଗରପାଳ ପଦରେ ନିର୍ବାଚିତ ହେଲେ, ସେଥିପାଇଁ ତାଙ୍କର ରାଜନୈତିକ ଦକ୍ଷତା ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରିବାକୁ କେହି ସାହସ ବାନ୍ଧିପାରୁ ନାହାଁନ୍ତି। ତାହାଛଡ଼ା ସେ ନିଜେ ମରୋଡ଼ା ନିର୍ବାଚନ ମଣ୍ଡଳୀର ବାସିନ୍ଦା ହୋଇଥିବାରୁ ଉକ୍ତ ଆସନରେ ବିଧାୟିକା ପ୍ରାର୍ଥି ଭାବରେ ଛିଡ଼ା ହେବାର ସମ୍ଭାବନା ରହିଛି ବୋଲି ଅନେକ ମତ ଦେଉଥିବାର ଶୁଣିବାକୁ ମିଳୁଛି । ବିଜୁ ଜନତା ଦଳର ମହିଳା କାର୍ଡ଼ ଖେଳକୁ ଟକ୍କର ଦେବା ପାଇଁ ଭାରତୀୟ ଜନତା ପାର୍ଟିର ପ୍ରମିଳା ପଣ୍ଡା ଏକ ମାତ୍ର ଯୋଗ୍ୟ ପ୍ରାର୍ଥିନୀ ବୋଲି ସାଧାରଣରେ ଚର୍ଚ୍ଚା ଯୋର ଧରିଛି । ବିଶେଷ କରି ସାରସ୍ୱତ ସାଧନା ଓ ସାମ୍ବାଦିକତା କ୍ଷେତ୍ରରେ ତାଙ୍କର ବେଶ ଭଲ ସୁନାମ ଥିବାରୁ ଏହି ଦୁଇ ସଂଗଠନର ସମର୍ଥନ ତାଙ୍କ ପଛରେ ଥିବାର ଜଣା ଯାଇଛି। ଏ ବାବଦରେ ଗୌରିକ ଦଳର ମଙ୍ଗୁଆଳଙ୍କର ନିଷ୍ପତ୍ତି କ'ଣ ତାହା ଦେଖିବାକୁ ବାକି ରହିଛି ।

# ନ୍ୟାୟ ନ ପାଇ ଏସପିଙ୍କ ଦ୍ୱାରସ୍ଥ ହେଲେ ସ୍ୱାମୀ ସ୍ତ୍ରୀ




ଭଦ୍ରକ, ୦୯/୦୬ (ନି.ପ୍ର): ଜମିବାଡ଼ି ବିବାଦକୁ ନେଇ ଭଦ୍ରକ ଏସପି ଙ୍କ ଦ୍ୱାରସ୍ଥ । ସୂଚନା ଅନୁଯାୟୀ ଭଦ୍ରକ ଜିଲ୍ଲା ବନ୍ତ ବ୍ଲକ୍ ଅନ୍ତର୍ଗତ ଗୋବିନ୍ଦପୁର ଗ୍ରାମ ପଞ୍ଚାୟତ ଅଣ୍ଡେଇ ଗ୍ରାମର ନିତ୍ୟାନନ୍ଦ ଧଳ ଙ୍କ ପରିବାର ର ନିଜ ଭାଇ, ଭାଇ ମଧରେ ଜମିବାଡି କୁ କେନ୍ଦ୍ର କରି ୧ ବର୍ଷ ପୁର୍ବରୁ ମାରିପିଟ ହୋଇଥିଲା। ଏହା ନେଇ କେନ୍ଦୁଆପଦା ଫାଣ୍ଡିରେ ଉଭୟଙ୍କ ମଧରେ ଆପସ ଲିଖିତ ମାଧ୍ୟମରେ ବୁଝାମଣା ହେଇଥିଲା। କିନ୍ତୁ ସେଇ ଜମି ବାଡ଼ି କୁ କେନ୍ଦ୍ର କରି ନିତ୍ୟାନନ୍ଦ କୁ ଦେଇଥିବା ଜାଗା ରେ ନିତ୍ୟାନନ୍ଦ ବାଡ ବୁଜିବାରୁ ଅନ୍ୟ ଜଣ ଭାଇ ନିତ୍ୟାନନ୍ଦ ଧଳ ଙ୍କ ର ବାଡ କୁ ଉପଡ଼ିବା ସହ , ଅସିଳ ଭାଷାରେ ଗାଳି ଗୁଲଜ କରି ଜୀବନରୁ ମାରିଦେବାକୁ ଧମକ ଦେଉଥିବା ନେଇ ଅଭିଯୋଗ କରିଛନ୍ତି ନିତ୍ୟାନନ୍ଦ ଧଳ। ତେବେ ଏହା ନେଇ କେନ୍ଦୁଆପଦା ପୋଲିସ ନ ଶୁଣିବାରୁ ନିଜ ଜୀବନ ପ୍ରତି ବିପଦ ଥିବା ଦର୍ଶାଇ ବାଧ ହୋଇ ଆଜି ଏସପି ଙ୍କ ଦ୍ୱାରସ୍ତ ହୋଇଛନ୍ତି ସ୍ୱାମୀ ସ୍ତ୍ରୀ ।

# ଗୋଟିଏ ଦିନରେ ୩୧ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର, ୦୯/୦୬ (ନି.ପ୍ର): ରାଜ୍ୟରେ ଗୋଟିଏ ଦିନରେ ୩୧ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୨୮୮୫୭୬ କୁ ବୃଦ୍ଧି ପାଇଛି । ସେହିପରି ୧୮ ବର୍ଷରୁ ୨ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୨୭୯୨୭୦ ହୋଇଛି । ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ସକ୍ରିୟ ରୋଗୀଙ୍କ ସଂଖ୍ୟା ୧୨୭ ରହିଛି । ଆଜି ଚିହ୍ନଟ ହୋଇଥିବା ସଂକ୍ରମିତଙ୍କ ମଧ୍ୟରୁ ୧୮ ଜଣ ସଂଗରୋଧରୁ ଓ ୧୨ ଜଣ ସ୍ଥାନୀୟ ସମ୍ପର୍କରୁ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୪ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ କଟକ ଜିଲ୍ଲାରୁ ୧୬, ଝାରସୁଗୁଡା ଜିଲ୍ଲାରୁ ୧. ଖୋର୍ଦ୍ଧା ଜିଲ୍ଲାରୁ ୧୦ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ପୁରୀ ଜିଲ୍ଲାରୁ ୧ ତଥା ଷ୍ଟେଟ ପୁଲରୁ ୩ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଅବଶିଷ୍ଟ ୨୬ ଟି ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି ।

# ଶହୀଦ ବିର୍ସା ମୁଣ୍ଡାଙ୍କ ତ୍ୟାଗ ଓ ସଂଘର୍ଷ ଚିରସ୍ମରଣୀୟ

ଭୁବନେଶ୍ୱର, ୦୯/୦୬ (ନି.ପ୍ର): ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ, ଆଦିବାସୀ ସଶକ୍ତକରଣର ମୁଖ୍ୟ ପରୋଧା ଓ ବିଦ୍ରୋହର ମହାନାୟକ ଶହୀଦ ବିର୍ସା ମୁଣ୍ଡାଙ୍କ ୧୨୨ ତମ ଶ୍ରାଦ୍ଧୋତ୍ସବ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଆଦିମ ଆଦିବାସୀ ମହାସଂଘ, ବିର୍ସା ମୁଣ୍ଡା ସ୍ମାରକୀ ସାଂସ୍କୃତିକ ସଂସଦ ଓ ବିଭିନ୍ନ ଆଦିବାସୀ ସଂଗଠନମାନଙ୍କର ମିଳିତ ସହଯୋଗରେ ଆଜି ପ୍ରତ୍ୟୁଷରେ ଭୁବନେଶ୍ୱର ମୈତ୍ରୀବିହାର ନିକଟସ୍ଥ ତାଙ୍କ ପ୍ରତିମୂର୍ତ୍ତି ସ୍ଥଳୀରେ ଭକ୍ତିମୟ ପରିବେଶରେ ଅନୁଷ୍ଠିତ ହୋଇଯାଇଛି । ସଂସ୍କୃତି ବିଭାଗ ଅନୁଶାସନ ସଚିବ ଲକ୍ଷ୍ମୀଧର ବେହେରାଙ୍କ ସଂଯୋଜନାରେ ଅନୁଷ୍ଠିତ ପୂଜ୍ୟପୂଜା କାର୍ଯ୍ୟକ୍ରମରେ ଆଠମଲ୍ଲିକ ବିଧାୟକ ରମେଶ ଚନ୍ଦ୍ର ସାଏଙ୍କ ସମେତ ବିଜେଡି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟର ରାଜ୍ୟ ସଂଯୋଜକ ପ୍ରବୀର ମହାନ୍ତି, କର୍ପୋରେଟର ଭାରତୀ ସିଂହ, ଅଚ୍ୟୁତାନନ୍ଦ ସ୍ୱାଇଁ, ପୂଜା ବେହେରା, ପ୍ରେମାନନ୍ଦ ଜେନା, ପୂର୍ବତନ କର୍ପୋରେଟର ନରେନ୍ ସାହୁ, ଉମାନାଥ ମିଶ୍ର, ରମାନାଥ ସାମନ୍ତରାୟ, ଗୁରୁଚରଣ ସାହୁ, ରାମଚନ୍ଦ୍ର ପ୍ରଧାନ, କିଶୋର ମହାନ୍ତି ପ୍ରମୁଖ ଭାବରେ ଯୋଗଦେଇ ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପୂର୍ବକ ଦୀପଦାନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ଲକ୍ଷ୍ମୀପୁର ବସ୍ତୀର ଆଦିବାସୀ ମାଆ ଭଉଣୀ ଓ ଜନସାଧାରଣ ବହୁ ସଂଖ୍ୟାରେ ଉପସ୍ଥିତ ହୋଇ ଆଦିବାସୀ ପରମ୍ପରା ଅନୁଯାୟୀ ପୂଜାର୍ଚ୍ଚନା କରିବା ସହ ଭକ୍ତିପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ବକ୍ତାମାନେ ନିଜ ବକ୍ତବ୍ୟରେ ରାଜ୍ୟର ଆଦିବାସୀମାନଙ୍କୁ ସଂଗଠିତ କରି ସେମାନଙ୍କ ଅଧିକାର ସାବ୍ୟସ୍ତ କରିବା ସହ ବ୍ରିଟିଶ୍ ସରକାରଙ୍କ ବିରୁଦ୍ଧରେ ଏକ ଦୁର୍ବାର ଆନ୍ଦୋଳନ କରି ବିର୍ସା ମୁଣ୍ଡା ସ୍ୱଳ୍ପ ବୟସରେ କାରାବରଣ କରିଥିଲେ । ମାତ୍ର ୨୫ ବର୍ଷ ବୟସରେ କାରାଗାରରେ ତାଙ୍କର ସନ୍ଦେହଜନକ ମୃତ୍ୟୁ ହୋଇଥିଲା, ଯାହାକି ଏବେ ରହସ୍ୟବୃତ ହୋଇ ରହିଅଛି । ତାଙ୍କ ତ୍ୟାଗ ଓ ସଂଘର୍ଷ ଚିରଦିନ ପାଇଁ ଯୁବ ସମାଜକୁ ଦେଶ ପ୍ରେମରେ ଉଦ୍‌ବୁଦ୍ଧ କରିବ ବୋଲି ମତବ୍ୟକ୍ତ କରିଥିଲେ ।

# ବଇଁଚାରେ ବିଜେପିର ଓବିସି ସମ୍ମିଳନୀ



ବାଲେଶ୍ୱର,୦୯/୦୬ (ନି.ପ୍ର): ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଜୀଙ୍କ ନେତୃତ୍ୱାଧୀନ ସରକାରର ସେବା, ସୁଶାସନ, ଗରିବ କଲ୍ୟାଣର ୮ ବର୍ଷ ପୂରଣ ହେବା ଅବସରରେ ଆଜି ବାଲେଶ୍ୱର ସଦର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବଇଁଚା ପଞ୍ଚାୟତ ଠାରେ ରାଜ୍ୟ ଯୁବମୋର୍ଚ୍ଚା ଉପ ସଭାପତି ତଥା ସଦର ନେତା ମାନସ କୁମାର ଦତ୍ତଙ୍କ ନେତୃତ୍ୱରେ 'ଓବିସି ସମ୍ମିଳନୀ' ଅନୁଷ୍ଠିତ ହୋଇଯାଇଅଛି । ମୋଦିଜୀ ପ୍ରଧାନମନ୍ତ୍ରୀ ଦାୟିତ୍ୱ ନେବା ପରେ କହିଥିଲେ 'ଆମ୍ଭର ସରକାର ପଛୁଆ, ଦଳିତ, ଆଦିବାସୀ, ବଂଚିତ, କୃଷକ, ମହିଳାଙ୍କ ପାଇଁ ସମର୍ପିତ ରହିବ। ମାନ୍ୟବର ପ୍ରଧାନମନ୍ତ୍ରୀ ପଛୁଆ ବର୍ଗ ମାନଙ୍କୁ ତାଙ୍କର ସାମ୍ବିଧାନିକ ଅଧିକାର ସୁନିଶ୍ଚିତ କରିବା ଉଦ୍ଦେଶ୍ୟରେ ସ୍ୱତନ୍ତ୍ର ଓବିସି କମିଶନ ଗଠନ କରି ସେମାନଙ୍କର ଅଧିକାର ଓ କାର୍ଯ୍ୟକୁ ସ୍ୱୀକୃତି ଦେଉଛନ୍ତି। ଓବିସି ବର୍ଗର ଯୁବକ ଯୁବତୀ ମାନଙ୍କର ଅର୍ଥନୈତିକ ବିକାଶ ପାଇଁ ରାଷ୍ଟ୍ରୀୟ ସ୍ତରରେ ଓବିସି ଫାଇନାନ୍ସ ଆଣ୍ଡ ଡେଭଲୋପମେଣ୍ଟ କର୍ପୋରେସନ ଗଠନ କରିଛନ୍ତି। ଓବିସି ସ୍ୱୟଂ ସହାୟକ ଗୋଷ୍ଠୀ ଗୁଡିକର ସଶକ୍ତିକରଣ ପାଇଁ ସ୍ୱତନ୍ତ୍ର ଋଣ ଓ ସବସିଡ଼ି ବ୍ୟବସ୍ଥା ମଧ କରିଛନ୍ତି। ମୋଦି ସରକାର ଓବିସି ଛାତ୍ରଛାତ୍ରୀଙ୍କ ପାଇଁ ଉଚ୍ଚଶିକ୍ଷା କ୍ଷେତ୍ରରେ ୨୭% ସ୍ଥାନ ସଂରକ୍ଷଣ ବ୍ୟବସ୍ଥା କରିଛନ୍ତି। ସାମାଜିକ ନ୍ୟାୟ ଓ ଅଧିକାରୀତା ଜରିଆରେ ବଂଚିତ ବର୍ଗଙ୍କୁ ବିଶ୍ୱାସ ଯୋଜନାରେ ଆର୍ଥିକ ସହାୟତା, ନବ ସ୍ୱର୍ଣ୍ଣିମ ଓ ମହିଳା ସମୃଦ୍ଧି ଯୋଜନାରେ ଓବିସି ମହିଳାଙ୍କୁ ସ୍ୱତନ୍ତ୍ର ଋଣ ଦିଆଯାଉଛି। ସେହିପରି କୌଶଳ ବିକାଶ ଯୋଜନାରେ ୨୦୧୮-୨୦୨୧ ଭିତରେ ଓବିସି ବର୍ଗର ୭୩,୦୦୦ ଲାଭାର୍ଥୀ ଉପକୃତ ହୋଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ଓବିସି ମୋର୍ଚ୍ଚାର ସଂଯୋଜକ ତଥା ବାଲେଶ୍ୱର ଜିଲ୍ଲା ପ୍ରଭାରୀ ଉମାକାନ୍ତ ଦାସ, ରାଜ୍ୟ ସମ୍ପାଦିକା ଶିପ୍ରା ବାଜପେୟୀ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପର୍ଶୁରାମ ବେହେରା, ଜିଲ୍ଲା ପରିଷଦ ସଦସ୍ୟ ଗୟାଧର ବେହେରା, ସରପଞ୍ଚ ରବି ପ୍ରଧାନ, ସମିତି ସଭ୍ୟ ଗୀତା ସୋରେନ, ମଣ୍ଡଳ ସାଧାରଣ ସମ୍ପାଦକ ପିତାମ୍ବର ଭୂୟାଁ, ଶ୍ରୀନିବାସ ମହାଳିକ, ଭୀମ ତରେଇ ପ୍ରମୁଖ ଉପସ୍ଥିତ ଥିଲେ।

# ବେଆଇନ୍ ଲୋନ୍ ଆପ୍ ସମ୍ପର୍କରେ ତଥ୍ୟ ମାଗିଲା ଇଓଡବ୍ଲ୍ୟୁ

ଭୁବନେଶ୍ୱର, ୦୯/୦୬ (ନି.ପ୍ର): ବେଆଇନ୍ ଆପ୍ ଦ୍ୱାରା ଠକେଇ ହେଉଥିବା ନେଇ ଓଡ଼ିଶା ପୋଲିସର ଅର୍ଥନୈତିକ ଅପରାଧ ଶାଖା 'ଗୁଗଲ ପ୍ଲେ ଷ୍ଟୋର୍ କୁ ଚିଠି ଲେଖିଛି। ଇଓଡବ୍ଲ୍ୟୁର ଅପରାଧିକ ତଦନ୍ତ ଶାଖା ତରଫରୁ ଗୁଗଲର ଲିଗାଲ ଇନଭେଷ୍ଟିଗେସନ ସପୋର୍ଟକୁ ଲେଖାଯାଇଥିବା ଏହି ଚିଠିରେ ଉଲ୍ଲେଖ କରାଯାଇଛି ଯେ, ୪୫ଟି ଠକେଇ ଲୋନ୍ ଆପ୍ସ ସଂପର୍କରେ ତଥ୍ୟ ଦିଆଯାଉ। ଏଥି ସହିତ ଏହି ଆପ୍ ସଗୁଡ଼ିକ ଉପରେ ରୋକ୍ ଲଗାଯାଉ। ଗୁଗଲ ପ୍ଲେ ଷ୍ଟୋରରେ 'କୋକୋ ଲୋନ୍ ଓ ଜୋଲୋ ଲୋନ୍' ଆପ୍ସ ମାଧ୍ୟମରେ ଲୋନ୍ ଠକେଇ ନେଇ ପୂର୍ବରୁ ଅଭିଯୋଗ କରିଥିଲୁ। ଏହି ଆପକୁଡ଼ିକୁ ହଟାଇବା ଲାଗି କହିଛି ପ୍ଲେଷ୍ଟୋର। ଓଡ଼ିଶା ପୋଲିସର ଅର୍ଥନୈତିକ ଅପରାଧ ଶାଖା ଗୁଗଲ ପ୍ଲେଷ୍ଟୋର୍ସରେ ଥିବା ବେଆଇନ୍ ଲୋନ୍ ଆପ୍ସ ଗୁଡ଼ିକର ଏକ ତାଲିକା ପ୍ରସ୍ତୁତ କରଛି। ସେଗୁଡ଼ିକ ହେଲା ବେଲୋନ୍ ଆପ୍, ଗୋ କ୍ୟାସ୍, ଗୋ ଗୋ ଲୋନ୍, ଆଇଏନ୍‌ଏସ୍ ଲୋନ୍, ଆସନ୍ ଲୋନ୍, ଫାଷ୍ଟକ୍ୟାସ୍/କ୍ୟାସ୍ ଫାଷ୍ଟ, ଫ୍ଲିପ୍କ୍ୟାସ୍, ରୁପି ୱାଲେଟ, ରୁପି କିଙ୍ଗ୍, ଫାଷ୍ଟ ରୁପି, ଇଜି କ୍ରେଡିଟ୍ ଲୋନ୍, କ୍ୟାସ୍ କୋଲା, ଇନଫାଇନେଟି, ସନ୍ସାଇନ୍, ଏଜାଇଲ ଲୋନ୍, ଆଗ୍ଲୋନ୍, କ୍ରେଡିଟ୍ ୱାଲେଟ୍, ଓବି କ୍ୟାସ୍ ୱାଲେଟ୍, ଅନ୍‌ଷ୍ଟ୍ରିମ୍ ଆପ୍ ଓ ମନି ଟ୍ରି ଆପ୍ ଭଳି ଅନେକ ଆପ୍ ମାଧ୍ୟମରେ ଠକେଇ ହେଉଛି। ଉପରୋକ୍ତ ଆପ୍ ଗୁଡ଼ିକ ଆର୍ଥିକ କାରବାର ପାଇଁ ବିପଦ। ଏହିଗୁଡ଼ିକ ସ୍ଥାନୀୟ ସରକାର ଓ ପ୍ରଶାସନର ନିୟମକୁ ପାଳନ କରନ୍ତି ନାହିଁ। ସେହିପରି ଭାରତୀୟ ରିଜର୍ଭ ବ୍ୟାଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ ନୁହନ୍ତି। ବେଆଇନ୍ ଭାବେ ଲୋକଙ୍କ ଠାରୁ ବାର୍ଷିକ ସୁଧ ଆଦାୟ କରନ୍ତି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଯେ, ଠକେଇ ଆପ୍ସଗୁଡ଼ିକ ଆରବିଆଇ ଦ୍ୱାରା ଲାଇସେନ୍ସପ୍ରାପ୍ତ କି ନୁହଁନ୍ତି, ତାହା ମଧ ଆପ୍ସରେ ତଥ୍ୟ ଦେଇ ନାହାନ୍ତି।

# ଲିଡ଼ ବ୍ୟାଙ୍କ ସଂଯୋଜନାରେ ଋଣ ସଂଯୋଗୀକରଣ ମେଳା




ଭଦ୍ରକ, ୦୯/୦୬ (ନି.ପ୍ର): କେନ୍ଦ୍ର ସରକାରଙ୍କ ଅର୍ଥମନ୍ତ୍ରଣାଳୟ ପକ୍ଷରୁ ଆଜାଦୀ କା ଅମୃତ ମହୋତ୍ସବରେ ଆଇକନିକ ସପ୍ତାହ ପାଳନ ଅବସରରେ ଗତ ୮.୬.୨୦୨୨ ରିଖ ବୁଧବାର ଦିନ ଭଦ୍ରକ ଟାଉନହଲରେ ଭଦ୍ରକ ଲିଡ଼୍‌ବ୍ୟାଙ୍କ ଆନୁକୂଲ୍ୟରେ ବୃହତ ଋଣ ସଂଯୋଗୀ କରଣ ମେଳା ଅନୁଷ୍ଠିତ ହୋଇଯାଇଛି। ଏଲ୍.ଡ଼ି.ଏମ୍.ଏନ୍ ନାଗେଶ୍ୱର ରାଓଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଭଦ୍ରକ ଲୋକ ସଭା ସାଂସଦ ମଞ୍ଜୁଲତା ମଣ୍ଡଳ, ସମ୍ମାନିତ ଅତିଥିଭାବେ ଭଦ୍ରକ ବିଧାୟକ ସଂଜୀବ ମଲ୍ଲିକ୍ ଏବଂ ସି.ଇ.ଓ. ବି.ବି.ସି.ସି. ବ୍ୟାଙ୍କ ଲିମିଟେଡ୍ ବାଲେଶ୍ୱର ଯୋଗ ଦେଇ ଋଣ ସଂଯୋଗୀ କରଣ ମେଳାର ଉପାଦେୟତା, ସାମାଜିକ ସୁରକ୍ଷା, ଆର୍ଥିକ ସାକ୍ଷରତା, ବୀମା, ପେନସନ୍ ଆଦି ସମ୍ବନ୍ଧରେ ଆଲୋଚନା ରଖିଥିଲେ। ଜୁନ୍ ୬ରେ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଶୁଭାରମ୍ଭ କରାଯାଇଥିବା ସମର୍ଥ.ଇନ୍ ପୋର୍ଟାଲ ସମ୍ବନ୍ଧରେ ଏଲ.ଡ଼ି.ଏମ୍. ସୂଚନା ଦେଇଥିଲେ। ବିଭିନ୍ନ ଯୋଜନାରେ ସମୁଦାୟ ୩୭୦୧ ହିତାଧିକାରୀଙ୍କୁ ୩୯.୫୮ କୋଟି ଟଙ୍କାର ଋଣ ମଞ୍ଜୁର କରାଯାଇଥିବା ନେଇ ପ୍ରକାଶ କରାଯାଇଥିଲା। ବିଶେଷକରି କୃଷି, ପାଇକାରୀ ବ୍ୟବସାୟ, ଏମ୍.ଏସ୍.ଏମ୍.ଇ. ପ୍ରଧାନମନ୍ତ୍ରୀ ସ୍ୱନିଧି ଯୋଜନା ମୁଦ୍ରା ଯୋଜନା, ସ୍ୱୟଂ ସହାୟିକା ଗୋଷ୍ଠୀଙ୍କ ପାଇଁ ଋଣ ବ୍ୟବସ୍ଥା ପ୍ରଧାନମନ୍ତ୍ରୀ ଜନଜୀବନ ବୀମା ଯୋଜନା, ଅଟଳ ପେନସନ ଯୋଜନା ଭଳି ସାମାଜିକ ସୁରକ୍ଷା ସମ୍ବନ୍ଧୀୟ ବିଭିନ୍ନ ଯୋଜନା ସମ୍ବନ୍ଧରେ ଆଲୋକପାତ କରାଯାଇଥିଲା। ଋଣ ପ୍ରଦାନ ପାଇଁ ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମାଯୋଜନାରେ ୩୦୭୧ ହିତାଧିକାରୀ ତାଲିକାଭୁକ୍ତ ହୋଇଥିଲାବେଳେ ପ୍ରଧାନମନ୍ତ୍ରୀ ଜନଜୀବନ ବୀମା ଯୋଜନାରେ ୧୫୮୭ ଏବଂ ଅଟଳ ପେନସନ୍ ଯୋଜନାରେ ୫୯୯ ହିତାଧିକାରୀ ତାଲିକାଭୁକ୍ତ ହୋଇଥିବା ସୂଚନା ପ୍ରଦାନ କରାଯାଇଥିଲା।

# ପ୍ରାଣୀସଂପଦ ଗ୍ରାମାଂଚଳର ଆର୍ଥିକ ବିକାଶର ପ୍ରମୁଖ ବାହକ: ମନ୍ତ୍ରୀ

ଭୁବନେଶ୍ୱର, ୦୯/୦୬ (ନି.ପ୍ର): ପ୍ରାଣୀସଂପଦ ଗ୍ରାମାଂଚଳର ଆର୍ଥିକ ବିକାଶ ଓ କୃଷକମାନଙ୍କର ଆୟବୃଦ୍ଧିର ଏକ ପ୍ରମୁଖ ବାହକ ହୋଇଥିବାରୁ ବିଭାଗୀୟ ଯୋଜନାଗୁଡ଼ିକର ସଫଳ ରୂପାୟନ କରି ଚାଷୀମାନଙ୍କୁ ଏହାର ସୁଫଳ ସିଧାସଳଖ ପହଂଚାଇବା ଉପରେ କୃଷି ଓ କୃଷକ ସଶକ୍ତିକରଣ, ମତ୍ସ୍ୟ ଓ ପ୍ରାଣୀସଂପଦ ବିକାଶ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଗୁରୁତ୍ୱାରୋପ କରିଛନ୍ତି । କୃଷି ଭବନଠାରେ ଆୟୋଜିତ ଏକ ବୈଠକରେ ମନ୍ତ୍ରୀ ଶ୍ରୀ ସ୍ୱାଇଁ ମତ୍ସ୍ୟ ଓ ପ୍ରାଣୀସଂପଦ ବିଭାଗର ବିଭିନ୍ନ କାର୍ଯ୍ୟକ୍ରମର ସମୀକ୍ଷା କରିଥିଲେ। ଘର ଅଗଣାରେ କୁକୁଡ଼ା ପାଳନ ଯୋଜନାର ଧାର୍ଯ୍ୟ ଲକ୍ଷ୍ୟ ବୃଦ୍ଧି ଦ୍ୱାରା ଗ୍ରାମାଞ୍ଚଳର କ୍ଷୁଦ୍ର ଓ ନାମମାତ୍ର ଚାଷୀ ପରିବାର, ମହିଳା, ଜନଜାତି ଚାଷୀମାନଙ୍କର ଜୀବିକା ନିର୍ବାହରେ ସହାୟକ ହୋଇପାରିବ ବୋଲି ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଥିଲେ। ଅଣକାର୍ଯ୍ୟକ୍ଷମ ମତ୍ସ୍ୟ ଓ ପ୍ରାଣୀସଂପଦ ବିଭାଗୀୟ ଫାର୍ମଗୁଡ଼ିକ ତୁରନ୍ତ କାର୍ଯ୍ୟକାରୀ କରିବା ପାଇଁ ମନ୍ତ୍ରୀ ଶ୍ରୀ ସ୍ୱାଇଁ ନିର୍ଦ୍ଦେଶ ଦେଇଥିଲେ। ଏଥି ସହିତ ସାମୁଦ୍ରିକ ମତ୍ସ୍ୟ ଉତ୍ପାଦନ ବୃଦ୍ଧି ଏବଂ ମତ୍ସ୍ୟ ଅବତରଣ କେନ୍ଦ୍ରଗୁଡ଼ିକର ବିକାଶ ଓ ସଂଖ୍ୟା ବୃଦ୍ଧି ଉପରେ ମନ୍ତ୍ରୀ ଗୁରୁତ୍ୱ ଦେଇଥିଲେ। ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନା ଓ କାର୍ଯ୍ୟକ୍ରମ ସଂପର୍କରେ ଚାଷୀମାନଙ୍କ ସଚେତନତା ବୃଦ୍ଧି ନିମନ୍ତେ ବିଭାଗୀୟ ସୂଚନା, ଶିକ୍ଷା, ପ୍ରସାରଣ କାର୍ଯ୍ୟକ୍ରମ ଅଧିକ ପ୍ରଭାବୀ କରିବା ପାଇଁ ମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ । ଏଥି ସହିତ ଯୋଜନାଗୁଡ଼ିକର ଦ୍ରୁତ କାର୍ଯ୍ୟାନ୍ୱୟନ ଓ ସ୍ୱଚ୍ଛତା ନିମନ୍ତେ ନୂତନ ପ୍ରଯୁକ୍ତି ବିଦ୍ୟାର ଉପଯୋଗ କରିବା ଏବଂ ବ୍ଲକ୍ ଓ ପଂଚାୟତ ସ୍ତରରେ ଖାଲିଥିବା ବିଭାଗୀୟ ପଦବୀଗୁଡ଼ିକର ପୂରଣ ନିମନ୍ତେ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ମନ୍ତ୍ରୀ ଶ୍ରୀ ସ୍ୱାଇଁ ନିର୍ଦ୍ଦେଶ ଦେଇଥିଲେ ।

❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❐ ସଂପାଦିକା : **ସୈରିନ୍ଧ୍ରୀ ସାହୁ**
Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704
❐ Managing & Executive Editor : Srustidhar Parida
❐ Editor: Sairindhree Sahoo